୬ ଚାମ୍ପିଅନ୍ସ ଟ୍ରଫିକୁ ନେଇ ରୋହିତଙ୍କ ବଡ଼ ବୟାନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୨ ● ସଂଖ୍ୟା-୨୫୧ ● ୯ ଅକ୍ଟୋବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-251 ● 9th October 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ମୁଖ୍ୟମନ୍ତ୍ରୀଙ୍କ ଆଇନ୍ ଶୃଙ୍ଖଳା ସମୀକ୍ଷା

# ବିଶୃଙ୍ଖଳାକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୧୦
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଦିନ ଲୋକସେବା ଭବନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିବା ସହିତ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀ ତଥା ଅନ୍ୟାନ୍ୟ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡ଼ା ନଜର ରଖିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ଶାନ୍ତିପୂର୍ଣ୍ଣ ରାଜ୍ୟଭାବେ ପରିଚିତ ଓଡିଶାର ଛବିକୁ ମଳିନ କରିବା ପାଇଁ କିଛି ଉଦ୍ଦେଶ୍ୟ ପ୍ରଣୋଦିତ ଗୋଷ୍ଠୀ ଉଦ୍ୟମ କରୁଛନ୍ତି। ସେମାନଙ୍କୁ ଦୃଢହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରି ଏପରି ବ୍ୟକ୍ତିମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ ସେ ପୋଲିସ ଉଚ୍ଚ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

କଟକ ଘଟଣାରେ ପରିସ୍ଥିତି ସ୍ୱାଭାବିକ ହେଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କର୍ଫ୍ୟୁ ଉଠିବା ସହିତ ଇଣ୍ଟରନେଟ ସେବା ପୁନଃସ୍ଥାପିତ ହୋଇଛି ବୋଲି ଜଣାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପରିସ୍ଥିତି ସାମାନ୍ୟ ହେଲେ ମଧ ପୋଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଂ ଜାରି ରଖାଯାଉ।

ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୋଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାଇଚାରାର ସହର କଟକର ଅଧିବାସୀଙ୍କୁ *(ପୃଷ୍ଠା ୭ରେ)*

## ହିମାଚଳ ଭୂସ୍ଖଳନରେ ୧୮ ମୃତ

# ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ : ସହାୟତା ରାଶି ଘୋଷଣା

ବିଳାସପୁର, ୮।୧୦

ହିମାଚଳପ୍ରଦେଶର ବିଳାସପୁର ଜିଲ୍ଲାରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ ଧରଣର ଭୂସ୍ଖଳନ ଘଟି ମାଟି ଅତଡ଼ା ତଳେ ଏକ ବସ୍ ପୋତିହୋଇପଡ଼ିବାରୁ ଅନ୍ୟୂନ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ବହୁସଂଖ୍ୟାରେ ଲୋକ ମାଟିପଥର ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ପୋଲିସ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ପହଞ୍ଚିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ବିଳାସପୁର ଡେପୁଟି କମିଶନର ରାହୁଲ କୁମାର କହିଛନ୍ତି। ବସ୍‌ଟି ମାରୋଟାନରୁ ଘୁମାରୱିନ୍ ଯାଉଥିବାବେଳେ ସେଥିରେ ୩୦ରୁ ୩୫ ଜଣ ଯାତ୍ରୀ ଥିଲେ ବୋଲି କୁହାଯାଉଛି। ବାଲୁ ବ୍ରିଜ୍ ନିକଟରେ ଭୂସ୍ଖଳନ ହେବାରୁ ପାହାଡ଼ ପାର୍ଶ୍ୱ ରାସ୍ତାରେ ଯାଉଥିବା ଘରୋଇ ବସ୍‌ଟି ମାଟିପଥର ତଳେ ପୋତିହୋଇପଡ଼ିଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଦୁଃଖ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏହି କଷ୍ଟକର ସମୟରେ ମୋର ଚିନ୍ତାଧାରା ପ୍ରଭାବିତ ଲୋକ ଏବଂ ସେମାନଙ୍କ ପରିବାର ସହିତ ଅଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପ୍ରଭାବିତ ଲୋକଙ୍କ ପାଇଁ କ୍ଷତିପୂରଣ ଘୋଷଣା ମଧ କରିଛି।




ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଦୁର୍ଘଟଣା ସମ୍ପର୍କରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରିଛି। ପୋଷ୍ଟରେ, ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ହିମାଚଳ ପ୍ରଦେଶର ବିଳାସପୁରରେ ଦୁର୍ଘଟଣାରେ ପ୍ରାଣହାନି ଯୋଗୁଁ ମୁଁ ଦୁଃଖିତ। ଏହି କଷ୍ଟକର ସମୟରେ ପ୍ରଭାବିତ ଲୋକ ଏବଂ ସେମାନଙ୍କ ପରିବାର ସହିତ ମୋର ଚିନ୍ତାଧାରା ରହିଛି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ଦୁର୍ଘଟଣାରେ ମୃତକଙ୍କ ନିକଟତମ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦,୦୦୦ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ।

## ଆଜିର ମୁଖ୍ୟ ଖବର

- ଭାରତ ଓ ଚୀନ ପାଞ୍ଚ ବର୍ଷ ପରେ ପୁନଃ ବିମାନ ସେବା ଚାଲୁ କରିବେ।
- ଗାଜାରେ ଯୁଦ୍ଧବିରତି ଆଲୋଚନା ବିଫଳ ହେବାରୁ ମାନବିକ ସଙ୍କଟ ତୀବ୍ର ।
- ଋଷ ନୂତନ ଆଣବିକ ମିସାଇଲ ପରୀକ୍ଷା କରି ବିଶ୍ୱ ନେତାମାନଙ୍କ ଚିନ୍ତା ବଢ଼ାଇଲା।
- ଯୁକ୍ତରାଷ୍ଟ୍ର ରାଷ୍ଟ୍ରପତି ନୂତନ ଆଶ୍ରୟ ନୀତି ଘୋଷଣା କରିଲେ ଯେଉଁଥିରେ ଅବୈଧ ପ୍ରବେଶକୁ ରୋକାଯିବ।
- ଫ୍ରାନ୍ସରେ ଇନ୍ଧନ ମୂଲ୍ୟ ବୃଦ୍ଧି ବିରୋଧରେ ରାସ୍ତାରେ ଲକ୍ଷ ଲକ୍ଷ ଲୋକ ବିକ୍ଷୋଭ ପ୍ରଦର୍ଶନ କଲେ।
- ଜାପାନରେ ଭୂମିକମ୍ପ ଆସି ଅନେକ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ହୋଇଗଲା।
- ପୁରୀ ଶୀଘ୍ର ରାଜ୍ୟର ଛଅନମ୍ବର ନଗର ନିଗମ ହେବାକୁ ଯାଉଛି।
- ମାଲକାନାଗିରି : ସୀମାନ୍ତ ତେଲେଙ୍ଗାନା ପୁଲିସ ନିକଟରେ ନକ୍ସଲ ସଂଗଠନର ଜଣେ ଆଗଧାଡିର ମାଓ ନେତା ମନ୍ଦା ରୁବେନ(୬୭) ଆତ୍ମସମର୍ପଣ।
- ଇସ୍ରାଏଲ-ହମାସ ଯୁଦ୍ଧକୁ ଦୁଇ ବର୍ଷ ପୂର୍ତ୍ତି।
- ଭାରତୀୟ ରିଫାଇନାରୀମାନେ ରୁଷିଆ ତୈଳ କ୍ରୟ ବଢ଼ାଇବେ।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୧୦
ନ୍ୟୁଜ୍ ବ୍ୟୁରୋ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ବୈଠକର ନିଷ୍ପତ୍ତି ଅନୁଯାୟୀ ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ "ପାଥେର ପୁରୀ"ର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ ।



ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ "ଥିମ୍ ପାଭିଲିୟନ୍" ନିର୍ମାଣ କରାଯିବ। ଇଣ୍ଡୋନେସିଆକୁ ଚଳିତ ବର୍ଷ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ। ଦକ୍ଷିଣ ଏସିଆର କେତକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ନିମନ୍ତେ ମଧ ଅନୁରୋଧ କରାଯିବ ।

ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ସହାୟତା ପ୍ରଦାନ ପରେ କେନ୍ଦ୍ରାପଡ଼ାର ମହାକାଳପଡ଼ାର ବିଧାୟକଙ୍କ ଅନୁରୋଧ କ୍ରମେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ *(ପୃଷ୍ଠା ୭ରେ)*

# ବାଲିଯାତ୍ରା ପଡ଼ିଆର ୫ କିଲୋମିଟର ପରିଧିକୁ 'ଡ୍ରୋନ୍ ମୁକ୍ତ ଅଞ୍ଚଳ' ଘୋଷଣା

ଭୁବନେଶ୍ୱର, ୮।୧୦
ନ୍ୟୁଜ୍ ବ୍ୟୁରୋ

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ନଭେମ୍ବର ୫ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଆୟୋଜନ କରାଯାଉଛି । ଏହି ସମୟ ମଧ୍ୟରେ କଟକରେ ପ୍ରତିବର୍ଷ ୫୦ ଲକ୍ଷରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଭୟ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ୬୦ ଏକରରୁ ଅଧିକ ପରିବ୍ୟାପ୍ତ ସ୍ଥାନରେ ବିଶାଳ ଆକାରରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ସମୟରେ, ଅନେକ ଭିଭିଆଇପି ଏବଂ ଭିଆଇପି ଅତିଥି ଐତିହାସିକ ମହୋତ୍ସବ ଦେଖିବା ପାଇଁ ଯୋଗଦେବାର ଆଶା କରାଯାଉଛି। ସୁରକ୍ଷା ଏବଂ ନିରାପତ୍ତା ଦୃଷ୍ଟିରୁ



ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆ ଏବଂ ଆଖପାଖ ଅଞ୍ଚଳ ଉପରେ ପାରା ଗ୍ଲାଇଡର, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, ୟୁଏଭି କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରିବା ସହ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆ ଠାରୁ ୫ କିଲୋମିଟର ପରିଧି ମଧ୍ୟରେ ଥିବା ଅଞ୍ଚଳକୁ 'ଡ୍ରୋନ୍ ମୁକ୍ତ ଅଞ୍ଚଳ' ଭାବରେ ଘୋଷଣା କରିଛନ୍ତି। ୨୦୨୫ ନଭେମ୍ବର ୧ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ଡ୍ରୋନ୍ ମୁକ୍ତ ଅଞ୍ଚଳ ଉପରେ ପାରା ଗ୍ଲାଇର୍ଡ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇର୍ଡ, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍ କିମ୍ବା ଡ୍ରୋନ୍ ଉଡ଼ାଣକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି। ଏହି ଆଦେଶର ଉଲ୍ଲଂଘନ କଲେ ଏନଫୋର୍ସମେଣ୍ଟ ଦଳ ଦ୍ୱାରା ନିଷିଦ୍ଧ ସାମଗ୍ରୀ ଜବତ କରାଯିବ ଏବଂ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତେଣୁ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ପରିଧି ମଧ୍ୟରେ ଏପରି କୌଣସି ଉପକରଣ ପରିଚାଳନା କରିବା ପୂର୍ବରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନ୍ୟାୟିକ ବିଭାଗରୁ ଆବଶ୍ୟକ ଅନୁମତି ନେବାକୁ ଅନୁରୋଧ କରାଯାଇଛି।

## ସୁନା ଦର

୨୪ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୨,୩୯୩ (+୧୯୧)
୨୨ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୧,୩୬୦ (+୧୭୫)
୧୮ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୯,୨୯୫ (+୧୪୩)

## ରୁପା ଦର

ରୁପା – ପ୍ରତି ଗ୍ରାମ ୧୭୦ (+୨.୯୦)

# ଏସ୍‌ଆଇ ପରୀକ୍ଷାରେ ଅନିୟମିତତା
# ୧୧୯ ଜଣଙ୍କ ଜାମିନ୍ ଆବେଦନ ଖାରଜ

ଭୁବନେଶ୍ୱର, ୮।୧୦
ନ୍ୟୁଜ୍ ବ୍ୟୁରୋ

ଏସ୍‌ଆଇ ପରୀକ୍ଷା ଅନିୟମିତତା ମାମଲାରେ ୧୧୯ ଜଣଙ୍କ ଜାମିନ୍ ଆବେଦନ ଖାରଜ ହୋଇଛି। ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ ଗିରଫ ହୋଇଥିବା ୧୧୪ ପରୀକ୍ଷାର୍ଥୀ ଏବଂ ୫ ଜଣ ଦଲାଲଙ୍କ ଜାମିନ୍ ଆବେଦନ ଖାରଜ କରିଛନ୍ତି।

ସେପଟେ ପୋଲିସ୍ ସବ୍ ଇନ୍ସପେକ୍ଟର ପରୀକ୍ଷା ଅନିୟମିତତା ମାମଲାରେ ତନାଘନା ଜାରି ରହିଥିବାବେଳେ ବାଲେଶ୍ୱରରୁ ଆଉ ଜଣେ ଅଭିଯୁକ୍ତକୁ ଅଟକ ରଖାଯାଇଥିଲା। ସଦର ଥାନା ରଣସାହିରୁ ଚନ୍ଦନ ମଲ୍ଲିକଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଥିଲା। ଶନିବାର ବାଲେଶ୍ୱର ଜିଲ୍ଲା ସିଂଲା ଥାନା ନାବରା ଗାଁର ଅରବିନ୍ଦ ଦାସଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରାଯାଇଥିଲା। ତେବେ ଏହି ଘଟଣାରେ ଅରବିନ୍ଦ ମଧ୍ୟସ୍ଥ ଭାବେ କାମ କରୁଥିଲା। ଆଶାୟୀ ପ୍ରାର୍ଥୀଙ୍କ ସହ ସେ ନିୟମିତ ଭାବେ ଯୋଗାଯୋଗ କରିବା ସହ ପ୍ରଶ୍ନପତ୍ର ପ୍ରଦାନ କରୁଥିଲା। ଏହାର ପ୍ରତି ବଦଳରେ ଆଶାୟୀ ପ୍ରାର୍ଥୀଙ୍କଠାରୁ ସେମାନଙ୍କର ଅସଲି ଶିକ୍ଷାଗତ ପ୍ରମାଣ ପତ୍ର ସଂଗ୍ରହ କରୁଥିଲା।

# ରସାୟନ ବିଜ୍ଞାନରେ ତିନି ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର

ଷ୍ଟକହୋମ୍, ୮।୧୦

ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ଅଷ୍ଟ୍ରେଲିଆର ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରବସନ ଏବଂ ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ବର୍କଲେର ଓମାର ଏମ. ୟାଘିଙ୍କୁ ୨୦୨୫ ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିଛି। ଏମାନେ ମେଟାଲ-ଅର୍ଗାନିକ ଫ୍ରେମୱାର୍କ (ଏମ୍‌ଓଏଫ୍)ନାମକ ଏକ ଅଭୂତପୂର୍ବ ପଦାର୍ଥ ତିଆରି କରିଥିବାରୁ ଏହି ସମ୍ମାନ ପାଇଛନ୍ତି।

ଏହି ସ୍ଫଟିକ ପଦାର୍ଥ ଧାତୁ ଆୟନ ଓ ଜୈବିକ ଅଣୁକୁ ଯୋଡ଼ି ଅତି ଛିଦ୍ରଯୁକ୍ତ ଗଠନ ସୃଷ୍ଟି କରେ, ଯାହା ଗ୍ୟାସ ଓ ଅଣୁକୁ ଜାଳି ରଖିବା, ସଂରକ୍ଷଣ ଓ ପରିଚାଳନା କରିପାରେ। ଏହା କାର୍ବନ ଡାଇଅକ୍ସାଇଡ୍ ଧରିବା, ଜଳ ଶୁଦ୍ଧିକରଣ, ରାସାୟନିକ ପ୍ରତିକ୍ରିୟା ତ୍ୱରାନ୍ୱିତ କରିବା ଓ ହାଇଡ୍ରୋଜେନ ଇନ୍ଧନ ସଂରକ୍ଷଣ ଆଦି କ୍ଷେତ୍ରରେ ବିପ୍ଲବ ଆଣିଛି।



୧୯୮୯ ରେ ରିଚାର୍ଡ ରବସନ ଏହି ଗଠନର ପ୍ରାରମ୍ଭିକ ପରୀକ୍ଷଣ କରିଥିଲେ। ୧୯୯୦ ଦଶକରେ ସୁସୁମୁ କିଟାଗାୱା ଏହାର ଗ୍ୟାସ ଶୋଷଣ ଓ ମୁକ୍ତି କ୍ଷମତା ପ୍ରଦର୍ଶନ କରିଥିଲେ। ଓମାର ୟାଘି ଅଧିକ ସ୍ଥାୟୀ ଏମ୍‌ଓଏଫ୍ ତିଆରି କରି ଏହାର ନିର୍ଦ୍ଦିଷ୍ଟ ଗୁଣ ନିୟନ୍ତ୍ରଣ ପାଇଁ ପଦ୍ଧତି ପ୍ରତିଷ୍ଠା କରିଥିଲେ। ଏହି ଆବିଷ୍କାର ପରିବେଶ ଓ ଶକ୍ତି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ପ୍ରତିବାଦରେ
## ଓକିଲଙ୍କ ରାଜ୍ୟବ୍ୟାପୀ କଲମ ଛାଡ ଆନ୍ଦୋଳନ

ଭୁବନେଶ୍ୱର, ୮।୧୦
ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ନିର୍ମମ ହତ୍ୟା ପ୍ରତିବାଦରେ ସାରା ଓଡ଼ିଶାର ଓକିଲମାନେ ବୁଧବାରରୁ ରାଜ୍ୟବ୍ୟାପୀ କଲମ ଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଓଡ଼ିଶା ରାଜ୍ୟ ବାର୍ କାଉନସିଲର ଏକ ଜରୁରୀକାଳୀନ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି, ଯେଉଁଠାରେ ଏହି ଜଘନ୍ୟ ହତ୍ୟାକୁ ତୀବ୍ର ନିନ୍ଦା କରାଯାଇ ଏହାକୁ ଅତ୍ୟନ୍ତ ନିନ୍ଦନୀୟ ଓ ଦୁଃଖଦ ଘଟଣା ବୋଲି କୁହାଯାଇଛି।

ବୈଠକ ପରେ ଜାରି ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ କାଉନସିଲ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ହତ୍ୟା ହଙ୍ଗାମା ଦଙ୍ଗା ଲୁଟ୍
ଠକାମୀ ଓ କେଲେଙ୍କାରୀ
ଦୁଷ୍କର୍ମ ଅଧର୍ମ ସବୁ ବଢିଚାଲେ
ଜନେ ଯେ ଦେଖଣାହାରୀ
ନେତାଙ୍କ ବୟାନ ଲୋରି
ଫଳ କିଛି ଫଳିବକି ନାହିଁ
ଦେଖିବାକୁ ବାକି ହରି।

# ଘଣ୍ଟାଏ ବର୍ଷାରେ ଭୁବନେଶ୍ୱର ଉବୁଟୁବୁ



ଭୁବନେଶ୍ୱର, ୮।୧୦
ନ୍ୟୁଜ୍ ବ୍ୟୁରୋ

ରାଜଧାନୀରେ ହଠାତ୍ ବଦଳିଗଲା ପାଗ। ମାଡି ଆସିଲା ଘନ ଅନ୍ଧାର । ପ୍ରଚଣ୍ଡ ଶବ୍ଦରେ ବିଜୁଳି ଘଡ଼ଘଡ଼ି ସହିତ ତୁହାକୁ ତୁହା ବର୍ଷା । ଏପଟେ କଳା ଅନ୍ଧାରକୁ ସେପଟେ ଢ଼ୋ ଢ଼ୋ ବର୍ଷା । ହଠାତ୍ ପାଗର ମିଜାଜ ବଦଳିଯିବା ପରେ ବେହାଲ ହୋଇଗଲା ଭୁବନେଶ୍ୱର । ଘଣ୍ଟାଏରୁ ଅଧିକ ସମୟ ଧରି ଭୁବନେଶ୍ୱରରେ ବର୍ଷା ଛେଚିଲା ଯେ ଛେଚିଲା । ନା କମିବାର ନା ଧରୁଥିଲା ନା ପୂରା ଛାଡୁଥିଲା । ପ୍ରବଳ ବର୍ଷା ପରେ ରାଜଧାନୀ ଉବୁଟୁବୁ ହୋଇଗଲା। ରାସ୍ତା ସବୁ ନଈର ଭ୍ରମ ସୃଷ୍ଟି କଲା । ପରିସ୍ଥିତି ଏପରି ହୋଇଥିଲା ରାଜଧାନୀର ଅଧିକାଂଶ ଅଞ୍ଚଳ ସଂପୂର୍ଣ୍ଣ ଜଳାର୍ଣ୍ଣବ ପାଲଟି ଯାଇଥିଲା। ଲୋକେ ଘରୁ ପଦାକୁ ବାହାରି ପାରିନଥିଲେ।

ରାସ୍ତାରେ ନଦୀ ସ୍ରୋତ ଭଳି ପାଣି ଚାଲିଲା। ଗଳି କନ୍ଦି, ସାହିବସ୍ତି, ତଳିଆ ଅଞ୍ଚଳରେ ପାଣି ପଶିଯାଇଥିଲା । ଏନଏଚ ଉପରେ ପାଣି ତ ଏନଏଚ ତଳେ ପାଣି । ଏତେ ପାଣି ଜମି ରହିଥିଲା ଯେ ଗାଡି ବୁଡିଯାଉଥିଲା, କେଉଁଠି ବୁଲେଟ୍ ଭାସିଗଲା। କେଉଁଠି ଆଣ୍ଠୁଏ ଆଣ୍ଠୁଏ ତ କେଉଁଠି ପୁଣି ଅଣ୍ଟାଏ ପାଣି । ଚାରିଆଡେ ଜଳବନ୍ଦୀ ସ୍ଥିତରେ ଫସି ରହିଲା ରାଜଧାନୀ। ବର୍ଷା ଯୋଗୁ ଟ୍ରାଫିକ୍ ପୋଷ୍ଟ ଜାମ୍ ହୋଇଯାଇଥିଲା। ଲୋକଙ୍କ ଭିଡ ସବୁଆଡେ ଦେଖିବାକୁ ମିଳିଥିଲା। *(ପୃଷ୍ଠା ୭ରେ)*

# ଆହୁରି ୫ ଦିନ ବର୍ଷାରୁ ନିସ୍ତାର ନାହିଁ

ଭୁବନେଶ୍ୱର, ୮।୧୦
ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ବାଂଲାଦେଶ ଓ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ୯ ତାରିଖ ଯାଏଁ ଏହା ସକ୍ରିୟ ରହିବା ସହ ରାଜ୍ୟରେ ଜାରି ରହିବ ବଜ୍ରପାତ ଜନିତ ବର୍ଷା। ବିଶେଷକରି ଉପକୂଳ ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାରେ ତୀବ୍ରତା ଅଧିକ ରହିପାରେ। ତେବେ ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ଏହିପରି ପ୍ରଭାବ।

ଏଥିସହ ୧୦ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ଅଞ୍ଚଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ବିଶେଷ ଘନୀଭୂତ ହେବାର ସମ୍ଭାବନା ନାହିଁ। ତଥାପି କିଛି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଜାରି ରହିବ। ଓଡ଼ିଶାରୁ ମୌସୁମୀ ବିଦାୟ ନେବାର ସମୟ ୧୫ ତାରିଖ ହୋଇଥିବା ବେଳେ ଆଗାମୀ ୫ ଦିନରେ ମୌସୁମୀ ବିଦାୟ ନେବା ପାଇଁ ପାଗ ଅନୁକୂଳ ନଥିବା ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଥିବା ବେଳେ ପାଣିପାଗ ବିଶେଷଜ୍ଞଙ୍କ ଆକଳନ ୧୭ ଅକ୍ଟୋବର ପରେ ରାଜ୍ୟରୁ ଧୀରେ ଧୀରେ ବାୟୁ ଚଳାଚଳର ଦିଗ ବଦଳିବା ସହିତ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରୁ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ହେବ ।





# ଖତ ଖାଉଛି ସ୍ମାର୍ଟସିଟି ଭୁବନେଶ୍ୱରରେ ଯନ୍ତ୍ରଚାଳିତ ଡିଜିଟାଲ ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ମାର୍ଟ ସହରର ମାନ୍ୟତା ପରେ ରାଜଧାନୀ ଭୁବନେଶ୍ୱରକୁ ସ୍ମାର୍ଟ ରୂପ ଦେବାକୁ ସରକାର ପାଣି ଭଳି କୋଟି କୋଟି ଟଙ୍କା ଖର୍ଚ୍ଚ କଲେ। ସହରର ନବକଳେବର ସ୍ୱରୂପ ରାସ୍ତାଘାଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିକାଶକୁ ଅଗ୍ରାଧିକାର ଦିଆଗଲା। ରାଜଧାନୀକୁ ଅତ୍ୟାଧୁନିକ ଜ୍ଞାନସମ୍ପନ୍ନ ଯନ୍ତ୍ରାଂଶରେ ଭରି ଦିଆଗଲା। ମାନବ ସମ୍ବଳ ବଦଳରେ ଯନ୍ତ୍ରଚାଳିତ ତଥା ଡିଜିଟାଲ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଗଲା। କିନ୍ତୁ ପ୍ରକଳ୍ପ ଶେଷ ପରେ ଏହାକୁ ଆଡ଼ଆଖିରେ କେହି ଅନାଉନାହାନ୍ତି। ଫଳସ୍ୱରୂପ ଏହି ଯନ୍ତ୍ରଚାଳିତ ଡିଜିଟାଲ୍ ବ୍ୟବସ୍ଥା ଖତ ଖାଇବାରେ ଲାଗିଛି। ଜନସାଧାରଣଙ୍କୁ ସହଜରେ ସରକାରୀ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ରାଜଧାନୀରେ ବସିଥିବା ଡିଜିଟାଲ୍ ସ୍ମାର୍ଟ କିଓସ୍କର ଅଧିକାଂଶ ଅଚଳ ଅବସ୍ଥାରେ ପଡ଼ିଛି। ରାମମନ୍ଦିର ନିକଟରେ ଲାଗିଥିବା ସ୍ମାର୍ଟ କିଓସ୍କ ଦେଖିଲେ ଯେ କେହି ଏହାର ସ୍ଥିତି ଜାଣିପାରିବ। ଗତ ବିଧାନସଭାରେ ବି ଏହି ପ୍ରସଙ୍ଗ ଉଠିଛି। ଭୁବନେଶ୍ୱର-ମଧ ବିଧାୟକ ଅନନ୍ତ ନାରାୟଣ ଜେନା ବିଧାନସଭାରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଏହି ପ୍ରଶ୍ନ କରିଥିଲେ। କେତେ ସ୍ମାର୍ଟ କିଓସ୍କ ସଚଳ ଓ କେତେ ଅଚଳ ଅବସ୍ଥାରେ ରହିଛି, ତାହାର ଜବାବ ମାଗିଥିଲେ। ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବି ବହୁ ଜାଗାରେ ସ୍ମାର୍ଟ କିଓସ୍କ ଅଚଳ ଅବସ୍ଥାରେ ପଡ଼ିଥିବା ସ୍ୱୀକାର କରିଛନ୍ତି। ୨୦୧୬ ମସିହାରେ ଭୁବନେଶ୍ୱର ସ୍ମାର୍ଟସିଟିର ମାନ୍ୟତା ପାଇଥିଲା। ଏହା ପରେ ପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ଭୁବନେଶ୍ୱରକୁ ସ୍ମାର୍ଟରୂପ ଦେବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଯାଇଥିଲା। ଏହାର ଏକ ପ୍ରମୁଖ ଅଂଶବିଶେଷ ଥିଲା ସ୍ମାର୍ଟ କିଓସ୍କ। ଭୁବନେଶ୍ୱର ମହାନଗର ନିଗମ ସହଯୋଗରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପକ୍ଷରୁ ୨୦୧୯ ମସିହାରେ ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ଛକ ଓ ୱାର୍ଡ କାର୍ଯ୍ୟାଳୟମାନଙ୍କରେ ସ୍ମାର୍ଟ କିଓସ୍କ ସ୍ଥାପନ କରାଗଲା। ସେ ସମୟରେ ଏ ବାବଦରେ କୋଟି କୋଟି ଟଙ୍କା ବ୍ୟୟ କରି ୭୫ଟି ସ୍ମାର୍ଟ କିଓସ୍କ ସ୍ଥାପନ କରାଯାଇଥିଲା। ଯେଉଁଗୁଡ଼ିକ ୱାର୍ଡ କାର୍ଯ୍ୟାଳୟ ପରିସରରେ ସ୍ଥାପନ ହେଲା, ତାକୁ ଇନ୍‌ଡୋରସ୍ମାର୍ଟ କିଓସ୍କ ଓ ଯେଉଁଗୁଡ଼ିକ ପ୍ରମୁଖ ଛକମାନଙ୍କରେ ସ୍ଥାପନ ହେଲା, ତାକୁ ଆଉଟ୍‌ଡୋର ସ୍ମାର୍ଟ କିଓସ୍କ କୁହାଗଲା। ନଗର ଉନ୍ନୟନ ବିଭାଗ ତଥ୍ୟ ଅନୁସାରେ ୭୫ଟି ସ୍ମାର୍ଟ କିଓସ୍କରୁ ୫୦ଟି ବିଭିନ୍ନ ୱାର୍ଡ କାର୍ଯ୍ୟାଳୟରେ ସ୍ଥାପିତ ହୋଇଥିଲା। ବାକି ୨୫ଟି ସହରର ପ୍ରମୁଖ ଛକରେ ସ୍ଥାପନ କରାଯାଇଥିଲା। ଜନପଥ, ପ୍ଲାନେଟୋରିୟମ, ଜୟଦେବବିହାର-ନନ୍ଦନକାନନ ରାସ୍ତା ଆଦି ସ୍ଥାନରେ ଏସବୁ ବସିଥିଲା। ଏହା ଉପରେ ନଜର ରଖିବା ପାଇଁ ସବୁଠି ସିସିଟିଭି ବ୍ୟବସ୍ଥା ବି ରହିଥିଲା। ସବୁ ସୌରଶକ୍ତିଚାଳିତ ଥିଲା। ଏଥିପାଇଁ ବଡ଼ ବଡ଼ ଦାମୀ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇଥିଲା। ଯେଉଁଥିରେ ଲାଇଟ୍ ବ୍ୟବସ୍ଥା ବି ରହିଥିଲା। ଉଭୟ ଦିନ ଓ ରାତିରେ ଲୋକେ ଏହି ମେସିନ୍‌କୁ ଚଳାଇ ପାରିବାର ବ୍ୟବସ୍ଥା ରହିଥିଲା। ବଡ଼ ଏଲ୍‌ଇଡି ଟଚ୍‌ସ୍କ୍ରିନ୍ ବି ଥିଲା। ଏହି ସ୍ମାର୍ଟ କିଓସ୍କର ପ୍ରମୁଖ କାମ ଥିଲା, ଜନସେବାକୁ ସହଜ କରିବା। ଏଥିରେ ଟ୍ରେଡିଂ ଲାଇସେନ୍ସ, ବିବାହ ପଞ୍ଜୀକରଣ, ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ଆବେଦନ, ହୋଲ୍ଡିଂ ଟିକସ ଆଦାୟ ସହ ଟ୍ରେନ୍, ବସ୍ ଟିକେଟ୍ ବୁକିଂ ବ୍ୟବସ୍ଥା ରହିଥିଲା। ବିଲ୍ଡିଂ ପ୍ଲାନ, ସେସ୍‌ପୁଲ୍ ବୁକିଂ, ବିଏମ୍‌ସି କଲ୍ୟାଣମଣ୍ଡପ ବୁକିଂ ଆଦି ସୁବିଧା ଥିଲା। ଜିପିଏସ୍ ମ୍ୟାପ୍ ଓ ଅନ୍ୟାନ୍ୟ ସୁବିଧା ରହିଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହି ଯୋଜନା ବିଫଳ ହୋଇଛି। ନଗର ଉନ୍ନୟନ ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି, ଇନ୍‌ଡୋର ସ୍ମାର୍ଟ କିଓସ୍କ କାର୍ଯ୍ୟକ୍ଷମ ଅଛି। କିନ୍ତୁ ଆଉଟ୍‌ଡୋର ସ୍ମାର୍ଟ କିଓସ୍କରୁ ୧୦ଟି ସଚଳ ଅଛି ଏବଂ ବାକି ଅଚଳ ଅବସ୍ଥାରେ ପଡ଼ିଛି। ଏଗୁଡ଼ିକ ଖୁବ୍‌ଶୀଘ୍ର ମରାମତି କରାଯିବ।

# ଅସ୍ଥାୟୀ ପୋଲ ଧୋଇ ଯିବାର ମାସେ ବିତିଗଲା ପରେ ବି ହୋଇପାରୁନି ନିର୍ମାଣ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଘଟଗାଁ ବ୍ଲକ ଅନ୍ତର୍ଗତ ବରବେଡା ହାଟ ଛକ, ୨୦ ନମ୍ବର ଜାତୀୟ ରାଜପଥ ଠାରୁ, ସାନ ନୂଆଗାଁ, ଶଗଡ଼ିଆ, ଖୁଣ୍ଟାପଡ଼ା ଜଙ୍ଗଲ ଛକ ପର୍ଯ୍ୟନ୍ତ ତିଆରି ହେଉଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିନରେ କାମ ଚାଲୁ ରହିଥିବା ବେଳେ ବର୍ତ୍ତମାନ ଶଗଡ଼ିଆ ଏବଂ ସାନ ନୂଆଗାଁ ମଝିରେ ବହି ଯାଇଛି ଡଙ୍ଗାଧର ନଦୀ। ଏଠାରେ ପୂର୍ବରୁ ଥିବା ପୁରୁଣା ବ୍ରିଜ୍‌କୁ ଭାଙ୍ଗି ନୂଆ ବ୍ରିଜ୍ କାମ ଚାଲୁଛି ତାହା ଏବେ ପିଲର କରି ଛାଡ଼ି ଦେଇଛନ୍ତି। ଅନ୍ୟପଟରେ ଏକ ଦୁର୍ବଳ ଅସ୍ଥାୟୀ ପୋଲ ତିଆରି ହୋଇଥିଲା ସେ ପୋଲ ଏବେ ଧୋଇ ହୋଇଯାଇଛି ଫଳରେ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯଥାଶୀଘ୍ର ଅସ୍ଥାୟୀ ପୋଲକୁ ତିଆରି କରିବାକୁ ଦାବି ହୋଇଛି। ଢେଙ୍କିକୋଟକୁ ଏହି ରାସ୍ତାରେ ଯିବା ପାଇଁ ୪ କି.ମି. ହୋଇଥାଏ ଅନ୍ୟପଟେ ବୁଲିକି ଗଲେ ବହୁ ବାଟ ଯିବାକୁ ପଡ଼ିଥାଏ। ସାନ ନୂଆଗାଁ ଗ୍ରାମର ଛାତ୍ରଛାତ୍ରୀମାନେ ହଳଧରପୁର ଉଚ୍ଚ ବିଦ୍ୟାଳୟକୁ ଯାଇଥାନ୍ତି। ପୋଲ ଧୋଇ ଯିବାରୁ ସ୍କୁଲ ଯିବା ବନ୍ଦ ହୋଇ ଯାଇଛି। ଠିକାଦାରଙ୍କ ଦେଖା ମଧ୍ୟ ମିଳୁନାହିଁ। ବିଭାଗୀୟ ଅଧିକାରୀମାନେ ମଧ୍ୟ ଚୁପ୍‌ଚାପ୍ ହୋଇ ବସି ପଡ଼ିଛନ୍ତି ଯାହାଫଳରେ ସମସ୍ତେ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା, ଯଥାଶୀଘ୍ର ପୋଲ ନିର୍ମାଣ କରାଇବାକୁ ସାଧାରଣରେ ଦାବି ହୋଇଛି।

# 'ବନ୍ୟଜୀବ ସଂରକ୍ଷଣ ନିମନ୍ତେ ଜଙ୍ଗଲ ସଂଯୋଗୀକରଣ ଗୁରୁତ୍ୱପୂର୍ଣ୍ଣ'



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱର ଜଙ୍ଗଲସବୁ ସାମ୍ପ୍ରତିକ ସମୟରେ ବିଭିନ୍ନ ମାନବସୃଷ୍ଟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ଶିଳ୍ପାୟନ, ଖଣି ଉତ୍ତୋଳନ, ସହରୀକରଣ, ରାସ୍ତା ଏବଂ ରେଳପଥ ନିର୍ମାଣ, କୃଷି ପ୍ରସାରଣ ପରି ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ ଦ୍ୱାରା ସେମାନଙ୍କର ବିଖଣ୍ଡନ ଘଟୁଛି। ତଥାପି, ଜଙ୍ଗଲଗୁଡ଼ିକ ମଧ୍ୟରେ ସଂଯୋଗ ସ୍ଥାପନକାରୀ ଚଲାପଥ ବା କରିଡ଼ର ସବୁର ସ୍ଥାପନ ସେମାନଙ୍କର ଜୈବବିବିଧତା ଏବଂ ପରିସଂସ୍ଥାୟ ସ୍ୱାସ୍ଥ୍ୟ ବଜାୟ ରଖିବା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ସଂଯୋଗୀକରଣ ପ୍ରାଣୀମାନଙ୍କୁ ପ୍ରଜନନ ନିମନ୍ତେ ସାଥୀ ଖୋଜିବା, ସେମାନଙ୍କର ବାସସ୍ଥଳୀର ବିସ୍ତାର କରିବା ଏବଂ ଏକ ବୃହତ୍ତର ଅଞ୍ଚଳର ସମ୍ପଦ ଉପଭୋଗ କରିବାକୁ ସକ୍ଷମ କରିଥାଏ। ସଂଯୋଗପଥ ବିନା, ଜୀବଜାତିମାନେ ବିଚ୍ଛିନ୍ନ ହୋଇଯାଆନ୍ତି, ଯାହା ଫଳରେ ପ୍ରଜନନ ଏବଂ ଜିନୀୟ ବିବିଧତା ବାଧାପ୍ରାପ୍ତ ହୋଇଥାଏ। ଯାହା ପରିଶେଷରେ ସେମାନଙ୍କ ବଞ୍ଚିବା ନିମନ୍ତେ ବିପଦ ସୃଷ୍ଟି କରିପାରେ। ଏପରି ଗୁରୁତ୍ୱ ବହନକାରୀ ପ୍ରସଙ୍ଗ ଉପରେ ଆଲୋକପାତ କରିବା ନିମନ୍ତେ, ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୂଲ୍ୟରେ ଏହାର ସମ୍ମିଳନୀ କକ୍ଷରେ 'ଜଙ୍ଗଲ ସଂଯୋଗୀକରଣର ଗୁରୁତ୍ୱ' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି।

ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସିଏଫ୍ (ବନ୍ୟଜୀବ) ଡ. ବିଜୟ କେତନ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଏବଂ ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନର ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ମଣିଷ-ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ କରିବା ପାଇଁ ୨୦୧୦ ମସିହାରେ ରାଜ୍ୟ ବନ ବିଭାଗ ଦ୍ୱାରା ଓଡ଼ିଶାରେ ଚିହ୍ନଟ ହୋଇଥିବା ୧୪ଟି କରିଡ଼ରକୁ ଯଥାଶୀଘ୍ର ପ୍ରତିଷ୍ଠା କରିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

# ଜିଲ୍ଲା ସ୍ତରୀୟ ଆଶାକର୍ମୀ ସଂଘର ବୈଠକ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ (ଏଆଇଟିୟୁସି) କେନ୍ଦ୍ରାପଡ଼ା ଜିଲ୍ଲା କମିଟିର ଏକ ବୈଠକ ସଭାପତି ଭଜହରି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଏଆଇଟିୟୁସିର ରାଜ୍ୟ ନେତା ରମଣୀ ରଞ୍ଜନ ରାଉତରାୟ, ଅକ୍ଷୟ କୁମାର ମଲିକ, ଆଶାକର୍ମୀ ସଂଘର ସଂପାଦିକା କାନ୍ତିପ୍ରଭା ନାୟକ, ବିକାଶ ଚନ୍ଦ୍ର ବେହୁରା, କୋଷାଧ୍ୟକ୍ଷ ନନ୍ଦିନୀ ସ୍ୱାଇଁ, ଭଗବତୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଶାକର୍ମୀମାନଙ୍କର ପ୍ରଥମ ସପ୍ତାହରେ ନିଶ୍ଚିତ ଭତ୍ତା ୭ ହଜାର ସହିତ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ପରିଶ୍ରମକୁ କାଣ୍ଟଛାଣ୍ଟ ନ କରିବା, ଆଶାକର୍ମୀମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, କାମ କରୁଥିବା ବେଳେ ଆଶାକର୍ମୀର ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ରାଶି ସହିତ ଜଣକୁ ଚାକିରି ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତାକୁ ଭିତ୍ତି କରି ତୁରନ୍ତ ପ୍ରମୋଶନ ପ୍ରଦାନ କରିବା, ସେକ୍ଟର ମିଟିଂରେ ମିଳୁଥିବା ପାରିଶ୍ରମକୁ ବୃଦ୍ଧି କରାଯିବା ଆଦି ଦାବି ସଂପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଆସନ୍ତା ୨୩ ତାରିଖ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆୟୋଜିତ ଏହି ବୈଠକରେ ଅମ୍ବିକା ନାଥ, ସଂଯୁକ୍ତା ସାହୁ, କବିତା ସେଣ, ସଚଳା ସେଠୀ, ମନୋରମା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କୁ ଜଳପ୍ରପାତ ମନା : ଗଜପତି ପର୍ଯ୍ୟଟନ ବିଭାଗର ନିଷ୍ପତ୍ତି

**ଗଜପତି, ନ୍ୟୁଜ୍‌ବ୍ୟୁରୋ**

ପର୍ଯ୍ୟଟକଙ୍କୁ ଜଳପ୍ରପାତ ମନା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଗଜପତି ଜିଲ୍ଲା ପର୍ଯ୍ୟଟନ ବିଭାଗ ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ଏନେଇ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଲଗାଣ ବର୍ଷାରେ ଗଜପତି ଜିଲ୍ଲା ବେହାଲ ହେବାରେ ଲାଗିଛି। ବର୍ଷା ଯୋଗୁ ଜଳପ୍ରପାତ ଜଳସ୍ତର ବଢୁଛି। ତେଣୁ ପର୍ଯ୍ୟଟକଙ୍କୁ ଜଳପ୍ରପାତ ଭିତରକୁ ଯିବାକୁ ବାରଣ କରାଯାଇଛି। ଏସମ୍ପର୍କରେ ପର୍ଯ୍ୟଟକ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶରେ ମୋହନା, କାଶୀନଗର, ରାଗଡ଼, ରା, ଉଦୟଗିରି, ନୂଆଗଡ଼, ଗୁମ୍ମା, ଗଜପତି ଆଦି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପର୍ଯ୍ୟଟକଙ୍କୁ ଜଳପ୍ରପାତ ନିକଟକୁ ନ ଛାଡ଼ିବାକୁ କୁହାଯାଇଛି। ସୂଚନାଯୋଗ୍ୟ କେନ୍ଦୁଝର ଜିଲ୍ଲାର ବନଚକୁଲିଆ ଗାଁର ଗୁଣ୍ଡିଚାଘାଇ ଜଳପ୍ରପାତରେ ଏକ ଦୁଃଖଦ ଘଟଣା ଘଟିଥିଲା। ଯେଉଁଠାରେ ଜଣେ ଯୁବକ ପାଣିରେ ଭାସିଯାଇ ନିଖୋଜ ହୋଇଯାଇ ଥିଲେ। ବଡ଼ସିଆଲିମାଲ ଗାଁର ସତ୍ୟପ୍ରକାଶ ନାମକ ଜଣେ ପୀଡ଼ିତ ବ୍ୟକ୍ତି ପାରାଦୀପରେ ଆମ୍ବୁଲାନ୍ସ ଡ୍ରାଇଭର ଭାବରେ କାମ କରୁଥିଲେ। ସେ ବନ୍ଧୁମାନଙ୍କ ସହିତ ଜଳପ୍ରପାତ ଦେଖିବାକୁ ଯାଇଥିଲେ ଏବଂ ଗାଧୋଇବା ସମୟରେ ଗଭୀର ପାଣିରେ ଖସି ପଡ଼ିଥିଲେ। ପ୍ରୟାସ ସତ୍ତ୍ୱେ ସତ୍ୟପ୍ରକାଶଙ୍କ ପତ୍ତା ମିଳି ନଥିଲା। ସନ୍ଧାନ କାର୍ଯ୍ୟ ପାଇଁ ଅଗ୍ନିଶମ ବାହିନୀ ଦଳକୁ ନିୟୋଜିତ କରାଯାଇଛି। ବାଲେଶ୍ୱରର ସୋରୋ ଥାନା ଅଞ୍ଚଳରେ ସମାନ ଦୁର୍ଘଟଣା ପରେ ଏହା ଏକ ମାସ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ତେଣୁ ଗଜପତି ଜିଲ୍ଲାରେ ଲଗାଣ ବର୍ଷାକୁ ଦୃଷ୍ଟିରେ ପର୍ଯ୍ୟଟନ ବିଭାଗ ଏହି ନିଷ୍ପତ୍ତି ନେଇଛି। ଉପରମୁଣ୍ଡରେ ବର୍ଷା ଯୋଗୁ ଜଳପ୍ରପାତଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ସହିତ ଜଳସ୍ରୋତ ପ୍ରଖର ହୋଇଥିବା ପ୍ରର୍ଯ୍ୟଟନ ବିଭାଗ କହିଛି।

# ଜୁଆ ଆଡ୍ଡା ଉପରେ ଚଢ଼ଉ : ୨୦ ଜୁଆଡ଼ି ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୁଆ ଖେଳ ଚାଲୁଥିବା ବେଳେ ଜୟପୁର ଟାଉନ ପୋଲିସ ଚଢଉ କରି ୯ ଜୁଆଡ଼ିଙ୍କୁ ଗିରଫ କରିଛି। ସଦର ପୋଲିସ ଫାମ୍ପୁଣିରେ ଚଢଉ କରି ୧୧ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଟାଉନ ଓ ସଦର ପୋଲିସ ମୋଟ ୨୦ ଜଣ ଜୁଆଡ଼ିଙ୍କୁ ଗିରଫ କରି ୧ ଲକ୍ଷ ୫ ହଜାର ୨ ଶହ ୧୦ ଟଙ୍କା ଜବତ କରିଛି। ଜୟପୁର ସହରର ସୌରାସାହିରେ ଖେଳ ଚାଲୁଥିବା ବେଳେ ଜୟପୁର ଟାଉନ ପୋଲିସ ଚଢଉ କରି ୯ ଜୁଆଡ଼ିଙ୍କୁ ଗିରଫ କରି ସେମାନଙ୍କ ଠାରୁ ୭୯ ହଜାର ୧ ଶହ ଟଙ୍କା ଜବତ କରିଛି। ଗିରଫ ଜୁଆଡ଼ିଙ୍କୁ ନୋଟିସରେ ଛଡ଼ାଯାଇଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାର ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ଗିରଫ ଜୁଆଡ଼ିମାନେ ହେଲେ ସଞ୍ଜିବ ସେନାପତି (୨୫), ଆକାଶ ମଣ୍ଡଳ (୨୫), ବିଜୟ କୁମାର ପାଣିଗ୍ରାହୀ (୩୨), ରାଜ କୁମାର ନାୟକ (୪୫), ସୁଶାନ୍ତ ପାଢୀ (୪୨), ସୁଶିଳ ସେନାପତି (୨୧), ରାକେଶ ମଣ୍ଡଳ (୨୪), ମୋହନ କୁମାର ପଣ୍ଡା (୨୧), ତପନ ଶେଖର ବାରିକ (୨୫)। ସେହପିର ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣିରେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଜୁଆ ଖେଳ ଚାଲୁଥିବା ଦେଖି ଚଢଉ କରିଥିଲା। ଫାମ୍ପୁଣି ତ୍ରିନାଥ ମନ୍ଦିର ନିକଟରେ ଖେଳ ଚାଲୁଥିବା ବେଳେ ଜୁଆଡ଼ି ମାନେ ଚମ୍ପଟ ମାରିଥିବା ବେଳେ ୧୧ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୨୬ ହଜାର ୧ ଶହ ୧୦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନନ୍ତ ବେହେରା (୨୪), ନରସିଂହ ପୁଜାରି (୩୩), ସନ୍ୟାସି ପୁଜାରି (୩୮), ବାଳିଜା ପ୍ରଧାନ (୪୦), ପ୍ରଶାନ୍ତ ପ୍ରଧାନ (୩୫ ), ରାଜେନ୍ଦ୍ର ପୁଜାରି (୪୯), ଶିବ ପ୍ରସାଦ ବିଶ୍ୱାଳ (୪୧), ଆନନ୍ଦ ବିଶ୍ୱାଳ (୩୨), ସୁବାସ ମଣ୍ଡଳ (୩୯) ତାରିଣି ପ୍ରଧାନ (୪୧), ସନ୍ତୋଷ ପ୍ରଧାନ (୪୧)। ୧୧ ଗିରଫ ଅଭିଯୁକ୍ତଙ୍କ ଠାରୁ ଟଙ୍କା ତାସ ଜବତ କରିଛି ପୋଲିସ, ନୋଟିସରେ ଛାଡ଼ିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଆରଏସଏସ ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମର ଉଦ୍‌ଘାଟିତ ହୋଇ ଯାଇଛି। ୨୦୨୫ ମସିହା ବିଜୟା ଦଶମୀ ଦିନ ସଂଘକୁ ଏକ ଶହ ବର୍ଷ ପୂର୍ଣ୍ଣ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଶତାବ୍ଦୀ ବର୍ଷ ପାଳନ ହୋଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ସ୍ୱୟଂସେବକ ସୋନପୁର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରୁ ଏକ ବିରାଟ ସଞ୍ଚଳନ ବାହାରି ସୋନପୁର ଦୁର୍ଗା ମଣ୍ଡପ ଛକ, ବିଜୁ ପଟ୍ଟନାୟକ ଛକ, ମଝିପଡ଼ା, କଚେରି ଛକ, ଆମ୍ବେଦକର ଛକ, ବ୍ଲକ ଛକ ଦେଇ ରୟାଲ ପଡ଼ିଆରେ ସରିଥିଲା। ଏହି ସଞ୍ଚାଳନ ସମୟରେ ସହରର ବିଭିନ୍ନ ଛକ ସ୍ଥାନମାନଙ୍କରେ ଭବ୍ୟ ସ୍ୱାଗତମାନ ହୋଇଥିଲା। ରୟାଲ ପଡ଼ିଆରେ ବିଭିନ୍ନ ପ୍ରକାର ଶାରୀରିକ ପ୍ରଦର୍ଶନ ନିୟୁଦ୍ଧ, ସୂର୍ଯ୍ୟ ନମସ୍କାର, ଦଣ୍ଡ ଯୋଗ, ପ୍ରହାର ମାନ ପ୍ରଦର୍ଶନ କରିଥିଲେ। ମଞ୍ଚରେ ସୁବର୍ଣ୍ଣପୁର ଜିଲ୍ଲା ସଂଘ ପରିବାରର ମାନନୀୟ ଜିଲ୍ଲା ସଂଘ ଚାଳକ ଦିଲ୍ଲୀପ କୁମାର ତ୍ରିପାଠୀ, ଜିଲ୍ଲା କର୍ଯ୍ୟବାହ ଧର୍ମେନ୍ଦ୍ର ବଡ଼ମାଳି, ମୁଖ୍ୟ ଅତିଥି ଅବସର ପ୍ରାପ୍ତ ସେନା ଅଧିକାରୀ ପଦ୍ମଲୋଚନ ମହାଲିଙ୍ଗ ଓ ମୁଖ୍ୟ ବକ୍ତା ଭାବରେ ଡାକ୍ତର ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ସ୍ୱୟଂସେବକ ମାନଙ୍କୁ ଦେଶର ସେନା ବାହିନୀ ସହିତ ତୁଳନା କରିଥିଲେ ଓ ସ୍ୱୟଂସେବକ ମାନଙ୍କୁ ଉତ୍ସାହୀତ କରିଥିଲେ। ମୁଖ୍ୟ ବକ୍ତା ସଂଘ ଇତିହାସରେ ବିଭିନ୍ନ ସଂଘର୍ଷ ମାଧ୍ୟମରେ ଭାରତକୁ ପରମ ବୈଭବଶାଳୀ ଗଢିବାରେ ଦେଶର ବିଭିନ୍ନ ସ୍ଥାନରେ ଶାଖା ଦ୍ୱାରା ଉତ୍କୃଷ୍ଟ ମନୁଷ୍ୟ ନିର୍ମାଣ ତାସହ ସଙ୍ଘ ନିର୍ମାଣ ପୃଷ୍ଠଭୂମି ଉପରେ ଅନେକ ତଥ୍ୟମ୍ଳକ ବିଷୟ ରଖିଥିଲେ। ସଂଘର ନିର୍ମାତା ପରମ ପୂଜନୀୟ ଡାକ୍ତର କେଶବ ବଳିରାମ ହେଡଗଓ୍ୱାରଙ୍କ ସଂଘର୍ଷ ମୟ ଜୀବନୀ ଉପରେ ତଥ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହଜିଲ୍ଲା ଜିଲ୍ଲା ସଂଘ ଚାଳକ ଜୟଦ୍ରଥ ଜଗଦଲା, ତରଭା ଖଣ୍ଡ ସଂଘ ଚାଳକ ମାଂଗେଲାଲ ଅଗ୍ରୱାଲ, ନଗର ସଂଘ ଚାଳକ ଶିବ ପ୍ରସାଦ ପାତ୍ର, ସହ ଜିଲ୍ଲା କାର୍ଯ୍ୟବହ ହୃଷୀକେଶ ଭୋଇ, ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ ନାୟକ, ସେବା ପ୍ରମୁଖ କୃପା ସିନ୍ଧୁ ମହାକୁର, ଜିଲ୍ଲା ପ୍ରଚାର ପ୍ରମୁଖ ରଶ୍ମି ରଞ୍ଜନ ଦାସ, ପୂର୍ଣ୍ଣ ଚନ୍ଦ୍ର ଖମାରୀ, ଯୁଧିଷ୍ଠିର ଖମାରୀ, ଜଳଦେବ ବରିହା, ରାଜେନ୍ଦ୍ର ନାୟକ, ବିପିନ ବିହାରୀ ବାଗ, ବିଭୂତି ଭୂଷଣ କୁଦେଇ, ଦୀପକ ମହାପାତ୍ର, କେଦାର ଦାସ, ସଞ୍ଜୟ ମହାପାତ୍ର, ସୁବାଷ ମିଶ୍ର, ସୁଶାନ୍ତ ପଧାନ, ରାଜେଶ୍ ସିଂ, ଚନ୍ଦନ ପ୍ରହରାଜ, ବ୍ରଜ ମୋହନ ସାହୁ, ଆନନ୍ଦ ସାହୁ ସମସ୍ତେ ମିଶି ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ, ଶେଷରେ ଜିଲ୍ଲା କାର୍ଯ୍ୟବାହ ଧର୍ମେନ୍ଦ୍ର ବଡମାଳୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଶୁଦ୍ଧିକ୍ରିୟା ପାଇଁ ଅସହାୟ ପରିବାରକୁ ସହାୟତାର ହାତ ବଢାଇଲା ଭରସା ପରିବାର ଟ୍ରଷ୍ଟ, କେନ୍ଦୁଝର। ଚମ୍ପୁଆ ବ୍ଲକ୍ ସୁନାପଶି ପଞ୍ଚାୟତ ଅନ୍ତର୍ଗତ ବାଙ୍କ ଗ୍ରାମର ଲଳିତ ଲୋହାର ଗ୍ୟାସ୍‌ରେ ରୋଷେଇ କରୁଥିବା ସମୟରେ ଅତ୍ୟଧିକ ଗ୍ୟାସ୍ ଛାଡ଼ିବା ଫଳରେ ହାତ, ଗୋଡ଼, ମୁହଁ, ପିଠି ଆଦି ପୋଡ଼ିଯାଇଥିଲା। ତାଙ୍କୁ ଉଦ୍ଧାର କରି ପଡ଼ୋଶୀ ସୁରେଶ ଚନ୍ଦ୍ର ଲୋହାର ୧୦୮ ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଛଅ ଦିନ ଧରି ଡାକ୍ତରଖାନାରେ ଚିକିତ୍ସା ହେବା ପରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଲଳିତଙ୍କର ପରିବାରରେ ନିଜର କେହି ନ ଥିବାବେଳେ ପଡ଼ୋଶୀ ସୁରେଶଙ୍କ ମଧ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଲଳିତଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବାକୁ ଅସମର୍ଥ ହୋଇପଡ଼ିଥିଲେ। ଫଳରେ ଲଳିତଙ୍କର ଶୁଦ୍ଧିକ୍ରିୟା ପାଇଁ ସୁରେଶ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ତାଙ୍କ ଅନୁରାଧ ରକ୍ଷା କରି ଭରସା ପରିବାରର ଉପଦେଷ୍ଟା ଦୁଷ୍ମନ୍ତ କୁମାର ବେହେରାଙ୍କ ସହିତ ସଦସ୍ୟ ଶରତ ଖୋଲାର ତାଙ୍କ ବାସଭବନରେ ଯାଇ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି। ଭରସା ପରିବାରର ଏତାଦୃଶ୍ୟ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି।

# କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜରେ ହାତୀପଲଙ୍କ ଉତ୍ପାତ



**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର କେନ୍ଦୁଝର ବନଖଣ୍ଡରେ ଜଙ୍ଗଲି ହାତୀପଲଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯାହାକି ସୂଚନା ରହିଛି କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ଥାନା ଅନ୍ତର୍ଗତ ଚମ୍ପୁଆ ରେଞ୍ଜ ଚନ୍ଦ୍ରଶେଖର ପୁର ଗ୍ରାମର ବସା ସାହିରେ ୨୯ଟିକିଆ ହାତୀଙ୍କ ଉପଦ୍ରବ ଚଳାଇଥିବା ବେଳେ ବ୍ୟାପକ ମାତ୍ରାରେ ଧାନ ଫସଲ ନଷ୍ଟ ଗୋଟିଏ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ଯାଇଛନ୍ତି ଏହି ହାତୀପଲ। ଗତ ସପ୍ତାହରେ ମୟୂରଭଞ୍ଜର କରଞ୍ଜିଆ ରେଞ୍ଜରୁ ଲେଉଟି ଆସିଥିବା ୨୯ ଟିକିଆ ହାତୀପଲ ଚମ୍ପୁଆ ରେଞ୍ଜରେ ଉତ୍ପାତ ଜାରି ରଖିଛନ୍ତି। ଚମ୍ପୁଆ ରେଞ୍ଜର ରଜିଆ ପତଳା, ସରେଇ, ଟୁଣୁଟୁଣା, କାଟୁଳିକନା, ଭଣ୍ଡା ଓ ମଙ୍ଗଳପୁର ପ୍ରଭୃତି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ହାତୀପଲ ଗତରାତିରେ ସରେଇ ଗ୍ରାମ ମଧ ଦେଇ ଚନ୍ଦ୍ରଶେଖରପୁର ଅଞ୍ଚଳରେ ପହଞ୍ଚି ବସା ସାହିରେ ରଞ୍ଜନ ମୁଣ୍ଡାଙ୍କ ଘର ଭାଙ୍ଗିଦେଇ ଘର ଭିତରୁ ଧାନ ଚାଉଳ ଖାଇ ଯାଇଛନ୍ତି। ହାତୀପଲ ଗାଁ ରେ ବ୍ୟାପକ ଧାନ ଫସଲ ନଷ୍ଟ କରିଥିବା ବେଳେ ଏବେ ମଧ୍ୟ ହାତୀ ପଲ ଗାଁ ବିଲରେ ଉତ୍ପାତ ଜାରି ରଖିଛନ୍ତି।

# କଳିଙ୍ଗ ସାହିତ୍ୟ ସମାଜର ଶାରଦୀୟ ସାହିତ୍ୟ ଆସର

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନ୍ୟତମ ପୁରାତନ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ସାହିତ୍ୟ ସମାଜ ଉପସଭାପତି ଡଃ. ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ସାଂସ୍କୃତିକ ସମ୍ପାଦକ ଯୁବ କବି ମନୋରଞ୍ଜନ ବିଷୋୟୀ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କବିତା ପାଠ କରିଥିଲେ। ସଂଗଠନ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଅତିଥି ଆବାହନ କରି ସୂଚନା ପ୍ରଦାନ କରିଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବରିଷ୍ଠ ସାହିତ୍ୟିକ ତ୍ରିନାଥ ନାୟକ, ଭିକାରୀ ଚରଣ ମହାପାତ୍ର, ଡ ବିଜୟ ଚନ୍ଦ୍ର ମହାରଣା, ବି ସତ୍ୟମ୍ ଆଚାରୀ, ଇଂ. ଗଙ୍ଗାଧର ମହାକୁଡ, ସୁଜିତ କୁମାର ପଣ୍ଡା, ମନ ମୋହନ ରଥ, ବଂଶୀଧର ସେଠୀ, ନୀଳକଣ୍ଠ ସାହୁ, ଗଗନ କୁମାର ଦାଶ, ହାଡ଼ିବନ୍ଧୁ ମାଳି, ଚନ୍ଦ୍ର ଶେଖର ମହାପାତ୍ର, ସ୍ୱର୍ଣ୍ଣମୟୀ ପାଢୀ, ସୁଚେତା ପାଣିଗ୍ରାହୀ, ହରି କୃଷ୍ଣ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟ କବି କବୟିତ୍ରୀ କବିତା ପାଠ କରିଥିଲେ। ଦିନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲାରେ ୩୬ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ତଥା ଅଭିଯୋଗର ସମାଧାନ ନିମନ୍ତେ ରାଉରକେଲା ମହାନଗର ନିଗମ ଠାରେ ଥିବା ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ସୁଶ୍ରୀ ଦୀନା ଦସ୍ତଗୀର୍ ଏହି ଯୁଗ୍ମ ଜନଶୁଣାଣିରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ତଥା ଆପତ୍ତିର ଶୁଣାଣି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର୍ ଏହି ଜନଶୁଣାଣିରେ ଲୋକମାନଙ୍କ ମୋଟ ୩୬ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ରହିଥିବା ବେଳେ ୯ଟି ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏହି ଜନଶୁଣାଣିରେ ରାସ୍ତା ନିର୍ମାଣ ତଥା ମରାମତି ଠାରୁ ଆରମ୍ଭ କରି ଭତ୍ତା ସମସ୍ୟା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟା, ଜମିଜମା ସମସ୍ୟା, ଜବରଦଖଲ ସମସ୍ୟା ଆଦି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏଥିସହ ଅଧିକ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ୭ଟି ଅଭିଯୋଗ ରହିଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ମିଶ୍ର ଆରଏମସି ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ତରୁଣ କାନ୍ତଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଇକ୍ ଦୁର୍ଘଟଣାରେ ଯୁବକ କମିଟି ପ୍ରେସିଡ଼େଣ୍ଟଙ୍କ ମୃତ୍ୟୁ, ଜଣେ ଗୁରୁତର

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଆରୋହୀ କୋରାପୁଟ ମେଡିକାଲରେ ଜୀବନ ମରଣ ସହ ଲଢେଇ କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଛେଳିଡ଼ଙ୍ଗରୀ ପଞ୍ଚାୟତ ଅନ୍ତର୍ଗତ ସରଗୁଲୀ ଯଉଳ ଗ୍ରାମର ତାରକ ମଣ୍ଡଳ ଓ ଚିରଞ୍ଜିତ ଭକ୍ତ ଏକ ପଲସର ବାଇକ୍ ଯୋଗେ କୌଣସି ଏକ କାର୍ଯ୍ୟରେ ରାଇଘରକୁ ଆସି ରାତ୍ରି ପ୍ରାୟ ଘ୯:୩୦ ମିନିରେ ସମୟରେ ନିଜ ଗ୍ରାମ ଅଭିମୁଖେ ଫେରୁଥିବା ସମୟରେ କୁମୁଲୀ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା କଡ଼ରେ ଥିବା ଏକ ଗଛ ଦେହରେ ପିଟି ହୋଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଯୋଗେ ଦୁହିଁଙ୍କୁ ରାଇଘର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇଥିଲେ। ରାଇଘର ଡାକ୍ତରଖାନାରେ ତାରକ ମଣ୍ଡଳଙ୍କୁ ମୃତ ବୋଲି ଘୋଷଣା କରିବା ସହିତ ପ୍ରଶ୍ନଜିତକୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଇନ୍ଦ୍ରାବତୀ ଜଳସ୍ତର ସହ ବିଦ୍ୟୁତ ଉତ୍ପାଦନ ବୃଦ୍ଧି

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଇନ୍ଦ୍ରାବତୀ ଜଳଭଣ୍ଡାରର ସମ୍ପୂର୍ଣ୍ଣ ଜଳଭଣ୍ଡାରର କ୍ଷମତା ୬୪୨ମିଟର। ବିପଦସଂକୁଳ ଠାରୁ ୧.୧୬ମିଟର କମ୍ ୬୪୦.୮୪୦ମିଟରରେ ପାଣି ପହଞ୍ଚିଛି। ତେବେ ଉପରମୁଣ୍ଡ କିମ୍ବା ଜଳଭଣ୍ଡାରରେ ସେହିପରି ବର୍ଷା ହୋଇ ନଥିବାରୁ ଗେଟ୍ ଖୋଲଯିବା ସ୍ଥିତି ଆଉ ନାହିଁ ବୋଲି କହିଛନ୍ତି ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପର ଅତିରିକ୍ତ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ନେଲସନ୍ ତାଡିଙ୍ଗି। ଗତ ବର୍ଷ ଇନ୍ଦ୍ରାବତୀ ଜଳ ଭଣ୍ଡାର ମଧ୍ୟରେ ୬୩୭.୦୫୦ ମିଟର ଜଳ ଗଚ୍ଛିତ ରହିଥିଲା। ଗତ କିଛି ମାସ ମଧ୍ୟରେ ବାରମ୍ବାର ଲଘୁଚାପ ବର୍ଷାର ପ୍ରଭାବରେ ୩.୭୯ମିଟରର ଜଳସ୍ତର ବଢ଼ିଛି। ଏବେ ଜଳଭଣ୍ଡାରରେ ୬୪୦.୮୪୦ ମିଟର ପାଣି ଜମା ରହିଛି। ଏବେ ଜଳ ଭଣ୍ଡାର ମଧ୍ୟରେ ୧୩୨୬୭୨ ହେକ୍ଟ ମିଟର ୮୯.୩୧ ପ୍ରତିଶତ ଜଳ ଗଚ୍ଛିତ ରହିଛି। ଗତବର୍ଷ ସ୍ୱଳ୍ପ ବୃଷ୍ଟପାତ ଯୋଗୁଁ ଏସିଆ ମହାଦେଶର ଦ୍ୱିତୀୟ ସର୍ବ ବୃହତ୍ତମ ନଦୀବନ୍ଧ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ କମ୍ ପରିମାଣରେ ଜଳ ଗଚ୍ଛିତ ହୋଇଥିଲା। ଫଳରେ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିଥିଲା। ତେବେ ଗତ ୩ ମାସରେ ବୃଷ୍ଟିପାତ ବଢ଼ିବା ସହ ଉପରମୁଣ୍ଡ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକର ଖାତିଗୁଡ଼ା, ରାୟଗଡ଼ା ଜିଲ୍ଲାର କାଶୀପୁର, ଟିକିରି, କୋରାପୁଟଜିଲ୍ଲାର ଦଶମନ୍ତପୁର, ବୋରିଗୁମ୍ମା ବ୍ଲକର କାଠରଗୁଡ଼ା ଆଦି ଅଞ୍ଚଳରେ ବର୍ଷା ହେବା ଫଳରେ ଜଳଭଣ୍ଡାରର ସ୍ଥିତି ସୁଧିରିଛି। ମୁଖିଗୁଡ଼ାସ୍ଥିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରେ ଥିବା ୧୫୦ କ୍ଷମତା ସମ୍ପନ୍ନ ବିଶିଷ୍ଟ ଚାରୋଟି ଟରବାଇନ୍ କାର୍ଯ୍ୟକାରୀ ହୋଇ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇଛି। ଜଳ ଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୪୨୧.୧୪୩ କ୍ୟୁସେକ୍ସ ଜଳ ପ୍ରବେଶ କରୁଛି। ମୁଖିଗୁଡ଼ା ସ୍ଥିତ ପାୱାର ହାଉସରୁ ବିଦ୍ୟୁତ ଉତ୍ପାଦନ ୧୩୯୨୫ ମେଗାୱାଟ୍ (ଏମଡବ୍ଲୁ) ହାରାହାରି ଘଣ୍ଟା ପ୍ରତି ୫୮୦.୨୦୮ଏମଡବ୍ଲୁ/ ଏଚଏଆର ଉତ୍ପାଦନ ହେଉଛି। ଜଳଭଣ୍ଡାରରୁ ୨୦୨.୨୫୬ କ୍ୟୁମେକ୍ସ ପାଣି ବାହାରୁଛି। ଏଥିରୁ ୧୯୩.୪୦୨ କ୍ୟୁମେକ୍ସ ଉଦବୃତ୍ତ ଜଳ ହାତୀ ବ୍ୟାରେଜରେ ଗଚ୍ଛିତ ହେବାପରେ ତେଲନଦୀ ଏବଂ ଏହାପରେ ମହାନଦୀରେ ମିଶୁଛି। ଇନ୍ଦ୍ରାବତୀ ସ୍ଲୁଇସ୍ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୫.୧୫ କ୍ୟୁମେକ୍ସ ଜଳ ନିଷ୍କାସିତ ହେଉଥିବା ବେଳେ ୩.୭୦୪ କ୍ୟୁମେକ୍ସ ପାଣି ଉଡି ଯାଉଥିବା ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରକାଶ। ଗତ କିଛି ଦିନ ହେବ ବିଦ୍ୟୁତ ଉତ୍ପାଦନ ପୂରା ଦମ୍‌ରେ ୪ଟି ଟରବାଇନରେ କରାଯାଉଛି। ବିଦ୍ୟୁତ ଉତ୍ପାଦନ ବୃଦ୍ଧି ପାଇଛି। ୨୭.୨୦ ମିମି ବର୍ଷା ଜଳଭଣ୍ଡାରରେ ହେବା ସହ ଉପରମୁଣ୍ଡରେ ବର୍ଷା କମିଥିବାରୁ ଆଉ ଗେଟ୍ ଖୋଲାଯିବ ନାହିଁ ବୋଲି କହିଛନ୍ତି ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପର ଅତିରିକ୍ତ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ନେଲସନ୍ ତାଡିଙ୍ଗି।

# କେନ୍ଦୁ କାଠ ବୋଝେଇ ମିନି ଟ୍ରକ୍ ଜବତ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ପାଟ୍ରୋଲିଂ ସମୟରେ ସକାଳ ପ୍ରାୟ ୧୦ଟା ୧୫ ସମୟରେ ଟିକ୍ରାପଡ଼ା ସେକ୍ସନର କୁଡ଼ାସିଙ୍ଗା ଗ୍ରାମ ନିକଟରେ ପାଟଣାଗଡ଼ ରେଞ୍ଜର କର୍ମଚାରୀମାନେ ଏକ କେନ୍ଦୁ କାଠ ବୋଝେଇ ମିନିଟ୍ରକ୍ ଜବତ କରିଥିଲେ। ଜବତ ଗାଡ଼ି ଏବଂ ସାମଗ୍ରୀଗୁଡ଼ିକୁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଛି।



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୨୦୨୫-୨୬ରେ ୪୯.୬ ବିଲିୟନ ଡଲାରକୁ ଖସିଯିବ ଭାରତର ରପ୍ତାନି

ଭାରତ ଉପରେ ଯେଉଁ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛି ଆମେରିକା। ଏଥିପାଇଁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଭାରତୀୟ ସମୟ ଅନୁସାରେ, ଏହି ଟାରିଫ୍ ଲାଗୁ ହୋଇଯାଇଛି। ରୁଷ ତେଲ କ୍ରୟ ପାଇଁ ଭାରତ ଉପରେ ଜରିମାନା ସହ ଅତିରିକ୍ତ ଟାରିଫ୍ ଘୋଷଣା କରିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେହିଭଳି ବ୍ୟାପାର ଘାଟା ଦର୍ଶାଇ ସେ ଭାରତ ଉପରେ ଟାରିଫ୍ ଲାଗୁ କରିଥିଲେ । ବର୍ତ୍ତମାନ ଅତିରିକ୍ତ ୨୫% ଶୁଳ୍କ ମିଶିବା ପରେ ଆମେରିକାକୁ ରପ୍ତାନି ହେବାକୁ ଥିବା ଭାରତୀୟ ସାମଗ୍ରୀ ଉପରେ ମୋଟ ୫୦% ଟାରିଫ୍ ଲାଗିଛି । ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି ଯେ, ଭାରତରୁ ଆସିବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଏବେ ୫୦% ଶୁଳ୍କ ଲାଗିଛି । ଟ୍ରମ୍ପଙ୍କ ଏହି ଟାରିଫ୍ ଯୋଗୁ ଆମ୍ ଆଦ୍‌ମୀଙ୍କଠାରୁ ଆରମ୍ଭ କରି ଅର୍ଥନୀତି ପର୍ଯ୍ୟନ୍ତ ସବୁ ଉପରେ ପ୍ରଭାବ ପଡ଼ିବ। ଟ୍ରମ୍ପଙ୍କ ଶୁଳ୍କ ଦ୍ୱାରା ଗହଣା, ରତ୍ନପଥର, ବୟନ ଶିଳ୍ପ, କାର୍ପେଟ୍, ଫର୍ଣ୍ଣିଚର ଅଟୋମୋବାଇଲ, ସାମୁଦ୍ରିକ ଖାଦ୍ୟ ଆଦି ଶିଳ୍ପଗୁଡ଼ିକର ଲାଭ ସଂକୁଚିତ ହେବ । ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍(ଜିଟିଆରଆଇ)ର ଅନୁମାନ ମୁତାବକ, ଆମେରିକାର ଟାରିଫ୍ ଦ୍ୱାରା ଭାରତରୁ ସେଠାକୁ ଯାଉଥିବା ୬୦.୨ ବିଲିୟନ ଡଲାର ରପ୍ତାନି ଉପରେ ସିଧାସଳଖ ପ୍ରଭାବ ପଡ଼ିବ । ଆମେରିକା ବଜାରରେ ଭାରତର ଅଂଶ ହ୍ରାସ ପାଇବ । ବିକଳ୍ପ ବଜାରଗୁଡ଼ିକ ଯେପରି ଚୀନ୍, ଭିଏତ୍‌ନାମ ଏବଂ ମେକ୍ସିକୋ ଆଦି ରାଷ୍ଟ୍ରଗୁଡ଼ିକ ବଜାର ଅଂଶ ମାଡ଼ିବସିବେ। ଭାରତର ଶ୍ରମ-ଭିତ୍ତିକ ଶିଳ୍ପଗୁଡ଼ିକରେ ରପ୍ତାନି ପରିମାଣରେ ୭୦% ହ୍ରାସ ସମ୍ଭାବନା ରହିଛି । ଅନୁମାନ କରାଯାଇଛି ଯେ, ଆମେରିକୀୟ ଟାରିଫ୍ ଯୋଗୁ ସେଠାକୁ ଭାରତର ରପ୍ତାନି ୨୦୨୫-୨୬ରେ ୪୯.୬ ବିଲିୟନ ଡଲାରକୁ ଖସିଯିବ, ଯାହାକି ୨୦୨୪-୨୫ରେ ୮୬.୫ ବିଲିୟନ ଡଲାର ରହିଥିଲା। ଅନ୍ୟପକ୍ଷରେ, ଆମେରିକାର ଏହି ଟାରିଫ୍‌ର ପ୍ରଭାବ ଆଇଟି, ଫାର୍ମା ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପ ଉପରେ ପଡ଼ିବ ନାହିଁ । ଏବେ ଇଲେକ୍ଟ୍ରୋନିକ୍ସକୁ ଧାରା ୨୩୨ ଅଧୀନରେ ରିହାତି ମିଳିଛି । ଯେ ପର୍ଯ୍ୟନ୍ତ ଏହାର ଘୋଷଣା ନ ହୋଇଛି, ସେ ପର୍ଯ୍ୟନ୍ତ ଆମେରିକାକୁ ଇଲେକ୍ଟ୍ରୋନିକ୍ସ ରପ୍ତାନି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ସେହିଭଳି ଫାର୍ମା ଉପରେ ବର୍ତ୍ତମାନ ଟାରିଫ୍ ରହିଛି ୦% । କିନ୍ତୁ ଟ୍ରମ୍ପ ୧୮ ମାସରେ ଫାର୍ମା ଟାରିଫ୍‌କୁ ୧୫୦% ଏବଂ ପରେ ୨୫୦%କୁ ବଢ଼ାଇବାର ଧମକ ଦେଇଛନ୍ତି। ଯେପର୍ଯ୍ୟନ୍ତ ଏହା ଲାଗୁ ନ ହୋଇଛି ସେ ପର୍ଯ୍ୟନ୍ତ ରିହାତି ମିଳିବ । ଆଇଟି ଶିଳ୍ପ ସେବା କ୍ଷେତ୍ରର ଅଂଶ । ଏଥିପାଇଁ ଏହା ମଧ୍ୟ ୫୦% ଟାରିଫ୍‌ରୁ ମୁକ୍ତ । ସିଏନ୍‌ବିସିର ଏକ ରିପୋର୍ଟ ଅନୁସାରେ, ଭାରତରୁ ଆମେରିକାକୁ ସବୁଠାରୁ ଅଧିକ ଗହଣା, ପୋଷାକ, ମେଶିନେରି ଏବଂ କେମିକାଲ ରପ୍ତାନି ହୋଇଥାଏ । ୫୦% ଟାରିଫ୍ ଦ୍ୱାରା ଆମେରିକାରେ ଏସବୁ ସାମଗ୍ରୀ ମହଙ୍ଗା ହୋଇଯିବ । ତେଣୁ ସେଠାରୁ ଅର୍ଡର ଆସିବା କମିଯିବ। ଅର୍ଡର ଆସିବା କମିଯିବା ଦ୍ୱାରା କମ୍ପାନିଗୁଡ଼ିକ ଉତ୍ପାଦନ କମାଇବେ, ଯାହାଦ୍ୱାରା ଛଟେଇ ବଢ଼ିଯିବ । ଅର୍ଥାତ୍ ଏସବୁ କ୍ଷେତ୍ରରେ ବଡ଼ ଆକାରରେ ଚାକିରି ଚାଲିଯିବା ଆଶଙ୍କା ରହିଛି । ୫୦% ଟାରିଫ୍ ଲାଗୁ ହେବା ଦ୍ୱାରା ଆମେରିକାକୁ ରପ୍ତାନି କମିଯିବ । ଏହାଦ୍ୱାରା ରପ୍ତାନିରୁ ହେଉଥିବା ସରକାରୀ ଆୟ କମିବ । ବିଶେଷଜ୍ଞଙ୍କ ଅନୁମାନ, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୦.୨%ରୁ ୦.୬% ପର୍ଯ୍ୟନ୍ତ କମିପାରେ । ଏହାବ୍ୟତୀତ ସରକାରଙ୍କୁ ନିଜ ବ୍ୟାପାର ନୀତିରେ ପରିବର୍ତ୍ତନ କରିବାକୁ ପଡ଼ିପାରେ । ଆମେରିକା ଉପରେ ନିର୍ଭରତା କମାଇବା ପାଇଁ ୟୁରୋପ, ରୁଷ ତଥା ଅନ୍ୟ ଦେଶଗୁଡ଼ିକରେ ବ୍ୟାପାର ବଢ଼ାଇବାକୁ ହେବ । ରୟଟର୍ସର ଏକ ରିପୋର୍ଟ ଅନୁସାରେ, ଟ୍ରମ୍ପଙ୍କ ଟାରିଫ୍ ଲାଗୁ ହେବା ପରେ ଭାରତର ବାଣିଜ୍ୟ ମନ୍ତ୍ରାଳୟ ପ୍ରାୟ ୫୦ ଦେଶଙ୍କ ପାଇଁ ନୂଆ ରପ୍ତାନି ରଣନୀତି ପ୍ରସ୍ତୁତ କରିଛି । ଏହା ଅଧୀନରେ ଭାରତ ଏବେ ଚୀନ୍, ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ଭଳି ବଜାର ଉପରେ ଫୋକସ୍ କରିବ । ଆଇସ୍‌ଲ୍ୟାଣ୍ଡ, ଲିକ୍‌ଟେଷ୍ଟିନ୍, ନରୱେ ଏବଂ ସୁଇଜରଲାଣ୍ଡ୍ ସହ ଭାରତ ବାଣିଜ୍ୟ ଚୁକ୍ତି କରିସାରିଛି। ଏହା ଅକ୍ଟୋବର ୧ରୁ ଲାଗୁ ହେବ । ବ୍ରିଟେନ୍ ସହ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମା ଆସନ୍ତା ବର୍ଷ ଏପ୍ରିଲରୁ ଲାଗୁ ହୋଇପାରେ । ଓମାନ, ଚିଲି, ପେରୁ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ୟୁରୋପୀୟ ସଂଘ ସହ ଆଲୋଚନା ଜାରି ରହିଛି । ରିପୋର୍ଟ ଅନୁସାରେ, ଭାରତ ସାମୁଦ୍ରିକ ଖାଦ୍ୟ ପାଇଁ ରୁଷ, ବ୍ରିଟେନ, ୟୁରୋପୀୟ ସଂଘ, ନରୱେ, ସୁଇଜରଲାଣ୍ଡ ଏବଂ ଦକ୍ଷିଣ କୋରିଆ ଉପରେ ଫୋକସ୍ କରୁଛି । ସେହିଭଳି ହୀରା ଏବଂ ଆଭୂଷଣ ପାଇଁ ଭିଏତ୍‌ନାମ, ଥାଇଲାଣ୍ଡ, ମାଲେସିଆ ଏବଂ ଆଫ୍ରିକା ଭଳି ବଜାରଗୁଡ଼ିକ ଉପରେ ନଜର ରହିଛି । ଚୀନ୍ ପରେ ଭାରତ ହେଉଛି ରୁଷ ତେଲର ବଡ଼ କ୍ରେତା । ୟୁକ୍ରେନ ଯୁଦ୍ଧ ପୂର୍ବରୁ ଭାରତ ରୁଷଠାରୁ ମାତ୍ର ୦.୨% (୬୮ ହଜାର ବ୍ୟାରେଲ/ଦୈନିକ) ତେଲ ଆମଦାନି କରୁଥିଲା । ୨୦୨୩ ମେ' ସୁଦ୍ଧା ଏହା ବଢ଼ି ୪୫%(ଦୈନିକ ୨୦ ଲକ୍ଷ ବ୍ୟାରେଲ) ହୋଇଛି। ଗତ ଦୁଇ ବର୍ଷ ହେବ ଭାରତ ପ୍ରତିବର୍ଷ ୧୩୦ ବିଲିୟନ ଡଲାର (୧୧.୩୩ ଲକ୍ଷ କୋଟି ଟଙ୍କା)ରୁ ଅଧିକ ମୂଲ୍ୟର ରୁଷ ତେଲ କିଣୁଛି । ରୁଷ ତେଲକୁ ଆଳ କରି ଆମେରିକା ଭାରତ ଉପରେ ଅତିରିକ୍ତ ଟାରିଫ୍ ଲଗାଇଛି । ଭାରତ ଆମେରିକାକୁ ମୋଟ ୭.୫୯ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ରପ୍ତାନି କରିଥାଏ ।

# ଶତାବ୍ଦୀର ସନ୍ଥ ପଣ୍ଡିତ ଗୋପବନ୍ଧୁ ଦାସ



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି,ତୁଳସୀପୁର, କଟକ
ମୋ-୭୮୪୬୯୨୧୪୦୦

ଆଜି ଯେତେବେଳେ ଆମେ ବାସ କରୁଥିବା ସମାଜରେ ଓ ରାଷ୍ଟ୍ରରେ ନିଃସ୍ୱାର୍ଥପରତା ଓ ତ୍ୟାଗ ହଜି ହଜି ଯାଉଛି ଓ ଭୋଗବାଦ କାୟା ବିସ୍ତାର କରିଚାଲିଛି, ରାଜନୀତି, ପ୍ରଶାସନ, ଶିଳ୍ପ, ଶିକ୍ଷା, ବାଣିଜ୍ୟ ଆଦି ସବୁ କ୍ଷେତ୍ରରେ ଉପଭୋଗର ପ୍ରତିଛବି। ସତ୍ୟ, ଅହିଂସା, ସହିଷ୍ଣୁତା ବଦଳରେ ଛଳନା, ପ୍ରତାରଣା ଆଜି ସବୁରି ହୃଦୟରେ ବସା ବାନ୍ଧିଛି। ସବୁଠି ମୁଁ ହିଁ ମୁଁର ପ୍ରତିଧ୍ୱନି। ମିଥ୍ୟା ହମଦର୍ଦ୍ଦି, ମିଥ୍ୟା ଦୟାର ପ୍ରଚାର ପ୍ରସାରରେ ସତ୍ୟର ଶ୍ୱାସରୁଦ୍ଧ। ଏଇଠି ମନେ ପଡ଼ନ୍ତି ତ୍ୟାଗବୀର ସତ୍ୟବାଦୀର ସନ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ କଥା। ଯିଏ ଆତ୍ମସୁଖକୁ ଜଳାଞ୍ଜଳି ଦେଇ ଦଳିତ, ନିଷ୍ପେଷିତ, ଅସହାୟ ଜନତାଙ୍କୁ ବିନାସ୍ୱାର୍ଥରେ ହୃଦୟରୁ ଭଲ ପାଉଥିଲେ। ଭୋକିଲା ଶିଶୁର କାନ୍ଦଣା ଶବ୍ଦ ଶୁଣି ଖାଇବା ପାଖରୁ ଉଠି ଯାଉଥିଲେ, ଆତ୍ମ ମର୍ଯ୍ୟାଦା, ସ୍ୱାଭିମାନ ସହ ବଂଚିବାକୁ ପ୍ରେରଣା ଦେଇ ଚାଲିଥିଲେ। ଅହିଂସା ସତ୍ୟକୁ ନିର୍ଭିକ ଭାବେ ନିଜ ଜୀବନଚର୍ଯ୍ୟାରେ ରୂପାନ୍ତରିତ କରିଥିଲେ ସେ ଆଉ କେହି ନୁହନ୍ତି; ସେ ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ଆଜି ହଜି ଯାଇଛି ସେହି ମୂଲ୍ୟବୋଧ। ଔପନିବେଶିକ ସ୍ୱାଧୀନତା ଆଜି ବି ସ୍ୱାଧୀନ ଭାରତର କିଛି ପ୍ରଶାସକ ଓ ନେତାଙ୍କ ଭିତରେ କାୟା ବିସ୍ତାର କରିଛି। ଦୁର୍ନୀତି, ଭ୍ରଷ୍ଟାଚାର, ଅମାନବିକତା, ଅନୀତି, ଶୋଷଣ, ପୀଡ଼ନ, ଜାତୀୟ ନୀତିରେ ପରିଣତ ହୋଇଛି କହିଲେ ଆଦୌ ଭୁଲ ହେବ ନାହିଁ। ନୈତିକ ମୂଲ୍ୟବୋଧ ମୃତପ୍ରାୟ। ବସ୍ତୁର ମୂଲ୍ୟ ବୃଦ୍ଧି ପାଉଥିବା ବେଳେ ଜୀବନ୍ତ ମଣିଷର ମୂଲ୍ୟ କମି କମି ଯାଉଛି। ସ୍ୱାଭିମାନୀ ଓଡ଼ିଆ ଆଜି ବାହାର ରାଜ୍ୟରେ ଶ୍ରମିକ ସାଜିଛି। ଶିକ୍ଷାନୀତି ଅର୍ଥ ସର୍ବସ୍ୱ ହୋଇ ନୈତିକତା ଓ ମୂଲ୍ୟବୋଧ ହରାଇଛି। ମଣିଷ ପାଲଟି ଯାଇଛି ଗୋଟାଏ ରବର୍ଟ ମେସିନ। ତା' ଭିତରେ ଦୟା, ପ୍ରେମ, ସ୍ନେହ, ଶ୍ରଦ୍ଧା, ଭଲ ପାଇବା ହଜିଯାଇ ସେଠାରେ ସୃଷ୍ଟି ହୋଇଛି ହିଂସା, ଛଳନା, ପ୍ରତାରଣା, ଈର୍ଷା, କପଟତା, ଜଣେ ଆଉ ଜଣକୁ ତଳେ ପକାଇ ପରାଜିତ କରି ଉପରକୁ ଉଠିବାର ଆପ୍ରାଣ ପ୍ରୟାସ। ଏଭଳି ପରିସ୍ଥିତିରେ ଜଣେ ଏଭଳି ସନ୍ଥ ଏ ଓଡ଼ିଶା ମାଟିରେ ଜନ୍ମ ହୋଇ ମାଟି ମା'କୁ ମାତୃଭୂମିକୁ ପବିତ୍ର କରି ନିଜର ସ୍ୱଳ୍ପ ଜୀବନ କାଳରେ ଓଡ଼ିଶାକୁ ଜାତୀୟ ସ୍ରୋତରେ ସାମିଲ କରିବାର ବୀଜମନ୍ତ୍ର ବପନ କରି ରାଜ୍ୟକୁ ବିକାଶୋନ୍ମୁଖୀ ଓ ସମୃଦ୍ଧ କରିବାପାଇଁ କେବଳ ସ୍ୱପ୍ନ ଦେଖି ନଥିଲେ ବରଂ ନିଜ ଜୀବନର ସମସ୍ତ ସମୟକୁ ସେ ଦିଗରେ ବିନିଯୋଗ କରିଥିଲେ। ଜୀବନର ଶେଷ ନିଃଶ୍ୱାସ ନେବାର କିଛି ମିନିଟ ପୂର୍ବରୁ ସେ ଯେଉଁ ଇଚ୍ଛାପତ୍ରଟିକୁ ଲିପିବଦ୍ଧ କରି ଯାଇଛନ୍ତି ସତରେ ତାହା କେବଳ ଜଣେ ମହାମାନବ ହିଁ କରି ପାରିବ। ବାଲ୍ୟକାଳରେ ମାତୃପିତୃହରା, ବନ୍ୟା ପ୍ରପୀଡ଼ିତାଙ୍କୁ ଉଦ୍ଧାର କରିବାକୁ ଯାଇ ପୁତ୍ର ସନ୍ତାନକୁ ହରାଇବା ପୁଣି ମାତ୍ର ୨୮ ବର୍ଷ ବୟସରେ ଯୌବନରେ ନିଜ ପତ୍ନୀଙ୍କୁ ହରାଇବାର ଦୁଃଖ, ତାଙ୍କୁ କିନ୍ତୁ ଏହି ଦାରୁଣ ଦୁଃଖ ଆଦୌ ବିଚଳିତ କରି ନଥିଲା। ଜୀବନ ଯୁଦ୍ଧରେ ସେ କେବେ ହାରି ଯାଇନଥିଲେ ବରଂ ସଂଗ୍ରାମୀ ଯୋଦ୍ଧା ପରି ଅବିଚଳିତ ଓ ଅବିଶ୍ରାନ୍ତ ଭାବେ ଏ ମାନବ ଜାତିର ଉଦ୍ଧାର ପାଇଁ ରାଷ୍ଟ୍ରର ଉନ୍ନତି ପାଇଁ ଓ ଜାତିର ପ୍ରଗତି ପାଇଁ ରାଷ୍ଟ୍ରର ଉନ୍ନତି ପାଇଁ ସେବାକୁ ଯେଉଁଭଳି ଭାବେ ଜୀବନର ବ୍ରତ କରିଥିଲେ ତାହା ନିଶ୍ଚିତ ଭାବରେ ଅତୁଳନୀୟ ଓ ଦୁଷ୍ପ୍ରାପ୍ୟ। ତତ୍କାଳୀନ ଲର୍ଡ ମ୍ୟାକେଲଙ୍କ ଶିକ୍ଷାନୀତି ଓ ଶିକ୍ଷା ବ୍ୟବସ୍ଥାର ତ୍ରୁଟିର କୁପରିଣାମ ସଂପର୍କରେ ସେ ନିଜର ଦୂରଦୃଷ୍ଟି ଦ୍ୱାରା ଜାଣିପାରିଥିଲେ। ଛାତ୍ରମାନଙ୍କୁ ଆତ୍ମ ନିର୍ଭରଶୀଳ ଓ ମୂଲ୍ୟବୋଧ ଶିକ୍ଷାଦେଇ ଯନ୍ତ୍ର ନୁହେଁ ମଣିଷ ପରି ନିର୍ମାଣ କରିବାପାଇଁ ୧୯୦୯ ମସିହାରେ ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ବନର ଛୁରିଅନା କୁଞ୍ଜରେ ସୃଷ୍ଟି କରିଥିଲେ ସତ୍ୟବାଦୀ ବନବିଦ୍ୟାଳୟ। ସ୍ୱାମୀ ବିବେକାନନ୍ଦଙ୍କୁ ଅନୁସରଣ କରି ଗୁରୁତ୍ୱ ଦେଇଥିଲେ ଜୀବନ-ନିର୍ମାଣ (Life Building), ମଣିଷ ନିର୍ମାଣ (Man Making) କାରଖାନାକୁ। ଏହି ମଣିଷ ତିଆରି କାରଖାନାର ମୂଳ ଲକ୍ଷ୍ୟ ଥିଲା ଚରିତ୍ର ଗଠନ (Character Building), ସମାଜସେବା, ନୈତିକତା, ଆଧ୍ୟାତ୍ମିକତା, କର୍ମଦକ୍ଷତା, ଜାତୀୟତା, ଶିକ୍ଷା ମାଧ୍ୟମରେ ଛାତ୍ରମାନଙ୍କର ବ୍ୟକ୍ତିତ୍ୱବିକାଶ ସହିତ ସମାଜବିକାଶ କରିବା ଏହାର ଗୂଢ଼ ଲକ୍ଷ୍ୟ ଥିଲା। ମାତୃଭୂମି ଓ ମାତୃଭାଷା ପ୍ରତି ଛାତ୍ରଙ୍କୁ ଆକୃଷ୍ଟ କରିବା ଏବଂ କଳା ସାହିତ୍ୟ, ନୃତ୍ୟ, ସଂଗୀତ, ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରାଇବା ଥିଲା ତାଙ୍କର ମୂଳଲକ୍ଷ୍ୟ। ଏଇଠି ଗୋଟିଏ ପ୍ରଶ୍ନ ଉଠୁଛି ଆମ ମନରେ ଯେଉଁ ଶିକ୍ଷା ଆଜି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପ୍ରଚଳିତ ହେଉଛି ଏହା ପ୍ରକୃତରେ ମଣିଷ ପରି ମଣିଷଟିଏ ତିଆରି କରି ପାରିଛିକି ? ଏହା ଏକ ବିରାଟ ପ୍ରଶ୍ନ ଯାହା ଆମକୁ ଆନ୍ଦୋଳିତ କରୁଛି। ଏ ନୂତନ ଶିକ୍ଷାନୀତି କଣ ମାଟି, ମଣିଷ, ସଂସ୍କୃତି, ଆମ ଭାଷାର ସୁରକ୍ଷା ଉପରେ ଆଧାରିତ କି ? କେବଳ ବିଶ୍ୱ ଭାଷା ସମ୍ମିଳନୀ କରି କୋଟି କୋଟି ଅର୍ଥ ଖର୍ଚ୍ଚ କରି ଦେଲେ ଭାଷାର ସୁରକ୍ଷା ହୁଏ ନାହିଁ। ଭାଷାର ସୁରକ୍ଷା ପାଇଁ, ମର୍ଯ୍ୟାଦାର ରକ୍ଷାପାଇଁ ଆନ୍ତରିକତା ଲୋଡ଼ା। ଆଜି ସେ ଆନ୍ତରିକତା ଆମ ଭିତରେ ଅଛି ତ ? କେବଳ ପ୍ରତିଯୋଗିତା ଭିତିରେ ବ୍ୟବସାୟ ଲୋଭରେ ଆମେ ସୃଷ୍ଟି କରି ଚାଲିଛେ ହଜାର ହଜାର ଶିକ୍ଷାନୁଷ୍ଠାନ। ଯେଉଁ ଶିକ୍ଷାନୁଷ୍ଠାନ କି ମଣିଷ ବଦଳରେ ଗୁଡ଼ାଏ ଯନ୍ତ୍ର ମଣିଷ ସୃଷ୍ଟି କରି ବାହାସ୍ଫୋଟ ମାରୁଛି। ଆଜି ମଣିଷ ଚନ୍ଦ୍ର ପୃଷ୍ଠରେ ପାଦ ଥାପି ବାସଗୃହ ନିର୍ମାଣ କରି ବାସ କରିବାର ସ୍ୱପ୍ନ ଦେଖୁଛି ଅଥଚ ମଣିଷକୁ ମଣିଷଟିଏ ଆନ୍ତରିକତାର ସହ ଭଲ ପାଇପାରୁନି। ସବୁଠି ଛଳନା ଆଉ ବିଶ୍ୱାସଘାତକତା। ବିଶ୍ୱାସରେ ଆଜି ନିତି ଭୂମିକଂପ। କିନ୍ତୁ ଗୋପବନ୍ଧୁଙ୍କ ଜାତୀୟ ଶିକ୍ଷାନୀତିରେ ଥିଲା ମାଟିର ବାସ୍ନା ଓ ଜାତୀୟ ଅସ୍ମିତାର ବାସ୍ନା। ସେଠାରେ ବୁଦ୍ଧିର ମାନ୍ୟତା ପରିବର୍ତ୍ତେ ହୃଦୟକୁ ଦିଆ ଯାଉଥିଲା ଅଧିକ ମାନ୍ୟତା। ଆଜି କୃଷି ଠାରୁ ଦୂରେଇ ଯାଇଛି କୃଷକ। ମାଗଣା ଟଙ୍କିକିଆ ଚାଉଳ ସମସ୍ତଙ୍କୁ କର୍ମଭୀରୁ କରି ଦେଇଛି। କର୍ମ ବିମୁଖ ସାଜିଛି ଆଜି ଓଡ଼ିଆ ଜାତି। ଗାଁରେ ଆଜି ମଦର ବନ୍ୟା। ଯୁବପୀଢ଼ି ନିଶାରେ ଆକ୍ରାନ୍ତ ହୋଇ ହିତାହିତ ଜ୍ଞାନ ହରାଉଛି। ଫଳରେ ନାରୀଜାତି ପ୍ରତି ଘୋର ନିର୍ଯ୍ୟାତନା ବୃଦ୍ଧି ପାଉଛି। କୁଟୀର ଶିଳ୍ପ ଆଜି ମୃତପ୍ରାୟ।

ରାଜନୀତି କଥା ନ କହିଲେ ଭଲ। ଆଜି ଦେଖା ଯାଉଛି ଯେ ଯେତେବେଳେ ନିର୍ବାଚନ ପାଖେଇ ଆସୁଛି ସେତେବେଳେ ନେତାମାନେ ଏ ଦଳରୁ ସେ ଦଳକୁ ଡେଉଁଛନ୍ତି, କାରଣ ସେବା କରିବାର ସୁଯୋଗ ପାଉନାହାନ୍ତି ବୋଲି ସେମାନେ ଯୁକ୍ତି ବାଢ଼ିଥିଲେ। ଗୋପବନ୍ଧୁ କିନ୍ତୁ ସଂପୂର୍ଣ୍ଣ ଏହାର ବ୍ୟତିକ୍ରମ। ବିପୁଳ ଜନସମର୍ଥନ ହିଁ ଗୋପବନ୍ଧୁଙ୍କୁ ଇତିହାସର ପୃଷ୍ଠାରେ ଏକ ମୁକୁଟ ବିହୀନ ସମ୍ରାଟ ବନାଇ ଦେଇଥିଲା। ଗୋପବନ୍ଧୁଙ୍କ ଜୀବନ କିନ୍ତୁ ଥିଲା ରାଷ୍ଟ୍ରପାଇଁ ତଥା ଦୁଃଖୀ, ଦରିଦ୍ର, ଅସହାୟ, ନିଷ୍ପେଷିତ ଜନତାଙ୍କ ପାଇଁ ସଦା ସମର୍ପିତ ଜୀବନ। ଆଜିର ନେତାମାନେ ଠିକ୍ ଏହାର ବିପରୀତ। ସେବାକୁ ଆଉ ଜୀବନର ବ୍ରତ କରିନାହାନ୍ତି। ସେବା ରୂପୀ ରାଜନୀତି ଏକ ବ୍ୟବସାୟରେ ପରିଣତ ହୋଇ ଗଲାଣି। ଜାତିର ପିତା ମହାତ୍ମାଗାନ୍ଧୀ କିନ୍ତୁ କହୁଥିଲେ, "If you reduce yourself to zero then only you can be hero" ଯଦି ବ୍ୟକ୍ତି ତାର ଅହଂକାର 'ମୁଁ'ତ୍ୱକୁ ନିଜ ଭିତରୁ ଲୋପ କରିବ ତେବେ ସେ ଅନ୍ୟମାନଙ୍କ ହୃଦୟରେ ନିଜକୁ ଖୋଜି ପାରିବ। ସେହିଭଳି ଲୋକପ୍ରିୟ ନେତା ଥିଲେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ଯିଏ ତାଙ୍କ କବିତାରେ ଲେଖିଥିଲେ,-

"ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ॥"

ଗୋପବନ୍ଧୁ ହିଁ ଥିଲେ ପ୍ରକୃତ ନେତା, ଯିଏ ନିଜର ପରିବାର ସଦସ୍ୟ, ଆତ୍ମୀୟ ସ୍ୱଜନଙ୍କ ସୁଖ-ସ୍ୱଚ୍ଛନ୍ଦ୍ୟ ବିଷୟରେ ଚିନ୍ତା ନକରି ଏକ ବୃହତ ଜନସମୁଦ୍ରର ସୁଖ-ସ୍ୱାଚ୍ଛନ୍ଦ୍ୟ ବିଷୟରେ ଚିନ୍ତା କରନ୍ତି। ସେ କେବେହେଲେ ସ୍ୱାର୍ଥପରତା, କପଟତା, ପରଶ୍ରୀକାତରତାର ପ୍ରତିମୂର୍ତ୍ତିନଥିଲେ। ସେ କଦାପି ଉଚ୍ଚ ଅଟ୍ଟାଳିକାରେ ଧନ ପ୍ରାଚୁର୍ଯ୍ୟରେ ଆଜିର ନେତାଙ୍କ ପରି ରହିବାକୁ ଚାହୁଁ ନଥିଲେ। ସେ ସବୁବେଳେ ଦିନ ଦରିଦ୍ର ଲୋକମାନଙ୍କ ପାଖରେ ରହିବାକୁ ଇଚ୍ଛା କରି ନିଜ ସ୍ୱାର୍ଥକୁ ପରିତ୍ୟାଗ କରି ରାଷ୍ଟ୍ରର ସ୍ୱାର୍ଥକୁ ସମ୍ମାନ ଦେଇଥିଲେ। ପ୍ରକୃତ ନେତାଙ୍କ ଦୃଷ୍ଟାନ୍ତ ଥିଲେ ଗୋପବନ୍ଧୁ। ଯିଏ ମୃତ୍ୟୁ ମୁଖରେ ପଡ଼ିଥିବା ପୁଅକୁ ମଧ୍ୟ ନଚାହିଁ ଶତସହସ୍ର ଜୀବନ ବାଇବାପାଇଁ ନଦୀ ସ୍ରୋତରେ ମଧ୍ୟ ମିଶି ଯାଇଥିଲେ। ଏକଦା ଲେନିନ କହିଥିଲେ, "A true leader must submerge himself in the foundation of the people" ଅର୍ଥାତ ଜଣେ ନେତା ନିଜ ସ୍ତରରେ ଅଧିକ କ୍ଷମତାଶାଳୀ ହେବାକୁ ଆଦୌ ପ୍ରଶ୍ରୟ ଦିଏନାହିଁ। ସେ ସବୁବେଳେ ସମସ୍ତଙ୍କ ପାଖରେ ବିନୟୀ, ସହିଷ୍ଣୁ, କ୍ଷମାଶୀଳ ହୋଇ ରହିଥାଏ। ସେହିଭଳି ନେତା ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ। ସେଇଥିପାଇଁ ଗୋପବନ୍ଧୁ କବିତାରେ ଲେଖିଥିଲେ,

"ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ ॥"

ସର୍ବୋପରି କହିବାକୁ ଗଲେ ସେ କୌଣସି ଦାର୍ଶନିକ ମତବାଦର ପ୍ରବର୍ତ୍ତକ ନଥିଲେ। ସେ ଥିଲେ କର୍ମଯୋଗୀ, ସନ୍ଥ, ତାଙ୍କର ବ୍ୟକ୍ତିତ୍ୱ ଥିଲା ମହାମାନବର ବ୍ୟକ୍ତିତ୍ୱ। ତାଙ୍କର ଜୀବନାଦର୍ଶରେ ରହିଥିଲା ଭଗବତ୍ ପ୍ରୀତି, ଜାତିପ୍ରୀତି, ମାନବପ୍ରୀତି। ସମସ୍ତ ମାନବଜାତିକୁ କର୍ମ ମୁଖର କରି ସେ ଲେଖିଥିଲେ,-

"ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜିଏ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ॥"

ସେହି କର୍ମବୀର ଗୋପବନ୍ଧୁ ପୁଣି ୧୯୧୯ ଅକ୍ଟୋବର ୪ ତାରିଖ ବିଜୟାଦଶମୀରେ 'ସମାଜ ସାପ୍ତାହିକ'କୁ ତାଙ୍କର ମାନସ ସନ୍ତାନ ରୂପେ ପ୍ରକାଶ କରିଥିଲେ, ଯାହା ଏବେ ଅନେକ ବାଧାବିଘ୍ନ ମଧ୍ୟ ଦେଇ ସଂଘର୍ଷ ଓ ପ୍ରତିକୂଳ ପରିସ୍ଥିତି ଦେଇ ଅବିରତ ଯାତ୍ରା କରି ଇତିହାସର ଏକ ମାଇଲଖୁଣ୍ଟ ରୂପେ ଛିଡ଼ା ହୋଇଛି। ସମ୍ବାଦପତ୍ର ସମାଜ ଏବେ ଦେଶର ଗଣତନ୍ତ୍ରର ସତର୍କ ଓ ଜାଗ୍ରତ ପ୍ରହରୀ ଏବଂ ନିର୍ଭିକ, ସତ୍ୟ ବିଶ୍ୱସନୀୟ ସମ୍ବାଦ ପତ୍ର ରୂପେ ଭୂମିକା ନିର୍ବାହ କରୁଛି। ଗୋପବନ୍ଧୁ ହିଁ ବିଚ୍ଛିନ୍ନ ଶୀର୍ଣ୍ଣ ଉତ୍କଳର ସୁପ୍ତ ଓଡ଼ିଆ ଜାତିକୁ ସଚେତନତାର ମନ୍ତ୍ରରେ ଅଭିମନ୍ତ୍ରିତ କରି ଜାତି ପ୍ରାଣରେ ସ୍ପନ୍ଦନ ସୃଷ୍ଟି କରିଛନ୍ତି। ଓଡ଼ିଶା ଆଜି ଖଣିଜ, ବନସଂପଦ, ଜଳ ଓ ମାନବସମ୍ବଳ ସମ୍ପଦରେ ଭରପୂର ଥିବା ସତ୍ତ୍ୱେ ଉପଯୁକ୍ତ ବିନିଯୋଗ ଅଭାବରୁ ଆଜି ବି ଓଡ଼ିଶାର ଲୋକ ନିଜର ଗୁଜୁରାଣ ମେଣ୍ଟାଇବାକୁ ଦୂର ରାଜ୍ୟକୁ ଯାଉଛନ୍ତି। ଦୁଃଖର କଥା ଆଜି ବି ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ପାରିନାହିଁ। ନିତ୍ୟ ବ୍ୟବହାର୍ଯ୍ୟ ଫଳ, ପନିପରିବା, ଫୁଲ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ। ଲକ୍ଷ ଲକ୍ଷ ଓଡ଼ିଆ ଲୋକ ଆଜି ଶୋଷିତ, ନିର୍ଯ୍ୟାତିତ। ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ମଧ୍ୟ ଓଡ଼ିଆ ଭାଷା ପ୍ରତି ମମତା ଆମେ ସୃଷ୍ଟି କରି ପାରିନାହୁଁ। ଜଗତିକରଣ ଆଳରେ ନିଜର ଭାଷା ସଂସ୍କୃତିକୁ ଭୁଲି ଆମେ ଇଂରାଜୀକୁ ଆପଣେଇଛୁ। ଏବଂ ନିଜ ସ୍ୱାଭିମାନକୁ ହରାଇ ଆଜିବି ଆମେ ନିଜ ଅସ୍ମିତାକୁ ଖୋଜୁଛୁ। କୁଆଡ଼େ ଗଲା ଅସ୍ମିତା ଆଜି ଯେତେବେଳେ ଆମ ଭାଷା ଓ ଜାତିର ଅବକ୍ଷୟ ଘଟିଛି, ସେତେବେଳେ ଆମେ ସେହି ନୈତିକ ମୂଲ୍ୟବୋଧ, ଜାତୀୟତାର ବାର୍ତ୍ତାବହ ସତ୍ୟବାଦୀର ସନ୍ଥ, ଶତାବ୍ଦୀର ଶ୍ରେଷ୍ଠ ମଣିଷଟିକୁ ଖୋଜୁଛୁ। ଆମେ ଓଡ଼ିଆ ଜାତିର ଉନ୍ନତି ପାଇଁ କେତେ ନିସ୍ୱାର୍ଥପର, କେତେ ପ୍ରତିଶ୍ରୁତିବଦ୍ଧ ଆଜି ସମୀକ୍ଷା କରିବାର ସମୟ ଆସିଛି। ଯଦି ଗୋପବନ୍ଧୁଙ୍କ ଆଦର୍ଶ ଓ ନୈତିକ ମୂଲ୍ୟବୋଧର ପୁନରୁତ୍ଥାନ ହୁଏ, ଏ ଜାତିର ଯୁବପୀଢ଼ି ଯଦି ସଂକଳ୍ପବଦ୍ଧ ହୋଇ ଓଡ଼ିଆ ଅସ୍ମିତାକୁ ବଜାୟ ରଖି ଉତ୍ସର୍ଗୀକୃତ ଭାବେ ଆନ୍ତରିକତାର ସହ ସମର୍ପିତ ମନଭାବ ନେଇ ଦେଶ ଓ ସମାଜର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ, ତେବେ ତାହାହିଁ ହେବ ଶତାବ୍ଦୀର ଶ୍ରେଷ୍ଠ ମଣିଷ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପାଇଁ ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

# ଗୋଟିପୁଅରୁ ଗୀତିନାଟ୍ୟ ସମ୍ରାଟ



ଅବନୀ ଚନ୍ଦ୍ର ଦାସ
ସଂପାଦକ,
ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ,
ପ୍ରଶାନ୍ତି ବିହାର,
ଭୁବନେଶ୍ୱର - ୨୪
ମୋ : ୯୯୩୭୫୩୭୯୭୪

ଗୋଟିପୁଅ ନୃତ୍ୟ ଆମ ଓଡ଼ିଶାର ଏକ ପାରମ୍ପରିକ ପ୍ରାଚୀନ ଲୋକକଳା । ବିଶେଷତଃ ଏହା ପୁରୀ ଓ ଗଞ୍ଜାମ ଜିଲ୍ଲାର ଲୋକ ନୃତ୍ୟ ଭାବେ ପ୍ରାୟ ୧୬ଶ ଶତାବ୍ଦୀରୁ ଚଳି ଆସିଛି । ଶ୍ରୀ ଜୟଦେବଙ୍କ ଦ୍ୱାରା ପ୍ରଣୀତ 'ଗୀତ ଗୋବିନ୍ଦ' ସଂସ୍କୃତ କାବ୍ୟରେ ଥିବା ଶ୍ରୀ ରାଧାକୃଷ୍ଣ ଓ ଗୋପୀ ମାନଙ୍କ ରାସ ଲୀଳା ଆଧାରରେ ସଖୀ ଚରିତ୍ରର ଭକ୍ତି ଭାବନାର ଦୃଶ୍ୟ ସବୁ ଏହି ଗୋଟିପୁଅ ନୃତ୍ୟରେ ପରିବେଷିତ ହୋଇ ଆସୁଛି। ପୁଅମାନେ ଝିଅ ମାନଙ୍କ ଭଳି ବେଶ ପୋଷାକ ଓ ପରିପାଟୀରେ ସୁସଜ୍ଜିତ ହୋଇ ଏହି ଲୋକ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପ୍ରଚଳିତ ମାହାରୀ ନୃତ୍ୟ ପରମ୍ପରାରେ ଏହି ଗୋଟିପୁଅ ନାଚର ପରିକଳ୍ପନା ବାସ୍ତବିକ୍ ଓଡ଼ିଆ ଲୋକ କଳା / ଲୋକ ସଂସ୍କୃତିକୁ ଏକ ମହାନ୍ ଅବଦାନ କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ମୋଟ୍ ଉପରେ କହିବାକୁ ଗଲେ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ ମାହାରୀ ନୃତ୍ୟ ଅଥବା ଦେବଦାସୀ ପ୍ରଥାର ପ୍ରଚଳନ ବହୁ ପୁରାତନ ଏବଂ ଏହି ଶୈଳୀରେ ଶ୍ରୀ ରାଧାକୃଷ୍ଣଙ୍କ ଅଲୌକିକ ପ୍ରେମ ଜନମାନସ ରେ ଆଧ୍ୟାତ୍ମିକ ଉନ୍ମେଷ ପାଇଁ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କଳାରୁ ଗୋଟିପୁଅ ନୃତ୍ୟ ଉଦ୍ଭବ ହୋଇଛି । କାଳ କ୍ରମେ ଏହା ଶ୍ରୀକ୍ଷେତ୍ର ପୁରୀ ତଥା ଲୋକ ସଂସ୍କୃତିର ଗନ୍ତାଘର ଗଞ୍ଜାମ ରୁ ବିଭିନ୍ନ ଜିଲ୍ଲାକୁ ସମ୍ପ୍ରସାରିତ ହୋଇଛି । ଆମ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ମଧ୍ୟ ଏହି ସୁପ୍ରାଚୀନ ଲୋକ ନୃତ୍ୟ ଦ୍ୱାରା ବହୁଭବରେ ପ୍ରଭାବିତ ଓ ବିକଶିତ ହୋଇଥିବା କୁହାଯାଏ । ତେବେ ଏହି ପାରମ୍ପରିକ ଗୋଟିପୁଅ ନୃତ୍ୟ ୧୬ଶ ଶତାବ୍ଦୀ ରୁ ଅଦ୍ୟାବଧି ଓଡ଼ିଶାର ଲୋକନୃତ୍ୟ ଭାବେ ପ୍ରଦର୍ଶିତହୋଇ ଓଡ଼ିଶା ତଥା ଦେଶ ବିଦେଶରେ ଦର୍ଶକଙ୍କୁ ଆନନ୍ଦ ପ୍ରଦାନ କରିବା ସହିତ ଆଧ୍ୟାତ୍ମିକ ଭାବନାରେ ନିମଜ୍ଜିତ କରାଇ ପାରୁଛି । ଏହି ପରିପ୍ରେକ୍ଷୀରେ ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ରଚନା, ପରିବେଷଣ ଏବଂ ତାହାର ପ୍ରଚାର ପ୍ରସାର ବେଶ୍ ପ୍ରଣିଧାନଯୋଗ୍ୟ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ଅଖ୍ୟାତ ପଲ୍ଲୀ କୋଠପଦାର ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ବୈଷ୍ଣବ ପାଣି। ପିତା ସୁଦର୍ଶନ ପାଣି ଓ ମାତା ଚାନ୍ଦ ଦେବୀଙ୍କ ପୁତ୍ର ଶତ୍ରୁଘ୍ନ ଶୈଶବରୁ ରୋଗଗ୍ରସ୍ତ ଥିବାରୁ ତାଙ୍କୁ ଶ୍ରୀକ୍ଷେତ୍ର ପୁରୀରେ ବଡ଼ ଠାକୁରଙ୍କ ବଡ଼ଛତା ତଳେ ବୈଷ୍ଣବ କରି ଦିଆଯାଇଥିଲା ।

ସେହି ଦିନଠାରୁ ବାଳକ ଶତ୍ରୁଘ୍ନ ପରିଚିତ ହୋଇଥିଲେ ବୈଷ୍ଣବ ପାଣି ନାମରେ । ଗାଁ ମାଟିକୁ ଫେରିଆସି ବାଲ୍ୟ ଶିକ୍ଷା ଗ୍ରହଣ କରିଥିଲେ। ମାତ୍ର ୪ର୍ଥ ଶ୍ରେଣୀ ପାଠ୍ୟ କ୍ରମ ସମାପ୍ତ କରି ୫ମ ବେଳକୁ ତାଙ୍କର ପୋଥିରେ ଡୋରି ବନ୍ଧା ହୋଇଗଲା । ଦାରିଦ୍ର୍ୟର ତାଡ଼ନାରେ ଜର୍ଜରିତ ବାଳକ ବୈଷ୍ଣବ କୋଠପଦା ସ୍ଥିତ ରଘୁନାଥ ଜୀଉ ମଠ ମହନ୍ତଙ୍କ ସେବାପୂଜା ରେ ସହାୟକ ଭାବେ କାର୍ଯ୍ୟ କରି ଉଦର ପୋଷଣ କରୁଥିଲେ । ମଠର ଗୋ ସେବା, ଫୁଲ ତୋଳା, ଆଦି ଦୈନନ୍ଦିନ କାର୍ଯ୍ୟରେ ନିୟୋଜିତ ବୈଷ୍ଣବଙ୍କ ପ୍ରତିଭା ମହନ୍ତ ରଘୁନାଥ ପୁରୀ ଗୋସ୍ୱାମୀଙ୍କ ଦୃଷ୍ଟିରେ ପଡ଼ିଲା । ତାଙ୍କର ବିଚକ୍ଷଣ ବୁଦ୍ଧିମତ୍ତା, ମୂର୍ଚ୍ଛନା ମଣ୍ଡିତ ସୁଲଳିତ କଣ୍ଠସ୍ୱର ତଥା ଗନ୍ଧର୍ବ କଳାର ଅଙ୍ଗଭଙ୍ଗୀରେ ମହନ୍ତ ବିମୋହିତ ହୋଇ ଯାଉଥିଲେ। ମହନ୍ତ ମହାରାଜଙ୍କ ନିଜସ୍ୱ ପରିଚାଳିତ ଏକ ନାଟ୍ୟ ଦଳରେ ବୈଷ୍ଣବ ଙ୍କୁ ସୁଯୋଗ ଦେବାପାଇଁ ସ୍ଥିର କଲେ ।

ପ୍ରଥମେ ବାଳକ ବୈଷ୍ଣବ ଗୋଟି ପୁଅ ବେଶରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇ ନିଜର ଅସାଧାରଣ ନୃତ୍ୟ କଳାରେ ଦର୍ଶକ ମାନଙ୍କୁ ମୁଗ୍ଧ ଚକିତ କରିଦେଲେ । କ୍ରମଶଃ ନୃତ୍ୟ, ସଂଗୀତ କଳା ପ୍ରତି ବୈଷ୍ଣବ ଆକର୍ଷିତ ହେଲେ । ଓଡ଼ିଶାର ତତ୍କାଳୀନ ପାରମ୍ପରିକ ଲୋକ ସଂସ୍କୃତି ମଧ୍ୟରେ ପାଲା ପରିବେଷଣ ଏକ ବହୁ ଚର୍ଚ୍ଚିତ ମାଧ୍ୟମ ଥିଲା । ସାହିତ୍ୟ, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ସାମାଜିକ, ଆଧ୍ୟାତ୍ମିକ ଅନୁଶୀଳନ ମାଧ୍ୟମରେ ଜନ ଜୀବନକୁ ପ୍ରଭାବିତ କରି ପାରୁଥିବା ଏହି ପାଲା ଗାୟନକୁ ଆପଣେଇ ଥିଲେ ଯୁବକ ବୈଷ୍ଣବ । ଏଥିରେ ସନ୍ତୁଷ୍ଟ ହୋଇପାରି ନଥିଲେ ସେ। କିନ୍ତୁ ସାମଗ୍ରିକ ଭାବେ ପୁରାଣର କଥାବସ୍ତୁକୁ ନେଇ ସାଂପ୍ରତିକ ସମାଜକୁ ମାର୍ଗଦର୍ଶନ କରିବାର ସ୍ପୃହା ତାଙ୍କ ମନରେ ଜାଗ୍ରତ ହେଇଥିଲା । ସମାଜ ଜୀବନକୁ ମାର୍ଜିତ ତଥା ସଂସ୍କାରିତ କରିବା ଥିଲା ତାଙ୍କର ଏକମାତ୍ର ଆଭିମୁଖ୍ୟ । ନୃତ୍ୟ, ସଙ୍ଗୀତ ଓ ଅଭିନୟ କୁ ପାଥେୟ କରି ସେ ଭଣିତା କରିବାକୁ ଲାଗିଲେ । ତଥାପି ମନ ମାନିଲା ନାହିଁ । ସ୍ୱାଭିମାନୀ ବୈଷ୍ଣବ ପାଣିଙ୍କ ଅନ୍ତର୍ଚେତନା ଜାଗି ଉଠିଲା । ମାହାଙ୍ଗାର ମହିମାମୟ ଠାକୁର ଶ୍ରୀ ବିନୋଦବିହାରୀ ଜୀଉ ବିଗ୍ରହଙ୍କ ପଦ ତଳେ ଅଧିଆ ପଡ଼ିଲେ । ଠାକୁରଙ୍କ କୃପା ଲାଭ କରି ପ୍ରଥମ ଗୀତିନାଟ୍ୟ 'ମେଘନାଦ ବଧ' ରଚନା କଲେ । ପୌରାଣିକ ଆଖ୍ୟାନ ସହିତ ସେଥିରେ ଥିଲା ନୃତ୍ୟ, ସଙ୍ଗୀତ, ଅଭିନୟ, ଆଉ ସାମାଜିକ ସଂସ୍କାର ପାଇଁ ସନ୍ଦେଶ ଚେତାବନୀ । ମାଳିହତା ର ଅଧିଷ୍ଠାତ୍ରୀ ମାଆ କ୍ଷେତ୍ରପାଳିନୀ ଠାକୁରାଣୀ ମନ୍ଦିର ବେଢ଼ାରେ ଏହା ପ୍ରଦର୍ଶିତ ହୋଇ ପାଣି ମହାଶୟ ଙ୍କୁ ପ୍ରଚୁର ପ୍ରଶଂସା ଓ ପ୍ରେରଣା ମିଳିଲା। ସେହି ଦିନ ଠାରୁ ବୈଷ୍ଣବ ପାଣି ଆଉ ପଛକୁ ଫେରି ନାହାନ୍ତି । ସେ ରଚନା କରିଛନ୍ତି ଅନେକ ଭଜନ, ଜଣାଣ, ଚଉତିଶା, ଗୀତିନାଟ୍ୟ, ସୁଆଙ୍ଗ, ଫାର୍ସ, ବଚନିକା ଏବଂ ସମ୍ଭ୍ରାନ୍ତ ଗଦ୍ୟ ସାହିତ୍ୟ ମଧ୍ୟ। ଶତ ଶତ ଗୀତିନାଟ୍ୟ ରଚନା କରି ଏକ ନାଟ୍ୟ ଦଳ ଗଢ଼ି ନିଜେ ନିର୍ଦ୍ଦେଶନା ଦେଇ, ସ୍ୱର ସଂଯୋଜକ ସାଜି, ପୁଣି ଗାୟକ, ବାଦକ, ପରିଚାଳକ ହୋଇ ଓ ସର୍ବୋପରି ତହିଁରେ ନିଜର ସ୍ୱତନ୍ତ୍ର ଅଭିନୟ ପ୍ରଦର୍ଶନ କରି ଓଡ଼ିଶାର ପ୍ରତି ଘରେ ଘରେ ପରିଚିତ ହୋଇଗଲେ । କେବଳ ଓଡ଼ିଶା କାହିଁକି, ରାଜ୍ୟ ବାହାରେ କଲିକତା, ବମ୍ବେ, ମାଡ୍ରାସ, ଟାଟା ନଗର ପ୍ରଭୃତି ଅଞ୍ଚଳରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ସେ ବହୁ ରାଜ ପରିବାର, ଜମିଦାର ଏପରିକି ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଭଳି ବହୁ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ଙ୍କ ଦୃଷ୍ଟି ଭାଜନ ହେବା ସଙ୍ଗେ ସଙ୍ଗେ ଅଗଣିତ ଜନ ମାନସରେ ଗଣକବି ଭାବେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ । ଗୀତିନାଟ୍ୟ ଜଗତର ସମ୍ରାଟ ଭାବରେ ବୈଷ୍ଣବ ପାଣି ଚିର ସ୍ମରଣୀୟ ହୋଇ ରହିଛନ୍ତି ଆଉ ରହିବେ ମଧ୍ୟ । ଗୋଟିପୁଅ ରୁ ଗୀତିନାଟ୍ୟ ସମ୍ରାଟ ହୋଇ ପାରିଥିବା ଏହି ଅନନ୍ୟ ବରପୁତ୍ର ବୈଷ୍ଣବ ପାଣି ଙ୍କ ୧୪୪ ତମ ଜୟନ୍ତୀ ଅବକାଶ ରେ ଜାତିର ବିନମ୍ର ଶ୍ରଦ୍ଧାଞ୍ଜଳି ।

# ବିଶ୍ୱ ଶିକ୍ଷକ ଦିବସର ଆଭିମୁଖ୍ୟ

ଡ଼. ମନୋଜ କୁମାର ମହାନ୍ତି
ବିଭାଗୀୟ ମୁଖ୍ୟ, ଦର୍ଶନ ବିଭାଗ,
ବି. ଏନ. ଏମ.ଏ ମହାବିଦ୍ୟାଳୟ,
ଭଦ୍ରକ,
ମୋ:୮୮୯୫୩୪୧୦୩୩

ପ୍ରତିବର୍ଷ ସେପ୍ଟେମ୍ବର ପାଞ୍ଚ ତାରିଖ ପରି ପ୍ରତିବର୍ଷ ଅକ୍ଟୋବର ପାଞ୍ଚ ତାରିଖରେ ବିଶ୍ୱ କୋଣଅନୁକୋଣରେ ପାଳିତ ହୁଏ ଶିକ୍ଷକ ଦିବସ । ୧୯୯୪ରେ ଅକ୍ଟୋବର ପାଞ୍ଚ ତାରିଖରେ ଆନ୍ତର୍ଜାତୀୟ ଶ୍ରମିକ ସଙ୍ଗଠନ ଓ ମିଳିତ ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ତଥା ସାଂସ୍କୃତିକ ଅନୁଷ୍ଠାନ(ୟୁନିସ୍କୋ)ର ଆନୁକୁଲ୍ୟରେ ଆରମ୍ଭ ହୋଇଥିଲା ବିଶ୍ୱ ଶିକ୍ଷକ ଦିବସ। ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିକ୍ଷକମାନଙ୍କର ସ୍ଥିତି ଓ ପରିସ୍ଥିତିକୁ ଅନୁଧ୍ୟାନ କରିବା। ଶିକ୍ଷାବ୍ୟବସ୍ଥାରେ ସ୍ଥାୟୀତ୍ୱ, ଶିକ୍ଷାର ଗୁଣାତ୍ମକମାନ, ଶିକ୍ଷକମାନଙ୍କର ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତା ସହ ଶିକ୍ଷାର ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ। ଏହା ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱସ୍ତରୀୟ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ। ଉଭୟ ସରକାର ଓ ବେସରକାରୀ ସ୍ତରରେ ଶିକ୍ଷାର ଭିତ୍ତିଭୂମି ସହ ଶିକ୍ଷାର ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା। ଆବଶ୍ୟକ ଶ୍ରେଣୀଗୃହର ସ୍ଥାପନା, ଖାଲି ପଡ଼ିଥିବା ଶିକ୍ଷକ ପଦରେ ଦକ୍ଷ ଶିକ୍ଷକମାନଙ୍କୁ ନିଯୁକ୍ତି ପ୍ରଦାନ ଓ ଅନ୍ୟାନ୍ୟ ଶୈକ୍ଷିକ ଆବଶ୍ୟକୀୟ ଉପକରଣ ଶିକ୍ଷାନୁଷ୍ଠାନରେ ଯୋଗାଇ ଦେବାରେ ତତ୍ପରତା ସରକାର ସ୍ତରରେ ଜାରି ରଖିବା ଲକ୍ଷ୍ୟରେ ସ୍ଥାପନ କରାଯାଇଥିଲା ବିଶ୍ୱ ଶିକ୍ଷକ ଦିବସ। ଶିକ୍ଷକମାନଙ୍କୁ ଉପଯୁକ୍ତ ତାଲିମ ଦ୍ୱାରା ଶିକ୍ଷାର ବିକାଶ ଦିଗରେ ଏହାଥିଲା ବୃହତ୍ ପଦକ୍ଷେପ। କାରଣ ଶିକ୍ଷକ, ସଭ୍ୟସମାଜ ଗଢିବାରେ ଶ୍ରେଷ୍ଠଭୂମିକା ଗ୍ରହଣ କରେ। ପ୍ରତ୍ୟେକ ବିକାଶଶୀଳ ରାଷ୍ଟ୍ର ନିର୍ମାଣରେ ଯେଉଁମାନଙ୍କର ଅବଦାନ ଅତୁଳନୀୟ, ଅବର୍ଣ୍ଣନୀୟ। ସମାଜକୁ ମାର୍ଗ ଓ ଦିଗ୍- ଦର୍ଶନ ଦେବାରେ ସଦାସର୍ବଦା ଚେଷ୍ଟିତ ରଖିବା, ଜାତିର କର୍ଣ୍ଣଧାର ହୋଇ ସମାଜର ସବୁବର୍ଗର ଛାତ୍ର ଛାତ୍ରୀମାନଙ୍କ ଭବିଷ୍ୟତ ଗଢ଼ିବାର ସମସ୍ତ ଦାୟିତ୍ୱକୁ ନିର୍ବାହ କରିବାରେ ଶିକ୍ଷକମାନେ କେତେଦୂର ସକ୍ଷମ ତାର ସମୀକ୍ଷା ଓ ମାନଚିତ୍ର ପ୍ରସ୍ତୁତ କରିବା ଲକ୍ଷ୍ୟରେ ସେଦିନ ଆଗେଇ ଆସିଥିଲା ଆନ୍ତର୍ଜାତିକ ଶ୍ରମିକ ସଙ୍ଗଠନ ଏବଂ ୟୁନିସ୍କୋ। ପ୍ରତ୍ୟେକ ଦେଶର ସର୍ବଶ୍ରେଷ୍ଠ ଓ ସର୍ବୋଚ୍ଚ ସ୍ଥାନରେ ଅଧିଷ୍ଠିତ ବ୍ୟକ୍ତିବିଶେଷମାନେ ଶିକ୍ଷକମାନଙ୍କର ଉତ୍ପାଦିତ ଉନ୍ନତ ମସ୍ତିଷ୍କ। ଉପଯୁକ୍ତ ଶିକ୍ଷା ଓ ଶିକ୍ଷକ, ସୁସ୍ଥ ସମାଜ ଗଠନରେ ଏକ ବୃହତ୍ ଭୂମିକା ବିଶ୍ୱର କେଉଁ ପ୍ରାଚୀନ କାଳରୁ ଗ୍ରହଣ କରିଆସିଛି। ଶିକ୍ଷକ ହିଁ ସମସ୍ତ ପ୍ରେରଣା ଓ ଆଦର୍ଶର ଉତ୍ସ। ଯାହାକୁ ପାଥେୟକରି ବ୍ୟକ୍ତି ହୋଇଛି ବିଶ୍ୱବିଜେତା। ଆରିଷ୍ଟୋଟଲଙ୍କ ମାର୍ଗଦର୍ଶନରେ ବିଶ୍ୱବିଜେତା ଗ୍ରୀକ୍ ବୀର ଆଲେକଜାଣ୍ଡାର, ବଶିଷ୍ଠଙ୍କ ଆଯୋଧ୍ୟାର କୁଳପତି ଶ୍ରୀରାମଚନ୍ଦ୍ର, ଅର୍ଜୁନକୁ ଶ୍ରେଷ୍ଠ ଧନୁର୍ଦ୍ଧରରୂପେ ଗଢିବାରେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଉପଯୁକ୍ତ ଶିକ୍ଷା, ପୁନଃଶ୍ଚ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରୁ ଆଶୀର୍ବାଦ ନେଇ ଏକଲବ୍ୟର ଯୁଦ୍ଧ ନିପୁଣତା, ପର୍ଶୁରାମଙ୍କ ଶିଷ୍ୟଭାବେ ଦାନବୀର କର୍ଣ୍ଣ, ଦୁର୍ଯ୍ୟୋଧନର ଗଦାଯୁଦ୍ଧ ବିଦ୍ୟାରେ ପାରଙ୍ଗମତା ପଛରେ ବଳଦେବଙ୍କ ହାତ, ଚାଣକ୍ୟଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଭଳି ଶ୍ରେଷ୍ଠ ଓ ସୁଦକ୍ଷ ଶାସକର ସୃଷ୍ଟି। ଗୌତମ ବୁଦ୍ଧଙ୍କ ଅହିଂସା ମାର୍ଗରେ ପରିଚାଳିତ ମୌର୍ଯ୍ୟ ସମ୍ରାଟ ଅଶୋକ। ଗୁରୁ ରାମଦାସଙ୍କ ଶିଷ୍ୟଭାବେ ମରାଠା ଛତ୍ରପତି ଶିବାଜୀ ରାଓ ଏବଂ ରାମକୃଷ୍ଣ ପରମହଂସଙ୍କ ପଥଗାମୀ ହୋଇଥିଲେ ସ୍ୱାମୀ ବିବେକାନନ୍ଦ । ପ୍ରତ୍ୟେକ ବିକାଶଶୀଳ ସଭ୍ୟତା ପ୍ରଚ୍ଛଦ ପଟରେ ମଣିଷ ଓ ତା ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଠିକ୍ ଶିକ୍ଷାର ବ୍ୟବହାରରେ ସଭ୍ୟତାର ବିକାଶ ସମ୍ଭବ ଜାଣିବାପରେ ମଣିଷ ଶିକ୍ଷାକ୍ଷେତ୍ରରେ ନିଜକୁ ନିୟୋଜିତ କରିବାପାଇଁ ଉଦ୍ୟମ ଆରମ୍ଭ କଲା। ଶିକ୍ଷାର ଅର୍ଥ ଶିଖିବା, ଜାଣିବା ଓ ବୁଝିବା। ଜାଣିଲେ ହିଁ ଜିଣିବା। ଶିକ୍ଷା ଜୀବନକୁ ମାର୍ଜିତ କରେ, ସଭ୍ୟ କରେ, ତା ଆଚାରବ୍ୟବହାରରେ ପରିବର୍ତ୍ତନ ସହ ତାକୁ ଶୃଙ୍ଖଳିତ କରେ। ଜାଗତିକ ଜ୍ଞାନ ହିଁ ଶିକ୍ଷା ମାଧ୍ୟମରେ ସମ୍ଭବକୁ ହୃଦୟଙ୍ଗମ କରି ମଣିଷ ଶିକ୍ଷାପ୍ରତି ଆକୃଷ୍ଟ ହୋଇଛି। ମଣିଷକୁ ଚାଲିବାର ବାଟ ଓ ଜିଇଁବାର ରାହା ଶିଖାଇଛି ଶିକ୍ଷା। ଖାଲି ସେତିକି ନୁହେଁ ଶିକ୍ଷା ଜୀବିକା ଅର୍ଜନରେ ସାହାଯ୍ୟ କରେ, ପୁଣି ପେଟର ଭୋକ ମେଣ୍ଟାଏ। ଉପଯୁକ୍ତ ଶିକ୍ଷା ଓ ଶିକ୍ଷକ ମଣିଷକୁ ସୁନାଗରିକ କରେ କିନ୍ତୁ ତାର ବ୍ୟତିକ୍ରମରେ ସମାଜ ହୁଏ ନଷ୍ଟଭ୍ରଷ୍ଟ । ଭିନ୍ନଭିନ୍ନ ବିଷୟରେ ସୂଚନା ସଂଗ୍ରହ ସହ ତାର ଆବଶ୍ୟକତାକୁ ସମାଜର ମଙ୍ଗଳ ସାଧନରେ ବ୍ୟବହାର ହିଁ ଶିକ୍ଷା ଗ୍ରହଣର ମୁଖ୍ୟ ଉଦ୍ଦେଶ୍ୟ ଜାଣିବା ପରେ ଶିକ୍ଷାକୁ ଆୟତ୍ତ କରିବାର ଉପଯୁକ୍ତ ମାର୍ଗ ଖୋଜିଲା ମଣିଷ। ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି, ଏକ ସୁସ୍ଥ ବାତାବରଣ ସୃଷ୍ଟି କରୁଥିବା ଶିକ୍ଷାକୁ ନିଜ ଅଧିନକୁ ଆଣିବା ଥିଲା ମାନବଜାତିର ବୃହତ୍ ପ୍ରଶ୍ନ ଓ ସମସ୍ୟା। ଶିକ୍ଷାଲାଭର ବାଟ ଖୋଜିବା ଓ ସମସ୍ୟାର ସମାଧାନ ବାଟରେ ପ୍ରଥମେ ତାର ପିତାମାତା, ଗୁରୁଜନଙ୍କୁ ନିଜର ଶିକ୍ଷା ଅର୍ଜନର ମାଧ୍ୟମଭାବେ ଗ୍ରହଣ କଲା। ସମୟକ୍ରମେ ଅଧିକ ଜାଣିବାର ମନୋବୃତ୍ତି ଓ ବୃହତ ସନ୍ଦେହର ଦୂରୀଭୂତ ପାଇଁ ସେ ବିଜ୍ଞବ୍ୟକ୍ତମାନଙ୍କର ସହଯୋଗ ଲୋଡ଼ିଲା। ପରବର୍ତ୍ତୀ ସମୟରେ ଶିକ୍ଷାକୁ ସଠିକ୍ ତଥା ବ୍ୟବସ୍ଥିତ ଉପାୟରେ ଅର୍ଜନ କରିବାପାଇଁ ଋଷିମୁନି ଓ ଗୁରୁକୁଳ ଆଶ୍ରମରେ ଦାଖଲ ହେବାକୁ ପଡୁଥିଲା। ଗୁରୁକୂଳ ପରମ୍ପରା ଅନୁଯାୟୀ ଅଭିଭାବକମାନେ ପିଲାମାନଙ୍କୁ ଆଚାର୍ଯ୍ୟମାନଙ୍କ ଆଶ୍ରମରେ କିଛିବର୍ଷ ପାଇଁ ଜ୍ଞାନଅର୍ଜନ ନିମନ୍ତେ ଛାଡ଼ି ଦେଉଥିଲେ। ଗୁରୁକୁଳ ବୈଦିକ ପରମ୍ପରା ଅନୁଯାୟୀ ବେଦ, ଉପନିଷଦ, ଗଣିତ ଓ ଜ୍ୟୋତିଷ ଶାସ୍ତ୍ର ଆଦିକୁ ଶିକ୍ଷାରେ ସାମିଲ କରାଯାଇ ବ୍ୟକ୍ତିତ୍ୱ ବିକାଶ ପାଇଁ ଆଚାର୍ଯ୍ୟମାନେ ଶିଷ୍ୟମାନଙ୍କୁ ପରାମର୍ଶ ଓ ତାଲିମ୍ ପ୍ରଦାନ କରୁଥିଲେ। ଗୁରୁକୂଳ ଆଶ୍ରମର ଶିକ୍ଷା ସମସ୍ତଙ୍କ ଭାଗ୍ୟରେ ସମ୍ଭବ ନଥିଲା। ସମସ୍ତେ ଆଶ୍ରମ ଶିକ୍ଷା ଅର୍ଜନ କରିବାର ସୁଯୋଗ ପାଉ ନଥିଲେ । ଆଶ୍ରମ ଶିକ୍ଷାର ସମସାମୟିକ ଶିକ୍ଷା ବ୍ୟବସ୍ଥା ଭଳି ଚାଟଶାଳୀ ପରମ୍ପରା ଆରମ୍ଭ ହେଲା। ଗୁରୁଜୀଙ୍କ ଛାଟପାହର ଖାଇ ପିଲାମାନେ ପାରମ୍ପରିକ ଜ୍ଞାନ ଆହରଣ କରୁଥିଲେ। ଦୀର୍ଘଦିନ ଧରି ଚାଟଶାଳୀର ଶିକ୍ଷାଦାନ ବ୍ୟବସ୍ଥା ପରେ ଇଂରେଜମାନଙ୍କ ଶାସନ ସମୟରେ ଶିକ୍ଷାବ୍ୟବସ୍ଥାର ପରିବର୍ତ୍ତନ ହେଲା। ଶିକ୍ଷାନୁଷ୍ଠାନର ରୂପରେଖ ବଦଳିଲା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରାଥମିକ ବିଦ୍ୟାଳୟ, ତାପରେ ମଧ୍ୟଇଂରାଜୀ, ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନର ବ୍ୟବସ୍ଥା କରାଗଲା। ଶିକ୍ଷାକୁ ଅର୍ଥ ଉପାର୍ଜନର ଶେଷ ବିକଳ୍ପଭାବେ ଶିକ୍ଷାନୁଷ୍ଠାନ, ଛାତ୍ର, ଅଭିଭାବକ ତଥା ଶିକ୍ଷକ ସମାଜ ଗ୍ରହଣ ନ କରୁ। ଆଜିର ଶିକ୍ଷକ ସମାଜ ଛାତ୍ରଛାତ୍ରୀଙ୍କ ସ୍ରଷ୍ଟା, ପାଳନକର୍ତ୍ତା ଓ ଧ୍ୱଂସକର୍ତ୍ତାଭାବେ ସମାଜରେ ଆବିର୍ଭୂତ ହୋଇଥିବା ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୀର୍ଘ କରନ୍ତୁ। ସେମାନଙ୍କ ଜୀବନକୁ ଉପଯୁକ୍ତ ଆଧାର ଦିଅନ୍ତୁ। କାରଣ ଯେଉଁ ଶିକ୍ଷକସମାଜକୁ ଦେବତ୍ୱର ଆସନରେ ଅଧିଷ୍ଠିତ କରି ସଭ୍ୟସମାଜ ପୂଜାବନ୍ଦନା କରନ୍ତି, ଆଶିର୍ବାଦ ଭିକ୍ଷା କରନ୍ତି ଏବଂ ପଥ ପ୍ରଦର୍ଶକଭାବେ ଗ୍ରହଣ କରନ୍ତି; ସେଇ ଶିକ୍ଷକମାନେ ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରକ୍ଷାକରିବା ଅତ୍ୟନ୍ତ ଆବଶ୍ୟକ। ଅର୍ଥଲୋଭୀ, ପକ୍ଷପାତିତା ଏବଂ ଦୁଃଶ୍ଚରିତ୍ରବାନ ନହୋଇ ବରଂ ସଚ୍ଚରିତ୍ରବାନ ଜିଜ୍ଞାସୁ, ଛାତ୍ରବତ୍ସଳ ଏବଂ ସତ୍ୟାନୁରାଗି ହୁଅନ୍ତୁ। ଚାଣକ୍ୟ ପରି ଦୂରଦୃଷ୍ଟିସମ୍ପର୍ନ୍ନ ନୀତି ଓ ଆଦର୍ଶବାଦୀ ହୋଇ ଜୀବନର ମହତ୍ତ୍ୱକୁ ଉପଯୁକ୍ତ ସମ୍ମାନ ଦିଅନ୍ତୁ। ଚନ୍ଦ୍ରଗୁପ୍ତ ଭଳି ପ୍ରତିଭାର ଅନ୍ୱେଷଣପୂର୍ବକ ଅଖଣ୍ଡ ତଥା ବିକାଶଶୀଳ ଭାରତ ଗଠନପାଇଁ ଯୁବସମାଜକୁ ପ୍ରେରଣା ଦେବାରେ ଯେପରି କୌଣସି ଅବହେଳା ନ କରନ୍ତୁ ଏହାହିଁ ହେଉ ଶିକ୍ଷକ ଜଗତର ଆଗାମୀ ଲକ୍ଷ୍ୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୫୪

## ଅଷ୍ଟବକ୍ର କାହାଣୀ-୧



ପାଣ୍ଡବମାନେ ଅରଣ୍ୟରେ ବୁଲୁଥିବା ଅବସରରେ ବହୁ ତୀର୍ଥସ୍ଥାନ ଭ୍ରମଣ କରୁଥିଲେ । ଅନେକ ଋଷି, ଯେଉଁମାନଙ୍କ ନାମ ବେଦପନିଷଦରେ ଉଲ୍ଲେଖ ରହିଛି, ସେମାନଙ୍କ ଆଶ୍ରମ ସେଇ ତୀର୍ଥସ୍ଥାନ ଅନ୍ତର୍ଭୁକ୍ତ ।

ଲୋମଶ, ଯୁଧିଷ୍ଠିରଙ୍କୁ ଶୁଣାଉଥିଲେ ସେଇପରି ଏକ ବୈଦିକ କାହାଣୀ ।

ବେଦାନ୍ତର ଶିକ୍ଷକ ତଥା ମହାନ୍ ଋଷି ଉଦ୍ଦାଳକଙ୍କର ଜଣେ ଶିଷ୍ୟ ଥିଲେ । ନାମ ତାଙ୍କର କଗୋଳ । କଗୋଳ ଗୁଣୀ ତଥା ଗୁରୁଙ୍କ ପ୍ରତି ଅତି ଅନୁରକ୍ତ ଥିଲେ ଅବଶ୍ୟ କିନ୍ତୁ ଅଧ୍ୟୟନ ତାଙ୍କର ବେଶୀନଥିଲା । ସେଥିପାଇଁ ଅନ୍ୟ ସହପାଠୀମାନେ କଗୋଳଙ୍କୁ ଥଟ୍ଟା କରୁଥିଲେ । ଗୁରୁ ଉଦ୍ଦାଳକ ଏହା ଜାଣିଥିଲେ ମଧ୍ୟ 'କଗୋଳ'ଙ୍କୁ ସ୍ନେହ କରୁଥିଲେ । ସେଥିପାଇଁ ନିଜର କନ୍ୟା ସୁଜାତାକୁ ସେ କଗୋଳଙ୍କୁ ବିବାହ ଦେଇଥିଲେ ।

କଗୋଳଙ୍କର ପୁଅଟିଏ ହେଲା । ସାଧାରଣତଃ, ପ୍ରତ୍ୟେକ ସନ୍ତାନ ବାପା ମାଆଙ୍କର ଗୁଣ ଆଣିଥାଏ । କିନ୍ତୁ କଗୋଳଙ୍କ ପୁଅଟି ଜେଜେବାପା ଉଦ୍ଦାଳକଙ୍କର ଗୁଣ ସମ୍ପୂର୍ଣ୍ଣ ଆଣିଥିଲା । ଏପରିକି ସେହି ପୁଅଟି ମାତୃ ଗର୍ଭରେ ଥିବାବେଳେ ମଧ୍ୟ ବେଦଜ୍ଞାନ ହାସଲ କରିଥିଲା । ଯେତେବେଳେ 'କଗୋଳ' ବେଦ ଆବୃତ୍ତି କରୁଥିଲେ, ମାତୃ ଗର୍ଭରେ ଥାଇ ପୁଅଟି ଶୁଣୁଥିଲା ଏବଂ ବାପାଙ୍କର ପ୍ରତ୍ୟେକ ଭୁଲ୍ ସେ ଜାଣିପାରୁଥିଲା । ଏବଂ ସେ ଯନ୍ତ୍ରଣାରେ କଡ଼ ଲେଉଟାଉଥିଲା । ଯାହାଫଳରେ ପିଲାଟି ଜନ୍ମ ହେବାପରେ ତା ଦେହରେ ଆଠଟି ଭାଙ୍ଗ ସୃଷ୍ଟି ହେଇଥିଲା । ଯାହା ପିତାଙ୍କର ଭୁଲ୍ ଆବୃତ୍ତିର ଫଳ । ଜନ୍ମହେବା ପରେ ତା'ର ନାମରହିଲା ଅଷ୍ଟବକ୍ର ।

ଥରେ 'କଗୋଳ' ମିଥିଳାର ରାଜ-ପଣ୍ଡିତ ଭଣ୍ଡିଙ୍କ ସହ ବିଦ୍ୟା ପ୍ରତିଦ୍ୱନ୍ଦ୍ୱିତାରେ ମିଳିତ ହେଲେ । ସର୍ତ୍ତଥିଲା, ଯିଏ ହାରିବେ ସେ ସ୍ୱେଚ୍ଛାରେ ସମୁଦ୍ରରେ ବୁଡ଼ିମରିବେ । କଗୋଳ ହାରିଲେ ଓ ମଲେ । ଇତିମଧ୍ୟରେ ବାଳକ ଅଷ୍ଟବକ୍ର ବେଦ ଓ ବେଦାଙ୍ଗରେ ପାଣ୍ଡିତ୍ୟ ଲାଭ କରିଥିଲେ । ତାଙ୍କୁ ବାରବର୍ଷ ହେଲାବେଳକୁ ବେଦ ବେଦାଙ୍ଗ ଅଧ୍ୟୟନ ତାଙ୍କର ସଂପୂର୍ଣ୍ଣ ହୋଇଥିଲା ।

ଥରେ, ଅଷ୍ଟବକ୍ର ଶୁଣିଲେ ଯେ ମିଥିଳାର ରାଜା ଜନକ ଏକ ଯଜ୍ଞାନୁଷ୍ଠାନ କରୁଛନ୍ତି । ଯେଉଁଥିରେ ଉପସ୍ଥିତ ବିଦ୍ୱାନଗଣ ଶାସ୍ତ୍ର ଚର୍ଚ୍ଚା କରିବେ । ଅଷ୍ଟବକ୍ର ଠିକ୍‌କଲେ ସେ ମିଥିଳା ରାଜସଭାକୁ ଯିବେ । ଏବଂ ଗଲେ, ସାଥିରେ ମାମୁ ଶ୍ୱେତକେତୁ । ରାଜସଭାକୁ ଯାଉଥିବାବେଳେ ସେ ବାଟରେ ଭେଟିଲେ ରାଜା ଓ ତାଙ୍କ ଦେହରକ୍ଷୀଙ୍କୁ । "ତଫାତ୍ ... ତଫାତ୍"... ଦେହରକ୍ଷୀ ରାଜାଙ୍କ ପଥ ସୁଗମ କରିବା ପାଇଁ କହୁଥିଲେ । ଅଷ୍ଟବକ୍ର ସିଧା ଚାଲିପାରୁନଥାନ୍ତି । ସେ ଘୁଞ୍ଚିଯିବା ପରିବର୍ତ୍ତେ ଦେହରକ୍ଷୀଙ୍କୁ କହିଲେ - ଶୁଣନ୍ତୁ କର୍ମଚାରୀଗଣ ! ଜଣେ ଗୁଣୀ ରାଜା ସ୍ୱୟଂ ବିକଳାଙ୍ଗ, ବୃଦ୍ଧ ଅନ୍ଧ ଓ ମହିଳାଙ୍କୁ ବାଟ ଛାଡ଼ିଦେବା କଥା ଶାସ୍ତ୍ରରେ ଲେଖାଯାଇଛି । ନୁହଁ ?

ରାଜାଙ୍କ କାନରେ ଏକଥା ପଡ଼ିଲା । କିଏ ଏହି ବାଳକ ! ବାଳକଟିର ସାହସ ଅଛି ଓ ଶାସ୍ତ୍ରଜ୍ଞାନ ଅଛି । ସେ ଆଶ୍ଚର୍ଯ୍ୟ । କହିଲେ, "ବାଳକଟି ଯାହା କହିଚି ତାହା ସତ୍ୟ । ତାଙ୍କୁ ବାଟ ଛାଡ଼ିଦିଅ ।"

ଅଷ୍ଟବକ୍ର ଓ ଶ୍ୱେତକେତୁ ଯଜ୍ଞସ୍ଥଳ ଆଡେ ମୁହେଁଇଲେ । ଫାଟକ ପାଖରେ ଜଗୁଆଳ କହିଲା, "ବାଳକମାନେ ଭିତରକୁ ଯିବାକୁ ବାରଣଅଛି । କେବଳ ବରିଷ୍ଠ ଓ ଶାସ୍ତ୍ରଜ୍ଞାନୀ ଭିତରକୁ ଯାଇପାରିବେ । ଫେରିଯାଅ ।"

ଅଷ୍ଟବକ୍ର କହିଲେ, "କେବଳ ବୟସ ଓ ଚେହେରା ଦେଖି ଜଣକର ଜ୍ଞାନ ଜାଣିହୁଏନା । ମୁଁ ବେଦ ଅଧ୍ୟୟନ କରିଛି । ତେଣୁ ଭିତରକୁ ଯିବାକୁ ଚାହେଁ ।"

ଜଗୁଆଳ ଉତ୍ତର ଦେଲା, "ଅସମ୍ଭବ । ତୁମପରି ସାନପିଲା ବେଦ ବେଦାନ୍ତ ଉପରେ ଜ୍ଞାନ ଅର୍ଜନ କରିବା ଅସମ୍ଭବ । ପିଲାଟାଏ ହୋଇ ଏତେ ଗର୍ବ ଦେଖେଇବା ଠିକ୍ ନୁହଁ । ଫେରିଯାଅ ।"

ଅଷ୍ଟବକ୍ର କହିଲେ, "ମଣିଷର ଆକାର ଦେଖି କହିହୁଏନା ଜଣେ ଜ୍ଞାନୀ କି ଅଜ୍ଞାନ । ଜଣେ ବରିଷ୍ଠ ଓ ଡେଙ୍ଗା ମଣିଷ ମଧ୍ୟ ମୂର୍ଖ ହୋଇପାରେ । ମୋତେ ଭିତରକୁ ଯିବାକୁ ଅନୁମତି ଦିଅ ।"

ଜଗୁଆଳ : ତୁମେ ଯଦିବା ବରିଷ୍ଠ ସାଧୁପରି କଥା କହୁଛ, ତୁମେ ପ୍ରକୃତରେ ବରିଷ୍ଠ ନୁହଁ । ଫେରିଯାଅ ।

ଅଷ୍ଟବକ୍ର : ମୁଁ ସଭାର ପଣ୍ଡିତ ଭଣ୍ଡିଙ୍କୁ ଭେଟିବାକୁ ଆସିଛି । ବେଦ ଆଲୋଚନାରେ ଅଂଶ ଗ୍ରହଣ କରିବି । ତୁମେ ଯାଅ ଓ ରାଜାଙ୍କୁ ମୋ ଆସିବା କଥା ଜଣାଅ ।

ସଂଯୋଗକ୍ରମେ ରାଜା ଜନକ ସେଠାରେ ଆସି ପହଞ୍ଚିଗଲେ । ସେ ଚିହ୍ନିଦେଲେ ପିଲାଟିକୁ । ଯେକି ଜଣେ ପଣ୍ଡିତ ଭଳି କଥା କୁହେ ।

ରାଜା କହିଲେ- ତୁମେ ମୋ ରାଜସଭାର ପଣ୍ଡିତ ଭଣ୍ଡିଙ୍କୁ ଜାଣିଛ ? ତାଙ୍କ ପାଇଁ ବହୁ ପଣ୍ଡିତ ସମୁଦ୍ରରେ ବୁଡ଼ି ମରିଛନ୍ତି ।

ଅଷ୍ଟବକ୍ର ଉତ୍ତର ଦେଲେ- ମୁଁ ଭାବୁଛି, ରାଜା ଯେଉଁ ପଣ୍ଡିତଙ୍କ କଥା କହୁଛନ୍ତି, ସେ ପ୍ରକୃତ ବେଦଜ୍ଞଙ୍କୁ ଭେଟିନାହାଁନ୍ତି । ମୋ ଭଳି । ସେଥିପାଇଁ ସେ ପ୍ରଚଣ୍ଡ ଅହଂକାରୀ ହୋଇଯାଇଛନ୍ତି । ମୁଁ ଶୁଣିଛି ମୋ ମାଆଙ୍କଠୁ । ମୋ ପିତା ସେ ମହାଶୟଙ୍କ ଠାରୁ ପରାଜୟ ଲଭି ସମୁଦ୍ରରେ ବୁଡ଼ି ପ୍ରାଣତ୍ୟାଗ କରିଛନ୍ତି । ସେହି ପ୍ରତିଶୋଧ ନେବା ପାଇଁ ମୁଁ ଆସିଛି । ମହାରାଜ ସେହି ପଣ୍ଡିତଙ୍କୁ ଡକେଇ ପଠାନ୍ତୁ ।

ସେଇଆ ହେଲା । ପଣ୍ଡିତ ଭଣ୍ଡି ଓ ବାଳକ ଅଷ୍ଟବକ୍ରଙ୍କ ମଧ୍ୟରେ ସାକ୍ଷାତ ହେଲା । ଏକ ବୈଦିକ ବିଷୟ ଉପରେ ଉଭୟଙ୍କ ମଧ୍ୟରେ ତର୍କ ଆରମ୍ଭ ହେଲା । ଗୋଟିଏ ବିଷୟ ପରେ ଆଉ ଏକ ବିଷୟ, ପୁଣି ଅନ୍ୟ ଏକ ବିଷୟ । ଶେଷରେ ପଣ୍ଡିତ ଭଣ୍ଡି ପରାଜୟ ସ୍ୱୀକାର କଲେ ଓ ଅନ୍ୟ ପରାଜିତଙ୍କ ପରି ସମୁଦ୍ରରେ ବୁଡ଼ି ପ୍ରାଣତ୍ୟାଗ କଲେ । ଏଇ ହେଉଛନ୍ତି ଅଷ୍ଟବକ୍ର । ଯାହାଙ୍କ ନାମ ବୈଦିକ ଋଷିଙ୍କ ମଧ୍ୟରେ ନକ୍ଷତ୍ରପରି ଆଜିଅବଧି ଉଜ୍ଜ୍ୱଳ ରହିଛି । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ମାଟିର ମହକ ଜାତିର ମଣି

*ପ୍ରଫୁଲ୍ଲ କୁମାର ସାହୁ*

ମାଟିର ମହକ ଜାତିର ମଣି
ପଦବୀ ତାଙ୍କର ଉତ୍କଳମଣି
ନାମ ଗୋପବନ୍ଧୁ ଦାସ,
ଥିଲେ ଦୁଃଖୀଜନ ଦୁଃଖର ସାଥୀ ସେ
ବିତରଇ ତାଙ୍କ ବାସ ।୧

ଉତ୍କଳ ରାଇଜ ସୁଆଣ୍ଡୋ ଗ୍ରାମ
ଜନମି ସେ ଗ୍ରାମେ କରି ସୁକର୍ମ
ପାଇଛନ୍ତି ପରିଚୟ,
ସାରା ରାଇଜରେ ଜନସେବା କରି
ହୃଦ କରିଥିଲେ ଜୟ ।୨

ସ୍ୱାଧୀନତା ରଣେ ଥିଲେ ଆଗୁଆ
ଡାକରାରେ ତାଙ୍କ ଥିଲା କିମିଆ
ଲୋକଙ୍କ ହୃଦୟ ଜିଣି,
ଦରଦୀ ଗରିବ ଜନ ବନ୍ଧୁ ସାଜି
ଆଜି ସେ ଉତ୍କଳ ମଣି ।୩

ଥିଲେ ଜାତି ପ୍ରାଣ ସାହିତ୍ୟ ରଥୀ
ମାଟି ମା ସେବାରେ ରଖି ସେ ପ୍ରୀତି
ଜାତୀୟ ଭାବନା ନେଇ,
ଆମରି ରାଇଜେ ଜନ ସେବା କରି
ଅଛନ୍ତି ଅମର ହୋଇ ।୪

ଭାଷା ଜାତି ପ୍ରୀତି ଭାବନା ନେଇ
ନୂତନ ଓଡ଼ିଶା ଗଠନ ପାଇଁ
ନିଜେ କରୁଥିଲେ କାମ,
ନାହାନ୍ତି ଆଜି ସେ ଓଡ଼ିଶା ମାଟିରେ
ରହିଛି ତାଙ୍କର ନାମ ।୫

ଏବେବି ଏ ଜାତି ଝୁରେ ତାହାଙ୍କୁ
ବଢ଼ି ଦୁର୍ଦ୍ଦିନରେ ଖୋଜୁଛୁ ତାଙ୍କୁ
ସେପରା ମହତ ଜନ,
ଏ ଓଡ଼ିଆ ଜାତି ଜଣାଏ ପ୍ରଣତି
ଶ୍ରଦ୍ଧା ନିବେଦନ ଘେନ ।୬

*ଯଦୁ ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା,*
*ମାହାଙ୍ଗା, କଟକ -୭୫୪୨୦୭*
*ମୋ-୭୬୦୯୦୪୩୮୩*



# ଶିଖିବା ଆସ

*ସତ୍ୟନାରାୟଣ ପ୍ରଧାନ*

ଦେଖ ଆକାଶରେ ରାବ ଦିଏ କାଉ
ମନେ ଉକୁଟାଇ ହସ
ସରି ଯାଇଅଛି ରାତିର ଅନ୍ଧାର
ମହକେ ଫୁଲର ବାସ

ସବୁଜ ସୁନ୍ଦର ଆମ ପରିବେଶ
ପ୍ରକୃତିର ପରା ଦାନ
ତାହାରି ସୁରକ୍ଷା ଦାୟିତ୍ୱ ଆମର
କାମ ହେଉ ବଡ଼ ସାନ

ସେଇତ ଯୋଗାଏ ବଞ୍ଚିବା ପାଇଁ କି
ଖାଦ୍ୟ ବସ୍ତ୍ର ବାସଗୃହ
ଦୁଃଖୀ ମଣିଷର ଆପଣାର ହୋଇ
ବୁଝେ ପୁଣି ଆଖି ଲୁହ

ଗଛଠାରୁ ଶିଖ ସହିବାର ଶକ୍ତି
ସବୁଠି ଥାଏ ପବନ
ଉଚ୍ଚ ହେବା ପାଇଁ ଆକାଶଟା ସାକ୍ଷୀ
ଶୀତଳଟା ବାଣ୍ଟେ ଜହ୍ନ

ପଶୁ ପକ୍ଷୀ ଠାରେ ଅଛି ଭଲ ଗୁଣ
ନ କରିବା କେବେ ହେୟ
ସଭିଙ୍କ ଭିତରେ ଚିହ୍ନିଲେ ଈଶ୍ୱର
ତେବେ ହେବ ଜାଣ ଜୟ ।

*ଅଣ୍ଡିଆ, ଜେନାପୁର, ଯାଜପୁର*
*ମୋ-୯୧୭୮୩୧୩୬୪୪*



# ଆସ ବୁଲିଯିବା ଚିଡ଼ିଆଖାନା



*ସୁରମା ମିଶ୍ର*

ଆସ ବୁଲିଯିବା ଚିଡ଼ିଆଖାନା
ଯେତେ ଦେଖିଲେ ବି ମନ ମାନେନା
ସବୁ ଜୀବଜନ୍ତୁ ଦେଖି ଏକାଠି
ଖୁସି ହୋଇ ଯାଏ ମୋର ମନଟି
ଛୁଟି ଦିନ ହେଲେ ମାଆ ସାଙ୍ଗରେ
ବୁଲିବାକୁ ଯାଏ ନିଶ୍ଚେ ମୁଁ ଥରେ
ଜୀବଜନ୍ତୁ ମାନଙ୍କ ବିଷୟରେ
ବୁଝାଇ ଦିଅନ୍ତି ମାଆ ଭଲରେ
ବାପା ଖାଲି ହୁଅନ୍ତି ଗର ଗର
ପଶୁଙ୍କ ସଉକି ନାହିଁ ତାଙ୍କର
ମାଆ କିନ୍ତୁ ମୋର ବହୁତ ଭଲ
କିପରି ସୁଝିବି ମୁଁ ତାଙ୍କ ମୂଲ
ମମତାମୟୀ ସେ ମମତା ଭରା
ସ୍ନେହ ସରାଗ ତା ହୃଦୟ ସାରା
ଯେତେ ଦୁଷ୍ଟାମି ମୁଁ କରୁଥାଏରେ
କେବେହେଲେ ରାଗି ନାହାନ୍ତି ଥରେ
ମୋ ମା ପରି ମାଆ ଜଗତେ ନାହିଁ
କେତେ ଭାଗ୍ୟବାନ ଅଟେରେ ମୁହିଁ
ପ୍ରଭୁ ପଦେ କରେ କୋଟି ଜୁହାର
ଭଲରେ ରଖନ୍ତୁ ମାଆକୁ ମୋର
ବାପା ମାଆ ମୋ ହୃଦୟର ଠାକୁର
ନୀତି ପୂଜିବି ମୁଁ ତାଙ୍କ ପୟର
ତାଙ୍କରି ଆଶିଷେ ସୁଖୀ ହୋଇବି
ଶାନ୍ତିରେ ଜୀବନ ତରି ବାହିବି ।

*ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଆଶିଷ ତୁମର ଦିଅ

*ମହେନ୍ଦ୍ର କୁମାର ଘଡ଼େଇ*



ଉତ୍କଳର ମଣି ଗୋପବନ୍ଧୁ ନାମ
ଭାରି ମନେ ପଡ଼େ ଆଜି
ଏ ମାଟି ଏ ଭାଷା ପାଇଁ ଲଢିବାକୁ
ଥିଲା ଯାହାଙ୍କର ବାଜି

ସେଇ ହସ ହସ ମୁହଁର କଥାକୁ
ଅନ୍ତର ଝୁରୁଛି ଜାଣ
ଛାଡ଼ି ଯାଇଥିବା ତାଙ୍କ ସେ ପଥରେ
ଚାଲୁ ଦେଇ ମନ ପ୍ରାଣ

ରୋଗୀ ସେବା ସଫା ପରିବେଶ ପାଇଁ
ସାଥୀ ପିଲା କରି ମେଳ
ପଛ କରିଦେଲେ ହସ ଖୁସି ଭରା
ପିଲା ବେଳ ଧୂଳି ଖେଳ

ବଢ଼ି ମରୁଡ଼ିରେ ହଇଜା କୁଷ୍ଠରେ
ସେବାକୁ ବରତ କରି
ପେଟ କାଟି ଦୁଃଖୀ ଗୁହାରିଆ ହାତେ
ଅଛି କିଏ ତାଙ୍କ ସରି ?

ଛୁରିଆନା କୁଞ୍ଜ ତଳେ ଗଢ଼ା ତାଙ୍କ
ବନ ବିଦ୍ୟାଳୟଟିଏ
ସତ୍ୟ-ନ୍ୟାୟ-ଦାନ-ସେବା-ଧରମରେ
ଚାଟ ଗଢୁଥିଲା ଯିଏ

ଅବକାଶ ଚିନ୍ତା ବନ୍ଦୀ ଆତ୍ମକଥା
ଗୋମାହାତ୍ମ୍ୟ ଧର୍ମପଦ
'ସମାଜ' ସାହିତ୍ୟ ଅମୂଲ ରତନ
ପଢିହେଉ ଗଦଗଦ

ପାଲଟି ଯାଆନ୍ତି ଆଜି ସିନା ସିଏ
ନୀଳ ନଭେ ଧ୍ରୁବତାରା
କାଲିର ସପନ ଦେଖାଇ ଯାଆନ୍ତି
ହୋଇ ବତୀଘର ପରା

ତାରାଫୁଲ ହୋଇ ଆଶିଷ ତୁମର
ମଥା ପରେ ଢାଳି ଦିଅ
ଆମରି ହାତର ଆଞ୍ଜୁଳାଏ ଫୁଲ
ଶରଧାରେ ତୁମେ ନିଅ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା,*
*ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ଫୁଲଟିଏ ମୁହିଁ

*ସୁଜିତ କୁମାର ମିଶ୍ର*

କୋମଳ ହୃଦୟ ଫୁଲଟିଏ ମୁହିଁ
ଫୁଟୁଛି ଫୁଟିବି ନିତି,
ବାସ ଚହଟାଇ ହୋଇଛି ସବୁରି
ସ୍ନେହ ସରାଗର ସାଥୀ

ହେନା, ଯୁଇ, ଜାଇ, ଚମ୍ପା, ମଲ୍ଲୀ ମୁହିଁ
ଫୁଟେ ଋତୁ ଅନୁସାରେ,
ପୂଜା ପାରବଣ ସବୁଠି ଲାଗେ ମୁଁ
ଭକ୍ତିପୂତ ଭାବନାରେ

ମୋ ଦେହରୁ ହୁଏ ବାସନା ଅତର
ସବୁଦିଗେ ବ୍ୟାପୁଥାଏ,
ଶୁଭକାମେ ତାର ଚାହିଦା ବଢଇ
ପିଲା ଠାରୁ ବୁଢାଯାଏ

ଶୋଭାପାଏ ମୁହିଁ ଫୁଲଦାନୀ ଠାରେ
ସୁନ୍ଦର ସଜେଇ ହୋଇ,
ମୋଠାରୁ ଦାମିକା ଅଭିନନ୍ଦନିକା
ଆଉ ସଂସାରରେ କାହିଁ ?

ଜନମ ମରଣ ସବୁକାଳେ ଥାଏ
ମଣିଷର ପାଶେ ପାଶେ,
ମୁଁ ପରା ଭାବରେ ସାଥୀରେ ରହିଲେ
ସବୁ କାମ ଶୁଭ ବାସେ

ଠାକୁରଙ୍କ ପ୍ରିୟ ପୁଣ୍ୟ ଦରବ ମୁଁ
ମୋ ବିନା ହୁଏନି ପୂଜା,
ମୋଠାରୁ ତିଆରି ଫୁଲର ମାଳରେ
ହୁଅନ୍ତି ସେ ସାଜସଜ୍ଜା

ସହି କଷଣକୁ ହସି ହସି ଫୁଟେ
ସଂସାରରେ ରାତିଦିନ,
ଫୁଲ ପରି ପିଲେ ତୁମେ ବି ହୋଇଲେ
ଯଶ ଅରଜିବ ଜାଣ ।

*ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

# ବାଃ ବାଃରେ ମିତ

*ଜୟକୃଷ୍ଣ ସାହୁ*

ଘନିଆଁ ସନିଆଁ ଏମିତି ମିତ
ଏକ ମିତ ଚାହେଁ ଆନର ହିତ
ଘନିଆଁ ଟିକିଏ ଚତୁର ବେଶୀ
କଥା କହି ମନ ଦିଅଇ ତୋଷି
ସନିଆଁଟି ପାଠ ପଢ଼ଇ ଭଲ
ଗୁରୁ ଗୁରୁଜନ କରନ୍ତି ଗେଲ
ନଈ କୂଳେ ତାଙ୍କ ଦୁହିଁଙ୍କ ଘର
ଗାଧୁଆପାଧୁଆ ସେଠି ତାଙ୍କର
ପହଁରିବା ପାଇଁ ଘନିଆଁ ବାଇ
ସନିଆଁ ପହଁରା ଜାଣଇଁ ନାହିଁ
ଦିନେ ଯାଇଥିଲେ ଗାଧୋଇ ଦୁହେଁ
ଖୁସିରେ ସନିଆଁ ଗାଧୋଉଥାଏ
ନଦୀରେ ମଗର ଥିଲେ ପ୍ରବଳ
ନେଉଥିଲେ ଟାଣି ଉଣ୍ଡି ସେ ବେଳ
ସନିଆଁ ଗୋଡ଼କୁ ଧରି ମଗର
ଟାଣି ନେଉଥିଲା ନଦୀ ଭିତର
ଘନିଆଁଟି ବସିଥିଲା କୂଳରେ
ସହସା ପଶିଲା ନଦୀ ଜଳରେ
ମଗର ମୁହଁରୁ ଆଣିଲା ଟାଣି
କଉଶଳ ଘନ ଥିଲାଟି ଜାଣି
ସନିଆଁକୁ ମଗରଠୁଁ ବାଇ
ଘରକୁ ଆଣିଲା କାନ୍ଧେ ପକାଇ
ସଭିଏଁ କହିଲେ ବାଃରେ ମିତ
ଦୁଇଙ୍କର ମିତପଣିଆଁ ସତ ।

*କପିଳପ୍ରସାଦ, ଭୁବନେଶ୍ୱର-୨*
*ମୋ।-୯୯୩୭୦୯୨୩୯୭*





# ଆଜି ଜୟନ୍ତୀରେ ପକାଉ ମନେ

*ନୀଳମଣି ଚନ୍ଦ*

କଥାବାର୍ତ୍ତା ବେଳେ ସେ ଟିକି ପିଲାଟି
କହୁଥିଲା ଟିକେ ଖନେଇ
ଦୁଷ୍ଟ ସାଙ୍ଗମାନେ ଥଟ୍ଟା କରୁଥିଲେ
ସିଏ ରହୁଥିଲା ଅନେଇ
ସରଳ ନିରିହ ଗାଆଁର ପିଲା ସେ
ମାଛିକୁ ମ ଯେ କହେନି
ଆଉ ତା'ର କିଛି ଖରାପ ଗୁଣଟି
ଖୋଜି ଦେଖେଇ କେ ପାରେନି
ମନକଥା ମନେ ରଖି ଚୁପ୍ ଚାପ୍
ତା'କୁ ସୁଧାରିବା ପାଇଁରେ
ଜିଭ ତଳେ ଛୋଟ ଗୋଡ଼ି ରଖୁଥିଲା
ଭାର୍ଗବୀ ପଠାକୁ ଯାଇରେ
ନିତି ପ୍ରତି ଏଇ ଅଭ୍ୟାସଟି କରି
କହି ଚାଲିଲା ସେ କଥାଟି
ସାଧନା କରିବା ବେଳେ ଲଭିଥିଲା
କିଛି ପୀଡ଼ା କିଛି ବ୍ୟଥାଟି
ଖନେଇ କହିବା ଗୁଣଟି ତା'ଠାରୁ
କୁଆଡ଼େ ଦୂରେଇ ରହିଲା
ଏବେ ତା'ର ସ୍ପଷ୍ଟ ଉଚ୍ଚାରଣ କଥା
ସାଥୀଙ୍କୁ ଆଶ୍ଚର୍ଯ୍ୟ କରିଲା
ସୁଆଣ୍ଡୋ ଗ୍ରାମର ଯେଉଁ ପିଲା ଦିନେ
ଭୋଗିଥିଲା ଏଇ ଦଶାଟି
ବଡ଼ ହୋଇ ହେଲେ ଉତ୍କଳମଣି ସେ
ସୁବକ୍ତା, ପ୍ରଥିତଯଶାଟି
ଦିନେ ଯେଉଁମାନେ ଡାକୁଥିଲେ ଖନା
ଗଲେ ଆଡୁଆଳେ ରହିରେ
ଅକ୍ଟୋବର ନଅ ଗୋପଙ୍କ ଜୟନ୍ତୀ
ଅଜା ଆସି ଦେଲେ କହିରେ ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



ବିଜୟଲକ୍ଷ୍ମୀ ପାଣିଗ୍ରାହି

# ସପନରେ ଆ ଦୁର୍ଗା ମାଆ

ବିରେନ ସାଙ୍ଗସାଥି ମେଳରେ ଯେଉଁ ଖେଳ ପଡ଼ିଆକୁ ଖେଳିବାକୁ ଯାଏ ସେହି ପଡ଼ିଆର ତଳ ମୁଣ୍ଡରେ ଗୋଟେ ନଦୀ ବହୁଥାଏ । କୂଳରେ ଗୋଟେ ବଡ଼ ବରଗଛ ଠିଆ ହୋଇଥାଏ । ଗଛ ଡାଳରେ କିଛି ପକ୍ଷୀ ବସା କରି ରହିଥାନ୍ତି । ସେଦିନ ବଲଟି ସେହି ଗଛ ଆଡକୁ ଗଡ଼ି ଗଡି ଚାଲିଗଲା ତାକୁ ଧରିବାକୁ ବିରେନ ସେହି ଗଛ ଆଡକୁ ଗଲା । ବଲଟିକୁ ଧରି ଫେରି ଆସୁଥିବା ବେଳେ ଦେଖିଲା ଗଛମୂଳେ ସ୍ତ୍ରୀ ଲୋକଟିଏ ମନ ଦୁଃଖରେ ବସିଛନ୍ତି ନ ହେଲେ ତାଙ୍କର ମୁହଁ ଏମିତି ଶୁଖିଯାଇଛି କାହିଁକି ? ବିରେନ ତାଙ୍କ ପାଖକୁ ଯାଇ ପଚାରିଲା, ତୁମେ ଏଇଠି କାହିଁକି ମନ ଦୁଃଖରେ ବସିଛ ? ତମର କ'ଣ ଦେହ ଭଲନାହିଁ ? ତୁମେ ଖାଇଛ ତ ?

ସ୍ତ୍ରୀ ଲୋକ ଜଣକ ଆଖିରେ ଲୁହ ଦେଖି ବିରେନ ବଲଟିକୁ ସାଙ୍ଗମାନଙ୍କ ଆଡକୁ ଫିଙ୍ଗିଦେଇ ଜୋର୍‌ରେ କହିଲା, ତୁମେମାନେ ଖେଳୁଥାଅ ମୁଁ ଟିକେ ଡେରିରେ ଆସୁଛି । ଏତିକି କହି ସେ ପୁଣି ଥରେ ସେହି ଗଛ ଆଡକୁ ଗଲା । ଗଛମୂଳରେ ବସିଥିବା ସ୍ତ୍ରୀ ଲୋକ ପାଖରେ ବସିଲା । ତାଙ୍କୁ ତାଙ୍କର ନାମ ପଚାରିଲା, ଆଉ କେଉଁଠି ରୁହ ବୋଲି ପଚାରିଲା । ସ୍ତ୍ରୀ ଲୋକ ଜଣକ କହିଲେ, ମୋ ନାଁ ଦୁର୍ଗା । ମୁଁ ମନ୍ଦିରରେ ରୁହେ । ହେଲେ କିଛି ଭକ୍ତ ମୋତେ ମେଢ଼ ମଣ୍ଡପରେ ସଜାଇ ପୂଜା କରିବାକୁ ଚାହାଁନ୍ତି ବୋଲି ଏହି ଋତୁରେ ମୋତେ ଡାକନ୍ତି । ମୁଁ ସବୁ ବର୍ଷ ଆସେ । ବିରେନ ହସିବାକୁ ଲାଗିଲା କହିଲା, ତମକୁ କିଏ କାହିଁକି ପୂଜା କରିବ ତମେ କଣ ଦୁର୍ଗା ଦେବୀ ମାଆ କି ? ସ୍ତ୍ରୀ ଲୋକଟି ହସି ମୁଣ୍ଡ ହଲାଇ ହଁ କହିଲା । ବିରେନ ଅଧିକ ଜୋରରେ ହସିଲା । କହିଲା, ତମେ କାହିଁକି ମିଛ କହୁଛ ? ମୁଁ ତ ସବୁବର୍ଷ ମେଢ଼ ଦେଖିବାକୁ ବାପା ଆଉ ମାଆଙ୍କ ସହିତ ଯାଏ । କେବେ ତ ତୁମକୁ ସେଠାରେ ଦେଖିନି । ଓଃ ... ତାହେଲେ ତମକୁ ମେଢ଼କୁ ନେବା ଆଗରୁ ତମ ଭକ୍ତମାନେ ଆଗେ ତୁମକୁ ବିଉଟିପାର୍ଲର ନେଇକି ଯାଉଛନ୍ତି ଆଉ ତମେ ମେକ୍‌ଅପ୍ ହେଲା ପରେ ସେମିତି ସୁନ୍ଦର ଦିଶୁଛ ।

ସ୍ତ୍ରୀ ଲୋକଟି ଏବେ ଟିକେ ହସିଦେଲେ, କହିଲେ ତୁ ଏମିତି କାହିଁକି କହିଲୁ ? ବିରେନ କହିଲା ଆମ ରାଜା ମାମୁଙ୍କର ରିଙ୍ଗ ସେରିମୋନି ହେଉଥିଲା, ହେଲେ ଯେଉଁ ଝିଅଟି ସେଠାକୁ ଆସିଲା ମାମୁ ତାକୁ ଆଗରୁ ଦେଖିଥିଲେ ବି ଚିହ୍ନିପାରିଲେନାହିଁ । କାରଣ ସେ ତମଭଳି ଥିଲା । ମାତ୍ର ପାର୍ଲର ଯାଇ ଆସିବା ପରେ ଦେବୀ ପରି ଦିଶୁଥିଲେ । ଦେଖ ତମ ଭକ୍ତମାନେ ତୁମକୁ କେତେ ଭଲ ପାଆନ୍ତି । ସୁନା ରୂପାରେ ସଜାନ୍ତି । ଦିନ ଦିନ ଧରି ମେଢ଼ ମଣ୍ଡପରେ ପୂଜା କରନ୍ତି । ହେଲେ ତୁମେ ସେ ମାଟିମୂର୍ତ୍ତି ଭିତରେ ଏତେ ଦିନ କେମିତି ରୁହ ? ତୁମକୁ ରୁନ୍ଧି ହେଲା ଭଳି ଲାଗେନି ? ଜେଜେ ବାପା କହୁଥିଲେ, ତୁମେ କୁଆଡେ ଅସୁର ରାବଣକୁ ମାରିଥିଲ ବୋଲି ତୁମକୁ ବିଜୟା ଦଶମୀରେ ପୂଜା କରାଯାଏ ହେଲେ ... ସବୁବର୍ଷ ଏ ରାବଣ ପୁତଳିକାକୁ ଜାଳୁଛ ଯେତେ ଜାଳିଲେ କ'ଣ ହେବ, ତା'ପର ବର୍ଷକୁ ତା'ଠାରୁ ବଡ ରାବଣ ପୁତଳିକା ମଣିଷମାନେ ତିଆରି କରୁଛନ୍ତି । ସମାନ ଦୃଶ୍ୟ ଦେଖି ଦେଖି ବିରକ୍ତ ଲାଗିଲାଣି । ଏ ବର୍ଷ ତୁମେ ଟିକେ ପ୍ଲାନ ବଦଳାଇଦିଅ । ନିଆଁରେ ନାଇ... ପାଣିରେ ବୁଡାଇ ମାର । ହେଲେ ପାଣିରେ କେମିତି ବୁଡାଇବ ? ଏତେବେଡ଼ ରାବଣକୁ । ବୁଡାଇବାକୁ ତ ଆମ ଜଗନ୍ନାଥ ସାଗରରେ ଏତେ ପାଣି ନାହିଁ ତମେ କ'ଣ ଭାବୁଛ ?

- ମୁଁ ଆଉ କ'ଣ ଭାବିବି ? ତୁ ହିଁ ଭାବ ତୋ ଉପରେ ମୋର ଭାରି ଭରସା ।

- ହଁ, ଠିକ୍ ଅଛି ତେବେ ଶୁଣ ! ଏ ବର୍ଷ ତୁମେ ଗୋଟେ ସତ ସତିଆ ରାବଣକୁ ଖୋଜି ମାରିଦିଅ । ଦେଖିବ ସେମିତିକା ଅନ୍ୟସବୁ ରାବଣମାନେ ତୁମ ନାମରେ ପୋଲିସକୁ କମ୍ପ୍ଲେନ୍ କରିବେ । ସେମାନେ ମିଶି ଏତେ ସୁନ୍ଦର ପ୍ଲାନ୍ କରିଦେବେ ଯେ, ଆଉ ତମେ ମେଢ଼କୁ ଆସିପାରିବନାହିଁ ଖାଲି ମନ୍ଦିରରେ ହିଁ ପୂଜା ପାଇବ । ହଁ... ସେଇଟା ବି ଭଲ କଥା । ମନ୍ଦିରରେ ହିଁ ପୂଜା ପାଉଥାଅ । ମେଢ଼ରେ ପୂଜା ପାଇଲେ ତମକୁ ପୁଣି ବିସର୍ଜନ କରିବେ । ଆଜିକାଲି ତ ନଦୀ ପୋଖରୀରେ କମ୍ ପାଣି ଅଛି । ଏପଟେ ସାହି ସାହିରେ ତମ ଆକାରକୁ ବଡ କରିବା ପାଇଁ ପ୍ରତିଯୋଗିତା ବି ଚାଲିଛି । ହେଲେ ବିସର୍ଜନ ସମୟରେ ବଡ ମୂର୍ତ୍ତି ଯେତେବେଳେ ବୁଡି ପାରୁନି ସେତେବେଳେ ତାକୁ ଗୋଡ଼ରେ ଚକଟି ଦବେଇ ବୁଡାଇ ଦିଆଯାଉଛି । ସତ କହୁଛି ସେତେବେଳେ କିନ୍ତୁ ମୋତେ ଭାରି ଦୁଃଖ ଲାଗେ । ତମକୁ ବି ଭାରି କଷ୍ଟ ହେଉଥିବ ନା ?



ସ୍ତ୍ରୀ ଲୋକ ଜଣକ ଏବେ ଟିକେ ହସିଲେ । କହିଲେ ବିରେନ ! ତୁମପରି ପିଲାମାନେ ଥିଲେ ମୁଁ ଆଉ ଦୁଃଖ କରିବିନି । ତୁମ ପିଢ଼ି ଉପରେ ମୋର ବିଶ୍ୱାସ ରହିଛି । ତୁମେମାନେ ଅନ୍ତତଃ ମୋ ମନକଥା ବୁଝିବ । ଏବେ ଯେଉଁ ସମୟ ଆଉ ଉପରର ଚାଲିଛି, ଏ ସମୟ ବି ଚାଲିଯିବ । ଏଥର ତୁମେ ଯାଅ ବଲ ଖେଳ । ବିରେନ ଗଛ ମୂଳରୁ ଉଠି ପଡ଼ିଆ ଆଡେ ଆସିଲା । କିଛି ବାଟ ଆସି ପୁଣି ସେ ଗଛମୂଳକୁ ଚାହିଁଲା । ଦେଖିଲା ସେଠାରେ ଦେବୀମାଆ ଠିଆହୋଇ ହସୁଛନ୍ତି । ବରଗଛ ଉପରେ ଏକ ଲାଲ ପତାକା ଉଡୁଛି । ବିରେନ ଏବେ ଜୋର୍‌ରେ ଡାକ ଛାଡିଲା, ସାଙ୍ଗମାନେ ଆସ... ଦେଖ ମାଆ ଦୁର୍ଗା ଆସିଛନ୍ତି ମା ଦୁର୍ଗା ଆସିଛନ୍ତି...

ଏତେ ଶବ୍ଦ ହେବା ଶୁଣି ବାପା ଉଠିପଡ଼ି ବିରେନକୁ କୋଳେଇ ଧରିଲେ । ବିରେନ ନିଦ ଭାଙ୍ଗିଯାଇଥିଲା ସତ ହେଲେ ତା' ମନରେ ଘାଣ୍ଟି ହେଉଥିଲା ସ୍ୱପ୍ନରେ ମା' ଦୁର୍ଗାଙ୍କୁ କହିଥିବା କଥାସବୁ ।

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ-୮୨୪୯୪୫୦୦୫୦*

# ଚାମ୍ପିଅନ୍ସ ଟ୍ରଫିକୁ ନେଇ ରୋହିତଙ୍କ ବଡ଼ ବୟାନ : ପୂର୍ବ କୋଚ୍ ଦ୍ରାବିଡ଼ଙ୍କ ପାଇଁ ଜିତିଛୁ

**ନୂଆଦିଲ୍ଲୀ**

ଦିନିକିଆ ଅଧିନାୟକତ୍ୱ ଛଡ଼ାଇ ନେବା ପରେ ମୁହଁ ଖୋଲିଛନ୍ତି ହିଟ୍‌ମ୍ୟାନ ରୋହିତ ଶର୍ମା। ଚାମ୍ପିଅନ୍ସ ଟ୍ରଫିକୁ ନେଇ ଦେଇଛନ୍ତି ଚମକାଇ ଦେବା ପରି ବୟାନ। ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଜିତିଲେ ହେଲେ ଶ୍ରେୟ ରାହୁଲ ଦ୍ରାବିଡ଼ଙ୍କୁ ଦେଇଛନ୍ତି। ଚାମ୍ପିଅନ୍ସ ଟ୍ରଫି ଜିତିବା ପଛରେ ରାହୁଲ ଦ୍ରାବିଡ଼ଙ୍କ ହାତ ଥିବା କହିଛନ୍ତି ରୋହିତ। କ୍ୟାପ୍ଟେନ୍ସି ଛଡ଼ାଇ ନେବା ପରେ ଗୌତମଙ୍କ ଉପରେ ଗମ୍ଭୀର କି ରୋହିତ ତାଙ୍କର ଏହି ବୟାନରୁ ସେମିତି କିଛି ବାରି ହୋଇପଡୁଛି।

ଦିନିକିଆରେ ରୋହିତଙ୍କଠୁ କ୍ୟାପ୍ଟେନ୍ସି ଛଡ଼ାଇ ନେଇ ଶୁବମନଙ୍କୁ ଦିଆଯାଇଛି। ଏହାପରେ ପ୍ରଥମ ବଡ଼ ବୟାନ ଦେଇଛନ୍ତି ରୋହିତ ଶର୍ମା। ସିଏଟ କ୍ରିକେଟ ରେଟିଂ ପୁରସ୍କାର ସମାରୋହରେ ସାମିଲ ହୋଇଥିଲେ ରୋହିତ ଶର୍ମା। ଏହି କାର୍ଯ୍ୟକ୍ରମରେ ରୋହିତ ଦେଇଥିବା ବୟାନରୁ ଅନୁମାନ ହେଉଥିଲା ହେଡ୍ କୋଚ୍ ଗମ୍ଭୀରଙ୍କ ସହ ତାଙ୍କର କିଛି ଠିକଠାକ୍ ନାହିଁ। ରୋହିତ କହିଛନ୍ତି, '୨୦୨୩ ବିଶ୍ୱକପ ଏକ ଯାତ୍ରା ଥିଲା ଯାହାକୁ ଆମେ ବହୁବର୍ଷ ଧରି ଜାରି ରଖିଥିଲୁ। ଏହା ଗୋଟିଏ କି ଦୁଇବର୍ଷ ନୁହେଁ ବହୁ ବର୍ଷର ପରିଶ୍ରମର ଫଳାଫଳ। ଆମେ ଅନେକ ଥର ବିଶ୍ୱକପ ନିକଟତର ହୋଇଛୁ ହେଲେ ଜିତିପାରିନାହୁଁ। ଆମକୁ କିଛି ଭିନ୍ନ କରିବାକୁ ପଡ଼ିବ ବୋଲି ଚିନ୍ତା କରିଥିଲୁ। ଆମେ ଟି-୨୦ ବିଶ୍ୱକପ ଓ ଚାମ୍ପିଅନ୍ସ ଟ୍ରଫି ପାଇଁ ପ୍ରସ୍ତୁତ ହୋଇଥିଲୁ। ଏଥିରେ ରାହୁଲ ଭାଇ ମୋତେ ବହୁତ ସାହାଯ୍ୟ କରିଛନ୍ତି। ରାହୁଲ ଦ୍ରାବିଡ଼ଙ୍କ କୋଚ୍ କାର୍ଯ୍ୟକାଳରେ ଆରମ୍ଭ ହୋଇଥିବା ପ୍ରକ୍ରିୟାର ପାଳନ କରିବା ଚାମ୍ପିଅନ୍ସ ଟ୍ରଫି ଜିତିବାରେ ସାହାଯ୍ୟ କରିଛି।



ଗୌତମ ଗମ୍ଭୀର ଯେବେ ମୁଖ୍ୟ ପ୍ରଶିକ୍ଷକ ହେଲେ ଭାରତ ଟୁର୍ଣ୍ଣାମେଣ୍ଟ ଜିତିଲା। ପୁରା ଟିମ୍ ପୂର୍ବ ଅଧିନାୟକ ଏବଂ କୋଚ୍‌ଙ୍କ ଚିନ୍ତାଧାରକୁ ଆପଣାଇ ଟ୍ରଫି ଜିତିଲା।'

ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ଦେବାକୁ ଥିବା ଦିନିକିଆ ସିରିଜ୍‌କୁ ନେଇ ରୋହିତ କହିଛନ୍ତି, ମୁଁ ସେ ଦଳ ସହ ଖେଳିବାକୁ ବହୁତ ପସନ୍ଦ କରେ। ଅଷ୍ଟ୍ରେଲିଆରେ ଖେଳିବାକୁ ଉପଭୋଗ କରେ। ସେଠାରେ କ୍ରିକେଟ ଖେଳିବା ସର୍ବଦା ଚ୍ୟାଲେଞ୍ଜିଂ ହୋଇଥାଏ। ଅଷ୍ଟ୍ରେଲିଆ ସବୁବେଳେ ଆମ ପାଇଁ ଭିନ୍ନ ଚ୍ୟାଲେଞ୍ଜ ଆଣେ। ମୁଁ ବ୍ୟକ୍ତିଗତ ଭାବରେ ମୋର ସମସ୍ତ ଫର୍ମାଟରେ ପ୍ରଦର୍ଶନକୁ ନେଇ ଗର୍ବିତ। ରୋହିତ-ରାହୁଲଙ୍କ କାର୍ଯ୍ୟକାଳରେ ଭାରତ ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲରେ ହାରିବା ପରେ ୨୦୨୪ ଟି-ଟ୍ୱେଣ୍ଟି ବିଶ୍ୱକପ ଜିତିଥିଲା। ଏହାପରେ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ହାତେଇଥିଲା ଟିମ୍ ଇଣ୍ଡିଆ।

ହିଟ୍‌ମ୍ୟାନ୍ ରୋହିତ ଶର୍ମା, ଭାରତକୁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଓ ଚାମ୍ପିଆନ୍ସ ଟ୍ରଫି ଜିତାଇଥିବା ଜଣେ ସଫଳ ଅଧିନାୟକ। ତାଙ୍କ ଅଧିନାୟକତ୍ୱରେ ମୋଟ୍ ୫୬ଟି ମ୍ୟାଚରୁ ଟିମ୍ ଇଣ୍ଡିଆ ୪୨ଟି ଜିତିଛି। ଆଇସିସି ଦିନିକିଆ ଇଭେଣ୍ଟରେ ବେଷ୍ଟ ବିଜୟ-ପରାଜୟ ରେସିଓ ତାଲିକାରେ ରୋହିତ ନମ୍ବର ୱାନରେ ଅଛନ୍ତି। ଅଷ୍ଟ୍ରେଲିଆର ରିକିଂ ପଣ୍ଟିଙ୍କୁ ପଛରେ ପକାଇଛନ୍ତି ହିଟ୍‌ମ୍ୟାନ। ଭାରତୀୟ ଦଳର ଏତେ ସଫଳତମ କ୍ୟାପ୍ଟେନଙ୍କ ହାତରୁ କାହିଁକି ଛଡ଼ାଇ ନିଆଗଲା କ୍ୟାପ୍ଟେନ୍ସି ସଭିଙ୍କ ମନରେ ଏବେ ଏହି ଗୋଟିଏ ପ୍ରଶ୍ନ।

# ଡ୍ରୋନ୍ ପାଇଲଟ୍ ପ୍ରମାଣପତ୍ର ପାଇଲେ ଧୋନି



**ଚେନ୍ନଇ**

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କର ପୁରୁଣା କାର୍ ଓ ସୁପର ବାଇକ୍ ପ୍ରତି ଥିବା ଦୁର୍ବଳତା ସମସ୍ତେ ଜାଣନ୍ତି। ତାଙ୍କ ଘରେ ଧୋନି ଏକ ଡଜନ୍ ଏହି ପ୍ରକାର ଗାଡ଼ି ରଖିଛନ୍ତି। ହେଲେ ଏବେ ଧୋନି ଡ୍ରୋନ୍ ଉଡ଼ାଇବାକୁ ଯାଉଛନ୍ତି। ବିଧିବଦ୍ଧ ଭାବେ ଧୋନି ଡିଜିସିଏ ସ୍ୱୀକୃତିପ୍ରାପ୍ତ ଏକ ଅନୁଷ୍ଠାନରୁ ଡ୍ରୋନ୍ ପାଇଲଟ୍ ହେବାର ପ୍ରଶିକ୍ଷଣ ପାଇଛନ୍ତି ଏବଂ ସଫଳତା ପରେ ତାଙ୍କୁ ପ୍ରମାଣପତ୍ର ମଧ୍ୟ ମିଳିଛି। ସାମାଜିକ ଗଣମାଧ୍ୟମରେ ଧୋନି ଏହା ଜଣାଇଛନ୍ତି। ଚେନ୍ନଇସ୍ଥିତ ଗରୁଡ଼ ଏରୋ-ସ୍ପେସ୍ ଦେଶର ନାମୀ ଡ୍ରୋନ୍ ନିର୍ମାତା ଓ ଡ୍ରୋନ୍ ପାଇଲଟ୍ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା। ଧୋନି ଏହାର ବ୍ରାଣ୍ଡ ଆମ୍ବାସାଡର ଓ ଏଥିରେ ସେ ଅର୍ଥନିବେଶ ମଧ୍ୟ କରିଛନ୍ତି। ହେଲେ ବିଧିବଦ୍ଧ ଭାବେ ଧୋନି ଏହି ସଂସ୍ଥାରେ ରିମୋଟ୍ ଡ୍ରୋନ୍ ପାଇଲଟ୍ ପ୍ରଶିକ୍ଷଣ ପାଠ୍ୟକ୍ରମ ହାସଲ କରି ଥିଲେ ଏବଂ ଏଥିରେ କୃତକାର୍ଯ୍ୟ ହେବା ପରେ ତାଙ୍କୁ ପ୍ରମାଣପତ୍ର ମିଳିଛି। ଅଦ୍ୟାବଧି ଗରୁଡ ଏରୋସ୍ପେସ୍ ପ୍ରାୟ ୨୫୦୦ ବ୍ୟକ୍ତିଙ୍କୁ ରିମୋଟ୍ ଡ୍ରୋନ୍ ପାଇଲଟ୍ ତାଲିମ ପ୍ରଦାନ କରିଛି। ସୂଚନାଯୋଗ୍ୟ; ୨୦୧୧ରେ ଭାରତୀୟ ପ୍ରାଦେଶିକ ସେନାର ପାରାସୁଟ୍ ରେଜିମେଣ୍ଟରେ ମହେନ୍ଦ୍ର ସିଂହ ଧୋନିଙ୍କୁ ସମ୍ମାନଜନକ ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଭାବେ ନିଯୁକ୍ତି ମିଳିଥିଲା। ୨୦୧୯ରେ ତାଙ୍କ ବାଟାଲିଅନ୍‌ରେ ଧୋନି ଜାମ୍ମୁ-କାଶ୍ମୀରରେ ୧୫ ଦିନ ଧରି ତାଲିମ ମଧ୍ୟ ନେଇଥିଲେ।

# ଖୁବ୍ ଶୀଘ୍ର ପଡ଼ିଆକୁ ଓହ୍ଲାଇ ପାରନ୍ତି ଋଷଭ ପନ୍ତ



**ନୂଆଦିଲ୍ଲୀ**

ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଦୁଇଟି ମ୍ୟାଚ୍‌ର ଟେଷ୍ଟ ସିରିଜ୍ ଖେଳାଯାଉଛି। ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଜିତିବା ପରେ ଟିମ୍ ଇଣ୍ଡିଆ ସିରିଜ୍‌ରେ ୧-୦ରେ ଆଗୁଆ ଅଛି। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ ତାରିଖରେ ଦିଲ୍ଲୀରେ ଆରମ୍ଭ ହେବ। ଏହି ମ୍ୟାଚ୍ ପୂର୍ବରୁ ଟିମ୍ ଇଣ୍ଡିଆ ପାଇଁ ଏକ ଖୁସି ଖବର ଆସିଛି। ଋଷଭ ପନ୍ତଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି। କୁହାଯାଉଛିକି ପନ୍ତ ଅକ୍ଟୋବର ୨୫ରୁ ଆରମ୍ଭ ହେଉଥିବା ୨୦୨୫-୨୬ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡରେ ପଡ଼ିଆକୁ ଫେରିପାରନ୍ତି। ସେ ନଭେମ୍ବର ୧୪ ତାରିଖରୁ ଆରମ୍ଭ ହେଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁଇଟି ମ୍ୟାଚର ସିରିଜ୍ ସମୟରେ ଟିମ୍ ଇଣ୍ଡିଆ ପାଇଁ ଟେଷ୍ଟ କ୍ରିକେଟରେ ପ୍ରତ୍ୟାବର୍ତ୍ତନ ମଧ୍ୟ କରିପାରନ୍ତି।

ରିପୋର୍ଟ ଅନୁଯାୟୀ, ଚଳିତ ସପ୍ତାହ ଶେଷରେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ତାଙ୍କର ଫିଟନେସ୍ ମୂଲ୍ୟାଙ୍କନ କରାଯିବ। ଋଷଭଙ୍କ ଗୋଡ଼ ପ୍ଲାଷ୍ଟର ତିନି ସପ୍ତାହ ପୂର୍ବରୁ କାଢ଼ି ଦିଆଯାଇଥିଲା। ସେ ବର୍ତ୍ତମାନ କୌଣସି ସମସ୍ୟା ବିନା ବୁଲାବୁଲି କରି ପାରୁଛନ୍ତି। ଏମିତିକି ବ୍ୟାୟାମ ଏବଂ ଓଜନ ତାଲିମ ମାଧ୍ୟମରେ ତାଙ୍କ ଗୋଡ଼କୁ ମଜବୁତ କରିବା ପାଇଁ ପ୍ରୟାସ କରୁଛନ୍ତି ଏବଂ ବ୍ୟାଟିଂ ମଧ୍ୟ ଆରମ୍ଭ କରିଛନ୍ତି।





ଅକ୍ଟୋବର ୧୧ରୁ କଳିଙ୍ଗ ଷ୍ଟାଡ଼ିୟମରେ ହେବାକୁ ଥିବା ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍ ପୂର୍ବରୁ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ମାସ୍କଟ ଓଲି ସହ ଟ୍ରଫି ପ୍ରଦର୍ଶିତ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ୧୮୧ ରନ୍‌ରେ ଆଉଟ୍ ହେବାରୁ ବୋଲରଙ୍କୁ ବ୍ୟାଟ୍ ଧରି ମାରିବାକୁ ଗୋଡ଼ାଇଲେ ପୃଥ୍ୱୀ ଶ'



**ନୂଆଦିଲ୍ଲୀ**

ପୃଥ୍ୱୀ ଶ' ତାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତକୁ ବିଜୟୀ କରାଇବା ପରେ, ସେ ସିନିୟର ଭାରତୀୟ ଦଳରେ ନିଜର ସ୍ଥାନ ଦୃଢ଼ କରିଥିଲେ। ୨୦୧୮ରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ। ତଥାପି ଶ'ଙ୍କ ଫର୍ମ ଏତେ ଖରାପ ହୋଇଯାଇଛି ଯେ, ସେ ଏବେ ପୁଣି ଦଳକୁ କରିବାକୁ ଚେଷ୍ଟା କରୁଛନ୍ତି। ସେ ୨୦୨୫-୨୬ ରଣଜୀ ଟ୍ରଫି ପୂର୍ବରୁ ଅଭ୍ୟାସ ମ୍ୟାଚ୍ ଖେଳୁଛନ୍ତି। ଏହି ମ୍ୟାଚ୍ ସମୟରେ ସେ ପଡ଼ିଆରେ ରାଗୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

୨୦୨୫-୨୬ ରଣଜୀ ଟ୍ରଫି ପୂର୍ବରୁ ମହାରାଷ୍ଟ୍ର ଏବଂ ମୁମ୍ବାଇ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳାଯାଉଛି। ଆଠ ବର୍ଷ ଧରି ମୁମ୍ବାଇ ପାଇଁ ଖେଳୁଥିବା ଶ' ଏଥର ମହାରାଷ୍ଟ୍ର ଦଳ ପାଇଁ ଖେଳିବେ। ଅଭ୍ୟାସ ମ୍ୟାଚ୍‌ରେ ପୃଥ୍ୱୀ ମୁମ୍ବାଇ ବିପକ୍ଷରେ ୨୧୯ ବବଲ୍‌ରେ ୧୮୧ ରନ୍‌ର ଏକ ଶକ୍ତିଶାଳୀ ଇନିଂସ ଖେଳିଥିଲେ। ପୃଥ୍ୱୀ ଏହି ଅଭ୍ୟାସ ମ୍ୟାଚ୍‌ରେ ଉନ୍ନତ ବ୍ୟାଟିଂ ପ୍ରଦଶନ କରିଥିଲେ। ତଥାପି ୧୮୧ ରନ୍‌ରେ ଆଉଟ ହେବା ପରେ ସେ ରାଗି ଯାଇଥିଲେ।

ଶ' ଏହି ମ୍ୟାଚ୍‌ରେ ୧୪୦ ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ। ସେ ଯେତେବେଳେ ଦ୍ୱିଶତକ ନିକଟତର ହୋଇଥିଲେ, ସେତେବେଳେ ସେ ମୁଶୀର ଖାନଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ, ସେ ସରଫରାଜ ଖାନଙ୍କ ସାନ ଭାଇ ମୁଶୀରଙ୍କ ସହିତ ଯୁକ୍ତିତର୍କ କରିଥିଲେ। ପରିସ୍ଥିତି ଏପରି ବିଗିଡ଼ି ଯାଇଥିଲା ଯେ, ମୁଶୀରଙ୍କୁ ମାରିବା ପାଇଁ ତାଙ୍କ ବ୍ୟାଟ ଉଠାଇଥିଲେ। ଅମ୍ପାୟାର ହସ୍ତକ୍ଷେପ କରି ଉଭୟ ଦଳରୁ ଖେଳାଳିମାନଙ୍କୁ ଅଲଗା କରିଥିଲେ। ଶ' ଏବଂ ମୁଶୀର ଖାନଙ୍କ ମଧ୍ୟରେ ହୋଇଥିବା ଏହି ଝଗଡ଼ାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

## ୨୯ତମ ବାପୁନା କପ୍ ଟୁର୍ଣ୍ଣାମେଣ୍ଟ

# ଓଡ଼ିଶା ୨୩ ବର୍ଷରୁ କମ୍ ପୁରୁଷ ସମ୍ଭାବ୍ୟ ଦଳ ଚାମ୍ପିଅନ




**କଟକ, ନ୍ୟୁଜ୍‌ବ୍ୟୁରୋ**

ବିଦର୍ଭ କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ୨୯ତମ ବାପୁନା କପ୍ ଟୁର୍ଣ୍ଣାମେଣ୍ଟ ୨୦୨୫ (ଦୁଇ-ଦିନିଆ ଫର୍ମାଟ)ରେ ଓଡ଼ିଶା ୨୩ ବର୍ଷରୁ କମ୍ ପୁରୁଷ ସମ୍ଭାବ୍ୟ ଦଳ ଅଂଶଗ୍ରହଣ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ପାଞ୍ଚଟି ଦଳ ଅଂଶଗ୍ରହଣ କରିଥିଲେ- ଓଡ଼ିଶା, ମହାରାଷ୍ଟ୍ର, କେରଳ, ବାପୁନା ଏକାଦଶ ଏବଂ ଦିନଶା ଏକାଦଶ। ଓଡ଼ିଶା ସମସ୍ତ ଅଂଶଗ୍ରହଣକାରୀ ଦଳ ବିପକ୍ଷରେ ଚାରୋଟି ମ୍ୟାଚ୍ ଖେଳିଥିଲା, ସମସ୍ତ ଚାରୋଟି ମୁକାବିଲା ଡ୍ର' କରିଥିଲା। ଓଡ଼ିଶା ତିନୋଟି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଯଥା ଦିନଶା ଏକାଦଶ, ବାପୁନା ଏକାଦଶ ଏବଂ ମହାରାଷ୍ଟ୍ର ବିପକ୍ଷରେ ଅଗ୍ରଣୀ ହାସଲ କରିଥିଲା। କେରଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ଧୋଇ ଯାଇଥିଲା, ଯେଉଁଥିରେ କେରଳ ୪ ପଏଣ୍ଟ ପାଇଥିଲା ଏବଂ ଓଡ଼ିଶା ୩ ପଏଣ୍ଟ ପାଇଥିଲା। ସାମଗ୍ରିକ ପ୍ରଦର୍ଶନ ଆଧାରରେ, ଓଡ଼ିଶା ୨୩ ବର୍ଷରୁ କମ୍ ସମ୍ଭାବ୍ୟ ଦଳକୁ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ବିବେଚିତ କରାଯାଇଛି। ଏହା ସହିତ ଓଡ଼ିଶାର ମହମ୍ମଦ ଦାନିଶଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ପୁରସ୍କାର ସହିତ ୧୦,୦୦୦ ଟଙ୍କା ନଗଦ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ୩ଟି ମ୍ୟାଚ୍‌ରେ ୨.୫୨ ଇକୋନୋମି ହାର ସହିତ ୬ଟି ୱିକେଟ୍ ନେଇଥିଲେ।

## ଚକରା ବିଷୋୟୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱରକୁ ହରାଇ ସେମିରେ ଭଞ୍ଜନଗର

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡ଼ିଆରେ ବୁଧବାରଠାରୁ ରାଜ୍ୟସ୍ତରୀୟ ଚକରା ବିଷୋୟୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଭଞ୍ଜନଗର ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ପ୍ରଧାନ, କେଏସ୍‌ୟୁବି କଲେଜ ପ୍ରଶାସନିକ ଅଧିକାରୀ ବିଭାସ ଦାସ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଭୁବନେଶ୍ୱର ଶିବଶକ୍ତି ସହ ଭଞ୍ଜନଗର ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଫୁଲବାଣୀ ବାଣିଶ୍ରୀ କ୍ଲବ ଓ ଭୁବନେଶ୍ୱର ଫ୍ରେଣ୍ଡସ୍ ପାରାଡାଇଜ କ୍ଲବ ମଧ୍ୟରେ ମ୍ୟାଚ୍ ହେବ। ତୃତୀୟ ମ୍ୟାଚ୍ ଖୋର୍ଦ୍ଧା (ଏଫ୍‌ସି)କୁ ଭଞ୍ଜନଗର ନରେଶ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହେବ। ଚତୁର୍ଥ ମ୍ୟାଚ୍ ବଉଦ (ଜିଏମସି) ଓ ଜଗତସିଂହପୁର ମେଦିନୀପୁର ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ହେବ। ଉକ୍ତ ୪ଟି ମ୍ୟାଚ୍ ବିଜେତାଙ୍କ ମଧ୍ୟରେ ଗୁରୁବାର ଦୁଇଟି ସେମି ଫାଇନାଲ ମ୍ୟାଚ ହେବ। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଫାଇନାଲ ମ୍ୟାଚ୍‌ରେ ଉକ୍ତ ଦିନ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ସମେତ ବହୁ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବହୁଦିନ ପରେ ଭଞ୍ଜନଗର କଲେଜ ପଡ଼ିଆରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ତେଣୁ ଖେଳାଳି ଏବଂ ଦର୍ଶକ ମଧ୍ୟରେ ଉତ୍ସାହ ଭରି ରହିଛି। ପ୍ରଶାନ୍ତ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ଗୁଡ଼ିକୁ ଜାତୀୟ ରେଫରି ସୁବ୍ରତ କୁମାର ପୁରୋହିତ, ରାଜ୍ୟ ସ୍ତରୀୟ ରେଫରୀ ପି. ରମେଶ, ସଲିଲ କୁମାର ବେହେରା, ବିଚିତ୍ର ଜେନା ପରିଚାଳନା କରୁଛନ୍ତି।



ପ୍ରଥମ ମ୍ୟାଚ ଭଞ୍ଜନଗର ୨-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି।

# ଆଇପିଏଲ ଟିମ୍‌ର ୫୮ କୋଟି ଟଙ୍କାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ପ୍ୟାଟ୍ କମିନ୍ସ, ଟ୍ରାଭିସ ହେଡ୍

**ମୁମ୍ବାଇ**

ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଏବଂ ଷ୍ଟାର ବ୍ୟାଟ୍‌ସମ୍ୟାନ ଟ୍ରାଭିସ୍ ହେଡ୍ ଆଇପିଏଲ ଦଳରୁ ବାର୍ଷିକ ୫୮.୨ କୋଟି ଟଙ୍କା (ପ୍ରାୟ ୧୦ ମିଲିୟନ ଅଷ୍ଟ୍ରେଲିଆନ ଡଲାର) ମୂଲ୍ୟର ଏକ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ସେମାନେ ଅଷ୍ଟ୍ରେଲିଆ କ୍ରିକେଟ ଛାଡ଼ି ବିଦେଶୀ ଟି-୨୦ ଲିଗ୍‌ରେ ଖେଳିଥାନ୍ତେ। ତେବେ ଉଭୟ ଖେଳାଳି ଏହି ପ୍ରସ୍ତାବକୁ ନମ୍ରତାର ସହ ମନା କରି ଦେଇଛନ୍ତି ଏବଂ ଜାତୀୟ ଦଳ ପ୍ରତି ନିଷ୍ଠା ଜାରି ରଖିଛନ୍ତି।

କମିନ୍ସ ଓ ହେଡ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ସହ ଆଇପିଏଲ ଚୁକ୍ତିରେ ଅଛନ୍ତି, ଯାହାର ମୂଲ୍ୟ ଯଥାକ୍ରମେ ୧୮ କୋଟି ଓ ୧୪ କୋଟି ଟଙ୍କା। ଏହା ବ୍ୟତୀତ, ଅଷ୍ଟ୍ରେଲିଆର ଶୀର୍ଷ ଖେଳାଳିମାନେ ବାର୍ଷିକ ଚୁକ୍ତିରୁ ପ୍ରାୟ ୮.୭୪ କୋଟି ଟଙ୍କା (୧.୫ ମିଲିୟନ ଅଷ୍ଟ୍ରେଲିଆନ ଡଲାର) ରୋଜଗାର କରନ୍ତି। କମିନ୍ସଙ୍କ ଅଧିନାୟକତ୍ୱ ଭତ୍ତା ସହିତ ତାଙ୍କର ଅନ୍ତର୍ଜାତୀୟ କ୍ରିକେଟ ଆୟ ପ୍ରାୟ ୧୭.୪୮ କୋଟି ଟଙ୍କା (୩ ମିଲିୟନ ଅଷ୍ଟ୍ରେଲିଆନ ଡଲାର)।

ସିଡ୍‌ନୀ ମର୍ନିଂ ହେରାଲ୍ଡ ରିପୋର୍ଟ ଅନୁଯାୟୀ, ବିଗ୍ ବ୍ୟାସ୍ ଲିଗ୍ (ବିବିଏଲ)ର ଘରୋଇକରଣ ସମ୍ପର୍କରେ କ୍ରିକେଟ ଅଷ୍ଟ୍ରେଲିଆ, ରାଜ୍ୟ ସଂଘ ଓ ଖେଳାଳି ସଂଘ ମଧ୍ୟରେ ଆଲୋଚନା ବେଳେ ଏହି ତଥ୍ୟ ପ୍ରକାଶ ପାଇଛି। ଏହି ପ୍ରସ୍ତାବଗୁଡ଼ିକ ଅଷ୍ଟ୍ରେଲିଆ କ୍ରିକେଟର ଖେଳାଳିଙ୍କ ଉପରେ ନିୟନ୍ତ୍ରଣ ଦୁର୍ବଳ ହେଉଥିବାର ଉଦାହରଣ ଭାବେ ଉପସ୍ଥାପିତ ହୋଇଛି। ଏହା ବିବିଏଲରେ ଘରୋଇ ପୁଞ୍ଜି ମାଧ୍ୟମରେ ଖେଳାଳିଙ୍କ ଦରମା ବୃଦ୍ଧି ଏବଂ ଟି-୨୦ ଲିଗକୁ ବିଶ୍ୱ ବ୍ୟାପୀ ଫ୍ରାଞ୍ଚାଇଜ ମାଲିକଙ୍କ ନେଟୱାର୍କ ସହ ସଂଯୋଗ କରିବା ପାଇଁ ଯୁକ୍ତି ଭାବେ ବ୍ୟବହୃତ ହୋଇଛି।



କମିନ୍ସ ଓ ହେଡ୍ ଅଷ୍ଟ୍ରେଲିଆର ଶୀର୍ଷ ରୋଜଗାରୀ କ୍ରିକେଟର ମଧ୍ୟରେ ଥିଲେ ମଧ୍ୟ, ସେମାନଙ୍କ ବର୍ତ୍ତମାନର ଦରମା ଦେଶର ଶୀର୍ଷ କ୍ରୀଡ଼ାବିତଙ୍କ ଆୟଠାରୁ ବହୁତ କମ୍। ଫର୍ମୁଲା ୱାନ ଡ୍ରାଇଭର ଅସ୍କାର ପିଆଷ୍ଟ୍ରି (୪୦ ମିଲିୟନ ଅଷ୍ଟ୍ରେଲିଆନ ଡଲାର), ଏନବିଏ ଖେଳାଳି ଜୋଶ ଗିଡେ (୩୮ ମିଲିୟନ ଅଷ୍ଟ୍ରେଲିଆନ ଡଲାର) ଏବଂ ଏନଏଫଏଲ ଖେଳାଳି ଜୋର୍ଡାନ ମୈଲାଟା (୩୪ ମିଲିୟନ ଅଷ୍ଟ୍ରେଲିଆନ ଡଲାର) ଏହି ତାଲିକାରେ ଶୀର୍ଷରେ ଅଛନ୍ତି। ଏସଆରଏଚରେ କମିନ୍ସ ଓ ହେଡଙ୍କ ସହଖେଳାଳି ପୂର୍ବତନ ଦକ୍ଷିଣ ଆଫ୍ରିକା ବ୍ୟାଟ୍‌ସମ୍ୟାନ ହେନରିଖ କ୍ଲାସେନ ଜୁନରେ ଆନ୍ତର୍ଜାତୀୟ କ୍ରିକେଟ ଛାଡ଼ି ବିଶ୍ୱବ୍ୟାପୀ ଲିଗରେ ଖେଳିବାକୁ ନିଷ୍ପତ୍ତି ନେଇଥିଲେ।

# ଚୌକା-ଛକା ବର୍ଷା କରି କେଏସସିଏ ପୁରସ୍କାର ପାଇଲେ ରାହୁଲ ଦ୍ରାବିଡ଼ଙ୍କ ପୁଅ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର 'ଦ ୱାଲ୍' ଭାବରେ ଜଣାଶୁଣା ରାହୁଲ ଦ୍ରାବିଡ ତାଙ୍କ କ୍ୟାରିୟରରେ ଅଗଣିତ ରେକର୍ଡ ସ୍ଥାପନ କରିଥିଲେ। କିନ୍ତୁ ଏବେ ତାଙ୍କ ପୁଅ ଅନଭୟ ଦ୍ରାବିଡ଼ ମଧ୍ୟ କ୍ରିକେଟ ଜଗତରେ ନିଜର ଛାପ ସୃଷ୍ଟି କରୁଛନ୍ତି। ଅନଭୟଙ୍କୁ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏସନ (କେଏସସିଏ) ବାର୍ଷିକ ପୁରସ୍କାର ୨୦୨୫ରେ ପୁଣି ଥରେ ସମ୍ମାନିତ କରାଯାଇଛି। ଏହା ଲଗାତାର ଦ୍ୱିତୀୟ ବର୍ଷ ଯେବେ ସେ ତାଙ୍କ ଚମତ୍କାର ପ୍ରଦର୍ଶନ ପାଇଁ କେଏସସିଏ ପୁରସ୍କାର ପାଇଛନ୍ତି।



ଅଣ୍ଡର-୧୬ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ତାଙ୍କର ଚମତ୍କାର ବ୍ୟାଟିଂ ପାଇଁ ଅନଭୟ ଦ୍ରାବିଡ ଏହି ପୁରସ୍କାର ଜିତିଥିଲେ। ସେ ୬ ମ୍ୟାଚରେ ୮ ଇନିଂସରେ ୪୫୯ ରନ କରିଥିଲେ। ଉଲ୍ଲେଖନୀୟ ଯେ, ସେ ୯୧.୮୦ ଆଭରେଜ୍ ବଜାୟ ରଖିଥିଲେ ଏବଂ ଦୁଇଟି ଶତକ ମଧ୍ୟ କରିଥିଲେ। ଏହି ପ୍ରଭାବଶାଳୀ ପ୍ରଦର୍ଶନରେ ୪୬ ଚୌକା ଏବଂ ୨ ଛକା ସାମିଲ ଥିଲା, ମୋଟ ୪୮ ଚୌକା ସଟ୍ ସହିତ।

ତାଙ୍କ ପ୍ରଦର୍ଶନ କେବଳ କର୍ଣ୍ଣାଟକ ଦଳକୁ ମଜଭୁତ କରି ନ ଥିଲା ବରଂ ତାଙ୍କୁ ସମଗ୍ର ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ ସ୍କୋରର ମଧ୍ୟ କରିଥିଲା। କେବଳ ଏତିକି ନୁହେଁ, ତାଙ୍କ ହାର ଟୁର୍ଣ୍ଣାମେଣ୍ଟର ସମସ୍ତ ବ୍ୟାଟ୍‌ସମ୍ୟାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଥିଲା।

କେଏସସିଏ ପୁରସ୍କାର ରାତିରେ ଅନଭୟଙ୍କ ବ୍ୟତୀତ ଆହୁରି ଅନେକ ଖେଳାଳିଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଜୟ ହଜାରେ ଟ୍ରଫିରେ ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ମୟଙ୍କ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। କର୍ଣ୍ଣାଟକ ପାଇଁ ସର୍ବାଧିକ ରନ ସ୍କୋରର ହେବା ପାଇଁ ସେ ଏହି ପୁରସ୍କାର ପାଇଥିଲେ। ମୟଙ୍କ ଟୁର୍ଣ୍ଣାମେଣ୍ଟରେ ୯୩ ଆଭରେଜରେ ୬୫୧ ରନ କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: BOLANGIR
E-Mail ID: eerw_blgr@yahoo.co.in
O-918

**e Procurement Notice**

**IFB IDENTIFICATION NO. EEBLGR-Qnline-09/2025-26**

| | | | |
|---|---|---|---|
| 1. | Name of work | : | Road Works |
| 2. | Total no of works | : | 02 (Two) nos |
| 3. | Approximate Estimated Cost | : | Rs. 58.82 to 75.63 lakhs. |
| 4. | Time for completion | : | 02 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | As per TCN No. EEBLGR-Online-09/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial bid |
| Executive Engineer, R.W. Division, Bolangir | EEBLGR-online-09/2025-26 | 10.10.2025 at 11.00 A.M | 24.10.2025 up to 5.00PM | 23.10.2025 up to 1.00 PM | 27.10.2025 at 11.00A.M | The date will be intimated later on |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W. Division, Bolangir

OIPR-25068/11/0037/2526

GOVERNMENT OF ODISHA DEPARTMENTOF WATER RESOURCES
Office of the Enqineer-In-Chief, Water Resources, Secha Sadan, Bhubaneswar
A-690
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDS-10/ 2025-26

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIG/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : CEM/MDS- 10/ 2025-26 |
| 5. | Estimated Cost | : Rs. 81,82,287.00 |
| 6. | Period of Completion | : 03 (Three) calendar months. |
| 7. | Date & time of availability of bid documents in the Portal | : From dt.10.10.2025 (10.00 AM) to dt.23.10.2025(5.30 PM) |
| 8. | Last date/ time for receipt of bid In the Portal | : dt. 23.10.2025 (up to 5.30 PM) |
| 9. | Date and Place of opening of Technical Bid | : dt.24.10.2025 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32520/11/0078/2526





# ଛାତ୍ରଛାତ୍ରୀମାନେ ନବସୃଜନର ନେତୃତ୍ୱ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଛାତ୍ରଛାତ୍ରୀମାନେ ଶିକ୍ଷାର ଉପଯୋଗ କରି ଭାରତର ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ଅର୍ଥପୂର୍ଣ୍ଣ ନବସୃଜନ ଏବଂ ସ୍ଥାୟୀ ସମାଧାନ ସୃଷ୍ଟି କରିବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ଓ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ର ଚତୁର୍ଥ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ ଭାରତ କେବଳ 'ମେକ୍ ଇନ୍ ଇଣ୍ଡିଆ' ନୁହେଁ ବରଂ 'ଡିଜାଇନ୍ ଇନ୍ ଇଣ୍ଡିଆ' ଏବଂ 'ଇନୋଭେଟ ଫର ଦ ୱାର୍ଲ୍ଡ' ଦିଗରେ ମଧ ଲକ୍ଷ୍ୟ ରଖିବା ଉଚିତ। ରାଜ୍ୟପାଳ କହିଥିଲେ ଯେ, ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ ଓ ଏହା ବୁଦ୍ଧି, ସାଧୁତା ଏବଂ କଳ୍ପନାକୁ ବିକଶିତ କରିବା ପାଇଁ ଉଦ୍ଦିଷ୍ଟ। ପ୍ରକୃତ ଶିକ୍ଷା ଦାୟିତ୍ୱବାନ ଏବଂ କରୁଣାଶୀଳ ନାଗରିକଙ୍କୁ ଗଠନ କରେ। ଇଞ୍ଜିନିୟରିଂ, ଯୋଜନା, ସ୍ଥାପତ୍ୟ, ପରିଚାଳନା ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଟିଆର ର ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଏହା ବିଶ୍ୱବିଦ୍ୟାଳୟର ସାମଗ୍ରିକ ଶିକ୍ଷା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଅବତାରଣା କରିଥିଲେ ଓ ମାତ୍ର ଚାରି ବର୍ଷ ମଧ୍ୟରେ ଓୟୁଟିଆର ଜ୍ଞାନ ଏବଂ ନବସୃଜନର ଏକ ସ୍ପନ୍ଦନଶୀଳ କେନ୍ଦ୍ରରେ ପରିଣତ ହୋଇଥିବାରୁ ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ନେତୃତ୍ୱ, ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କମ ସମୟ ମଧ୍ୟରେ ଓୟୁଟିଆର ସୃଜନଶୀଳତା ଏବଂ ଉତ୍କର୍ଷତାର କେନ୍ଦ୍ର ପାଲଟି ଯୁବବର୍ଗଙ୍କୁ ନବସୃଜନକାରୀ ଏବଂ ରାଷ୍ଟ୍ର ନିର୍ମାତା ହେବା ପାଇଁ ପ୍ରୋତ୍ସାହିତ କରିପାରିଛି ବୋଲି ରାଜ୍ୟପାଳ କହିଥିଲେ। ବିଶ୍ୱବିଦ୍ୟାଳୟର ଭବିଷ୍ୟତ ପାଇଁ ପଦକ୍ଷେପ ଉପରେ ଆଲୋକପାତ କରି ରାଜ୍ୟପାଳ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, କ୍ୱାଂଟମ୍ କମ୍ପ୍ୟୁଟିଂ ଏବଂ ସେମିକଣ୍ଡକ୍ଟର ଟେକ୍ନୋଲୋଜି ଇତ୍ୟାଦି ନୂତନ ପାଠ୍ୟକ୍ରମଗୁଡ଼ିକ ପ୍ରତି ଓୟୁଟିଆରର ଉତ୍ସର୍ଗତାକୁ ପ୍ରଶଂସା କରିଛନ୍ତି। ଏତତ ବ୍ୟତୀତ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବାରେ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ମଧ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସାମ୍ପ୍ରତିକ ଘୋଷଣାଗୁଡ଼ିକୁ ଉଲ୍ଲେଖ କରି ରାଜ୍ୟପାଳ ଭାରତର ସେମିକଣ୍ଡକ୍ଟର ବିପ୍ଳବରେ ଓଡ଼ିଶାର ଉତ୍ସାହଜନକ ଭୂମିକା ଉଲ୍ଲେଖ କରିବା ସହ ଦେଶର ପ୍ରଥମ ବାଣିଜ୍ୟିକ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ୍ ସୁବିଧା ଏବଂ ରାଜ୍ୟରେ ପ୍ରତିଷ୍ଠିତ ହେବାକୁ ଥିବା ଉନ୍ନତ ପ୍ୟାକେଜିଂ ୟୁନିଟ୍ ବିଷୟରେ ଆଲୋକପାତ କରିଥିଲେ। ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫ୍ୟାବଲେସ୍ ନୀତି ଅଧୀନରେ ଓଡ଼ିଶାକୁ ଏକ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ସେମିକଣ୍ଡକ୍ଟର ଟେକ୍ନୋଲୋଜି ଏବଂ କୃତ୍ରିମ ବୁଦ୍ଧିମତାର ଭବିଷ୍ୟତ ଛାତ୍ରଛାତ୍ରୀଙ୍କ ସକ୍ଷମ ହାତରେ ଅଛି ବୋଲି ରାଜ୍ୟପାଳ କହିବା ସହ ଏହି ରୂପାନ୍ତରଣ ପ୍ରକ୍ରିୟାରେ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ ଏବଂ ଓୟୁଟିଆରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଡିନ୍ (ଶିକ୍ଷାଗତ ବ୍ୟାପାର) ପ୍ରଫେସର ଅଚ୍ୟୁତ ନନ୍ଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ରେଜିଷ୍ଟ୍ରାର ଆଶିଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଓୟୁଟିଆରସ୍ଥିତ ଡିଜିଟାଲ ଉତ୍ପାଦନ ଉତ୍କର୍ଷତା କେନ୍ଦ୍ରର ଉଦଘାଟନ କରିବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ରାଜଧାନୀ ସମେତ ଜନ୍ମପୀଠରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୪ ତମ ଜୟନ୍ତୀ ପାଳିତ

# ରାଜଧାନୀରେ ଗଣକବି ମାର୍ଗ ଏବଂ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଦାବି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସ୍ୱର୍ଗତ ଶରତ କୁମାର କରଙ୍କ ଦ୍ୱାରା ପ୍ରତିଷ୍ଠିତ 'ଗଣକବି ସ୍ମୃତି ସଂସଦ' ପକ୍ଷରୁ ପୂର୍ବ ବର୍ଷ ଭଳି ଚଳିତ ଗଣକବି ବୈଷ୍ଣବ ପାଣିଙ୍କ ୧୪୪ ତମ ଜୟନ୍ତୀ ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କବି ବୈଷ୍ଣବ ପାଣିଙ୍କ ଜନ୍ମପୀଠ ମାହାଙ୍ଗା ଅଞ୍ଚଳର କୋଠପଦା ଗ୍ରାମ ସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ରଘୁନାଥ ଜୀଉ ମଠ ପ୍ରାଙ୍ଗଣରେ ଗଣକବିଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶରତ କର ଓ ଅନିମା କର ଫାଉଣ୍ଡେସନର ସହ - ଅଧ୍ୟକ୍ଷ ଅଧ୍ୟାପକ ସୁମନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣକବି ବୈଷ୍ଣବ ପାଣିଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କର ଅମର ଲେଖନୀ ନିସୃତ ସମସ୍ତ ସାହିତ୍ୟ କୃତି / ସୃଷ୍ଟି ସମ୍ଭାରକୁ ସଂରକ୍ଷଣ କରି ରଖିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଶୁଭେନ୍ଦୁ କୁମାର ସାମଲ ଓ ରାମ ଚନ୍ଦ୍ର ବେହେରା ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଣକବି ସ୍ମୃତି ସଂସଦ, ମାହାଙ୍ଗାର କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ, ଶରତ ପ୍ରେମୀ ପରିବାରର ସଦସ୍ୟଙ୍କ ସମେତ ବୈଷ୍ଣବ ପାଣି ପ୍ରେମୀ ଜନ ସାଧାରଣ ଏବଂ ସ୍ଥାନୀୟ ବହୁ ବୁଦ୍ଧିଜୀବି, ସାହିତ୍ୟିକ, ପାଣି ସାହିତ୍ୟ ଅନୁରାଗୀ ବିଶିଷ୍ଟ ବ୍ୟକ୍ତି ବୃନ୍ଦ ଯୋଗଦେଇ ଗଣକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଅନୁରୂପ ଭାବରେ ମଧ ରାଜଧାନୀ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖସ୍ଥ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତି ରେ ଗଣକବି ସ୍ମୃତି ସଂସଦ, ଶରତ କର ଓ ଅନିମା କର ଫାଉଣ୍ଡେସନ ଏବଂ ମାହାଙ୍ଗା ମୈତ୍ରୀ ମଞ୍ଚ ପକ୍ଷରୁ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। 'ନିର୍ଭୀକ' ପତ୍ରିକାର ସମ୍ପାଦକ ଅବନୀ ଚନ୍ଦ୍ର ଦାସ ରାଜଧାନୀରେ ବୈଷ୍ଣବ ପାଣିଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଏକ ପ୍ରମୁଖ ମାର୍ଗକୁ ଗଣକବିଙ୍କ ନାମରେ ନାମିତ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## 'କ୍ରୁଟ୍' ସେବାର ସମୀକ୍ଷା କଲେ ମୁଖ୍ୟ ସଚିବ

# ସହରାଞ୍ଚଳ ପରିବହନ ସେବାରେ ସ୍ୱଚ୍ଛତାକୁ ଗୁରୁତ୍ୱ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି କ୍ରୁଟ୍(କ୍ୟାପିଟାଲ୍ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ) ସେବାର ସମୀକ୍ଷା କରିଛନ୍ତି। କ୍ରୁଟ୍ ମୁଖ୍ୟାଳୟ ଓ ଗାଡ଼କଣସ୍ଥିତ ଇଲେକ୍ଟ୍ରି ବସ୍ ଡିପୋ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ କ୍ରୁଟ୍ ପରିବହନ ସେବା ପରିଚାଳନା ଓ ଭୁବନେଶ୍ୱରରେ ବର୍ଦ୍ଧିତ ଇଲେକ୍ଟ୍ରି ବସ୍ ସେବା ନେଟ୍ୱର୍କର ସ୍ଥିତି ପରଖିଛନ୍ତି। ଏହି ଅବସରରେ ଆହୁଜା ବସ୍‌ର କ୍ରୁ ସଦସ୍ୟ, ଗାଇଡ୍ ଓ ବୈଷୟିକ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସୁଗମ, ନିରାପଦ ଓ ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ ସେବା ସୁନିଶ୍ଚିତ କରିବାରେ ସେମାନଙ୍କର ଅଭିଜ୍ଞତା ଓ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିଥିଲେ। କ୍ରୁଟ୍ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ୍ ସେଣ୍ଟରରେ, ସେ ସମୟାନୁବର୍ତ୍ତିତା, ଦକ୍ଷତା ଓ ଯାତ୍ରୀ ସନ୍ତୋଷ ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ରିୟଲ୍-ଟାଇମ୍ ମନିଟରିଂ ସିଷ୍ଟମ୍, ଡାଟା ଆନାଲିଟିକ୍ସ ଓ ସିଡ୍ୟୁଲ୍ ଅପ୍ଟିମାଇଜେସନ୍ ପ୍ରକ୍ରିୟାଗୁଡ଼ିକର ସମୀକ୍ଷା କରିଥିଲେ। ପରିବହନ ସେବା ପରିଚାଳନାରେ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାରକୁ ପ୍ରଶଂସା କରିଥିଲେ। ଉଚ୍ଚ ସେବା ମାନଦଣ୍ଡ ବଜାୟ ରଖିବା ଓ ସବୁଜ ଗତିଶୀଳତା ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସହରାଞ୍ଚଳ ପରିବହନକୁ ସ୍ୱଚ୍ଛ ଓ ସ୍ଥାୟୀ କରିବା ପାଇଁ ବୈଦ୍ୟୁତିକ ବସ୍ ପରିଚାଳନାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡ. ଏନ୍. ଥିରୁମାଲା ନାଏକ ମୁଖ୍ୟ ସଚିବଙ୍କୁ ଚାଲୁଥିବା କାର୍ଯ୍ୟ ଓ ଆଗାମୀ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। କ୍ରୁଟ୍ ମହାପ୍ରବନ୍ଧକ ସଞ୍ଜୟ ବିଶ୍ୱାଳ, ସହଦେବ ସମାଧିଆ, ବରିଷ୍ଠ କ୍ରୁଟ୍‌ମାନେ ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ କାର୍ଯ୍ୟନିର୍ବାହୀ ଅଧିକାରୀ : ଏକକାଳୀନ ୪ଟି ସ୍ଥାନରେ ରେଡ୍

**ଭଞ୍ଜନଗର, ନ୍ୟୁଜ ବ୍ୟୁରୋ**

ବକେୟା ଦରମା କରାଇ ଦେବାକୁ କର୍ମଚାରୀଙ୍କୁ ମାଗୁଥିଲେ ଲାଞ୍ଚ। ୨୫ହଜାର ଟଙ୍କା ନେବାବେଳେ ମାଡ଼ି ବସିଲା ଭିଜିଲାନ୍ସ ଟିମ୍। ଧରାପଡ଼ିଲେ ବେଲଗୁଣ୍ଠା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ। ଏହି ଚଢାଉ ପରେ ତାଙ୍କ ଅଫିସ, ସରକାରୀ ବାସଭବନ ଓ କବିସୂର୍ଯ୍ୟନଗରଠାରେ ଥିବା ଦୁଇଟି ଘରେ ଏକକାଳୀନ ରେଡ୍ କରାଯାଉଛି। ଏହି ଚଢ଼ଉରେ ଜଣେ ଡିଏସ୍‌ପି, ଜଣେ ଇନ୍ସପେକ୍ଟର ଓ ୨ଜଣ ଏଏସଆଇ ସାମିଲ ହୋଇଛନ୍ତି। ସୂଚନା ମୁତାବକ, ବେଲଗୁଣ୍ଠା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ ଏରିୟର ଦରମା କରିବା ପାଇଁ ତାଙ୍କ ତଳ କର୍ମଚାରୀଙ୍କୁ ଲାଞ୍ଚ ମାଗିଥିଲେ। ଯାହାପରେ କର୍ମଚାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। କର୍ମଚାରୀ ସୋରଜ ଜେନାଙ୍କ ଠାରୁ ବାଲିପଦର ଛକଠାରେ ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଚଢଉ କରିଥିଲା। ଚଢଉ କରି ତାଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହି ଚଢଉ ପରେ ତାଙ୍କ ଅଫିସ, ସରକାରୀ ବାସଭବନ ଓ କବିସୂର୍ଯ୍ୟନଗରଠାରେ ଥିବା ଦୁଇଟି ଘରେ ଏକକାଳୀନ ରେଡ୍ କରାଯାଉଛି।

# ଇଭି ସୋରୁମରେ ନୂଆ ଗାଡି ବିସ୍ଫୋରଣ ହୋଇ ଭୟାଭୟ ଅଗ୍ନିକାଣ୍ଡ

**କୋଣାର୍କ, ନ୍ୟୁଜ ବ୍ୟୁରୋ**

କୋଣାର୍କ ମାଧିପୁର ଛକ ନିକଟରେ ଥିବା ଇଭି ସୋରୁମରେ ନୂଆ ଗାଡି ବିସ୍ଫୋରଣ ହୋଇ ଭୟାଭୟ ଅଗ୍ନିକାଣ୍ଡ ଘଟିଥିଲା। ଘଟଣା ସ୍ଥଳରେ ବିଳମ୍ବରେ ଦମକଳ ଗାଡି ପହଞ୍ଚିଥିଲା। ଯାହା ଫଳରେ ୩୦ଟି ବିଦ୍ୟୁତ୍ ଚଳିତ ଗାଡି ଜଳି ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ଯାଇଛି। ଏବଂ ୫୦ ଲକ୍ଷ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇଛି। ସୁଚନା ଅନୁଯାୟୀ କୋଣାର୍କ ନିକଟସ୍ଥ ମାଧିପୁର ଛକରେ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ଥିବା ଶ୍ରୀଜଗନ୍ନାଥ ଇଭି ଏଡିଏମଏସ ବ୍ୟାଟେରୀ ଗାଡି ସୋରୁମରେ ବୁଧବାର ସନ୍ଧ୍ୟାରେ ଏକ ନୂତନ ଗାଡି ହଠାତ୍ ବିସ୍ଫୋରଣ ହୋଇଥିଲା। ଯାହା ଫଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ସୋ ରୁମ୍ ସାରା ବ୍ୟାପି ଜଳିଥିଲା। ସେଠାରେ ଥିବା ମାଲିକ ଓ କର୍ମଚାରୀମାନେ ଚେଷ୍ଟା କରିଥିଲେ ମଧ ନିଆଁକୁ ଆୟତ୍ତ କରିପାରିଲେ ନାହିଁ। ଯାହା ଫଳରେ ଗୋଟେ ପରେ ଗୋଟେ ଗାଡି ଜଳି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା। ଅଗ୍ନିଶମ ବିଭାଗ କୁ ଯୋଗାଯୋଗ କରିଥିଲେ ମଧ ସେମାନେ ବହୁ ବିଳମ୍ବରେ ଆସି ପହଞ୍ଚି ଥିଲେ। ଯାହା ଫଳରେ ପ୍ରାୟ ୫୦ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ଧ୍ୱଂସ ହୋଇଯାଇଛି। ପ୍ରାଣ ବିକଳରେ ମାଲିକ ସହ ଦୁଇଜଣ ମହିଳା କର୍ମଚାରୀଙ୍କ ସହ ଗ୍ରାହକ ମଧ ଦୌଡ଼ି ବାହାରି ଯାଇଥିଲେ। ଏଠାରେ ଯଦିଓ କୌଣସି ବ୍ୟକ୍ତି ଙ୍କର କିଛି କ୍ଷତି ହୋଇନାହିଁ କିନ୍ତୁ ଗାଡି ସୋ ରୁମ୍ ଭିତରେ ଅଗ୍ନି ନିର୍ବାପକ ଯନ୍ତ୍ର ନଥିଲା। ଯାହା ଫଳରେ ସାମାନ୍ୟ ଅଘଟଣ କାରଣରୁ ଭୟଙ୍କର ଅଘଟଣ ଘଟିଲା। କୋଣାର୍କରେ କାହିଁକି ଅନେକ ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନି ନିର୍ବାପକ ଯନ୍ତ୍ର ରହୁନି ଯାହା ଫଳରେ ଏଭଳି ଅଭାବ ନିୟ ଘଟଣା ଘଟୁଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଋଣ ଦେବା ନାଁରେ ସାଢ଼େ ୨୩ଲକ୍ଷ ଟଙ୍କା ଠକେଇ

# ତେଲେଙ୍ଗାନାରୁ ବନ୍ଧାହେଲା ସାଇବର ଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଋଣ ଦେବା ନାଁରେ ସାଢ଼େ ୨୩ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଠକକୁ ତେଲେଙ୍ଗାନାରୁ ଗିରଫ କରିଛି। ସେ ହେଲା ତେଲେଙ୍ଗାନା କରିମନଗର ଅଞ୍ଚଳର କାଥି କାର୍ତ୍ତିକ କୁମାର(୨୪)। ତାଠାରୁ ଏକାଧିକ ବ୍ୟାଙ୍କ ପାସବୁକ୍, ଚେକ୍ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ସୂଚନା ମୁତାବକ, କିଛି ମାସ ତଳେ ସବ୍ୟସାଚୀ ପ୍ରହରାଜ ନାମକ ଜଣେ ବ୍ୟକ୍ତି ଏକ ନର୍ସିଂ ସ୍କୁଲ୍ ଖୋଲିବା ପାଇଁ ଅନ୍‌ଲାଇନ୍‌ରେ ଋଣ ଆବେଦନ ପାଇଁ ଖୋଜାଖୋଜି କରୁଥିଲେ। ଏହି ସମୟରେ ସେ ଫେସ୍‌ବୁକ୍‌ରେ ଫୋରେକ୍ସ ଟ୍ରେଡିଂ ପ୍ଲାଟଫର୍ମ ପକ୍ଷରୁ ଏକ ବିଜ୍ଞାପନ ପାଇଥିଲେ। ଯେଉଁଥିରେ ତାଙ୍କୁ ୨କୋଟି ଟଙ୍କା ଋଣ ଦେବା ପାଇଁ ସଂସ୍ଥା ପକ୍ଷରୁ ଅଫର ମିଳିଥିଲା। ସାଇବର ଠକ ସବ୍ୟସାଚୀଙ୍କୁ ଫସାଇବା ପରେ ଋଣ ଆବେଦନ ପୂର୍ବରୁ ତାଙ୍କୁ ଟ୍ରେଡିଂର ଲୋଭ ଦେଖାଇଥିଲେ। ପୁଞ୍ଜିନିବେଶ କଲେ ମାସକରେ ୪ଗୁଣ ଟଙ୍କା ମିଳିବ ବୋଲି ପ୍ରଲୋଭିତ କରିଥିଲେ। ଏଥିରେ ବିଶ୍ୱାସ କରି ସବ୍ୟସାଚୀ ସାଢ଼େ ୨୩ଲକ୍ଷ ଟଙ୍କା ନିବେଶ କରିଥିଲେ। ଟଙ୍କା ହାତେଇବା ପରେ ଠକ ଆଉ ଧରାଛୁଆଁ ଦେଇନଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସବ୍ୟସାଚୀ ସାଇବର ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଯେଉଁ ଆକାଉଣ୍ଟକୁ ଟଙ୍କା ଯାଇଛି ତାହା ରାପିଡ୍‌ଗ୍ରୋ ମ୍ୟୁଚୁଆଲ୍ ଏଡେଡ୍ କୋଅପରେଟିଭ୍ ଆକାଉଣ୍ଟକୁ ଯାଇଛି। ଯାହାକି ତେଲେଙ୍ଗାନା କରିମନଗର ଆରବିଏଲ୍ ଶାଖା ଅଧୀନରେ ରହିଛି। ଆଉ ଏହି ଆକାଉଣ୍ଟଟି ରାପିଡ୍‌ଗ୍ରୋ ସୋସାଇଟିର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାଓ୍ୱାଲାଙ୍କ ଦ୍ୱାରା ପରିଚାଳିତ ହେଉଛି। ତେଲେଙ୍ଗାନାର କରିମନଗରର ମେର୍ଗୁ ଜେଲେନ୍ଦ୍ର ଓ କାଥି କାର୍ତ୍ତିକ କୁମାରଙ୍କ ଦ୍ୱାରା ମିଳିତ ଭାବ ପରିଚାଳିତ ମେସର୍ସ ବ୍ରିୟୋ ମାର୍ଟ ନାମକ ଅନ୍ୟ ଏକ ସଂସ୍ଥା ସହିତ ଲିଙ୍କ୍ ରହିଛି। ତଥ୍ୟ ହାତେଇବା ପରେ ସ୍ଥାନୀୟ ପୁଲିସ ସହଯୋଗରେ ସାଇବର ଥାନା ପୁଲିସ ଚଢ଼ଉ କରି କାଥି କାର୍ତ୍ତିକକୁ ଗିରଫ କରିଥିଲା। ତାକୁ ଜେରା ବେଳେ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ମିଳିତ ଭାବରେ ଠକେଇ ବ୍ୟବସାୟ ସେଟ୍‌ଅପ୍ ପରିଚାଳନା କରୁଥିଲେ। ନକଲି କମ୍ପାନି ଲୋଗୋ ଓ ୱେବସାଇଟ୍ ତିଆରି କରି ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କା ଚୂନ ଲଗାଉଥିଲେ। ଜେରା ପରେ ତାକୁ ଆଜି କୋର୍ଟଚାଲାଣ କରାଯାଇଛି। ହେଲେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟଜଣେ ସହଯୋଗୀ ଏବେ ବି ଫେରାର ରହିଛି। ତାକୁ ଗିରଫ ପାଇଁ ସାଇବର ଥାନା ପୁଲିସ ଚଢ଼ଉ ଜାରି ରଖିଛି।

# ପୋଲିସ୍‌କୁ ମାଡ ଅଭିଯୋଗ, ୫ ଅଟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ପୋଲିସକୁ ମାଡ଼ ଅଭିଯୋଗ ହୋଇଛି। ତମାଣ୍ଡୋ ଥାନା ଅଂଚଳରେ ଅସଦାଚରଣ ଅଭିଯୋଗ ଖବର ପାଇ ଯାଇଥିବା ବେଳେ ପୋଲିସକୁ ମାଡ଼ ସହ ପିସିଆର ଭଙ୍ଗାରୁଜା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ କେ-୪ରେ ଯୁବତୀଙ୍କୁ ଅସଦାଚରଣ ନେଇ ମଙ୍ଗଳବାର ରାତି ପ୍ରାୟ ୧୦ ଟା ସମୟରେ ଥାନାରେ ଅଭିଯୋଗ ହୋଇଥିଲା। ଖବର ପାଇ ପିସିଆର ପହଂଚିବା ବେଳକୁ ସ୍ଥାନୀୟ ଲୋକେ ଓ ଅଭିଯୋଗକାରୀଙ୍କ ପକ୍ଷରୁ ଉତ୍ୟକ୍ତ ଲୋକେ ପିସିଆର ଭାଙ୍ଗିବାକୁ ଉଦ୍ୟମ କରିବା ସହ ପୋଲିସ ଷ୍ଟାଫଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ। ତୁରନ୍ତ ୩ ଟି ପିସିଆର ଭ୍ୟାନ ସହ ଥାନା ଭ୍ୟାନ ଘଟଣାସ୍ଥଳରେ ପହଂଚିଥିଲା। ଘର ମାଲିକ ଭଡାରେ ଥିବା ଯୁବତୀଙ୍କୁ ଅସଦାଚରଣ ନେଇ ଅଭିଯୋଗ ହୋଇଛି। ସେପଟେ ଘର ମାଲିକଙ୍କ ପରିବାର ଲୋକେ ଓଲଟା ଅଭିଯୋଗ ଆଣିଛନ୍ତି। ଭଡା ଟଙ୍କା ମାଗିବାରୁ ଭଡାଟିଆ ମିଛ ଅଭିଯୋଗ ଆଣିଥିବା ସେମାନେ ପାଲଟା ଅଭିଯୋଗ କରିଛନ୍ତି।

## ଡିଜିଟାଲ ଟିକେଟିଂରେ ଅଗ୍ରଣୀ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ

# କୌଣସି ଧାଡି ନୁହେଁ, କେବଳ ଏକ କ୍ଲିକ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଡିଜିଟାଲ ଟିକେଟିଂରେ ଅପୂର୍ବ ବୃଦ୍ଧି ଦେଖିଛି। ଇ-ଟିକେଟିଂ, ଅଟୋମାଟିକ ଟିକେଟ୍ ଭେଣ୍ଡିଂ ମେସିନ୍ (ଏଟିଭିଏମ) ଓ ମୋବାଇଲ୍ ଆଧାରିତ ୟୁଟିଏସ (ଅଣସଂରକ୍ଷିତ) ଟିକେଟିଂରେ ଯାତ୍ରୀମାନଙ୍କ ଆସ୍ଥା ଓ ସୁବିଧା ଅଭୁତ ଭାବରେ ବଢ଼ିଛି। ଏହା ରେଳମଣ୍ଡଳରେ ଯାତ୍ରୀ ସେବାକୁ ଶୀଘ୍ର, ଧାଡି-ମୁକ୍ତ ଓ ପ୍ରଯୁକ୍ତିମୁଖୀ କରିଛି। ଏହି ସଂଖ୍ୟାଗୁଡ଼ିକ ଯାତ୍ରୀମାନଙ୍କ ମଧ୍ୟରେ ଡିଜିଟାଲ୍ ଗ୍ରହଣରେ ଏକ ଦୃଢ଼ ଏବଂ ସ୍ଥିର ବୃଦ୍ଧିକୁ ପ୍ରତିଫଳିତ କରୁଛି, ଯାହା ବ୍ୟକ୍ତିଗତ ଭାବେ ବୁକିଂ କାଉଣ୍ଟର ଉପରେ ନିର୍ଭରଶୀଳତା ହ୍ରାସ କରୁଛି ଏବଂ ସୁବିଧା ବୃଦ୍ଧି କରୁଛି। ଯାତ୍ରୀ ଟିକେଟ୍ କ୍ରୟ କ୍ଷେତ୍ରରେ ଡିଜିଟାଲ୍ ଟିକେଟିଂ ପ୍ରତି ଯାତ୍ରୀମାନଙ୍କ ଆକର୍ଷଣ ଦିନକୁ ଦିନ ବଢୁଛି। ସମଗ୍ର ୟୁଟିଏସ୍ ଟିକେଟ୍‌ରେ ୭.୮% ବୃଦ୍ଧି ହୋଇଛି, ଯାହା ଡିଜିଟାଲ୍ ପଦ୍ଧତି ମାଧ୍ୟମରେ ଟିକେଟ୍ କ୍ରୟ ପ୍ରତି ଯାତ୍ରୀମାନଙ୍କ ସଚେତନତା ଓ ଆସ୍ଥାର ସ୍ପଷ୍ଟ ପରିଚୟ। ଏହି ବୃଦ୍ଧି ମଧ୍ୟରୁ ଏଟିଭିଏମ୍ ଦ୍ୱାରା ଟିକେଟ୍ ବିକ୍ରୟ ପୂର୍ବବର୍ଷ ତୁଳନାରେ ୩୪.୮% ବଢ଼ିଛି ଏବଂ ମୋବାଇଲ୍ ଟିକେଟିଂ ମାଧ୍ୟମରେ ୮୫% ବୃଦ୍ଧି ହୋଇଛି। ଏହା ଦର୍ଶାଉଛି ଯେ ଯାତ୍ରୀମାନେ ଆସ୍ତେ ଆସ୍ତେ ଡିଜିଟାଲ୍ ମାଧ୍ୟମରେ ଟିକେଟ୍ କ୍ରୟ କରିବାକୁ ଅଧିକ ପସନ୍ଦ କରୁଛନ୍ତି, ଯାହା ରେଳ ଯାତ୍ରାକୁ ଅଧିକ ସହଜ ଓ ସୁବିଧାଜନକ କରୁଛି। ଯେକୌଣସି ସ୍ଥାନରୁ ମୋବାଇଲ ଟିକେଟ୍ ବୁକିଂ କରିବାର ସୁବିଧା, ଡିଜିଟାଲ୍ ପେମେଣ୍ଟ ମୋଡ୍ ଗୁଡିକ (ଯେପରି ୟୁପିଆଇ କାର୍ଡ, ନେଟ୍ ବ୍ୟାଙ୍କିଂ) ସହ ଏକୀକୃତ ପ୍ରଣାଳୀ ଏବଂ ସଠିକ ସମୟ ଟିକେଟ୍ ଉପଲବ୍ଧତା ଏହାର ବ୍ୟବହାରକୁ ଦ୍ରୁତ ଭାବେ ବୃଦ୍ଧି କରିଛି। ଇ-ଟିକେଟିଂ, ଏଟିଭିଏମ୍ ଏବଂ ୟୁଟିଏସ୍ ମୋବାଇଲ୍ ଟିକେଟିଂ ପ୍ରଣାଳୀ ଯୋଗୁଁ ବୁକିଂ କାଉଣ୍ଟରଗୁଡିକରେ ଲମ୍ବା ଧାଡିକୁ ଦୂର କରିବାରେ ସଫଳତା ମିଳିଛି, ବିଶେଷକରି ଯାତ୍ରା ଭିଡ଼ ସମୟରେ। ସୁବିଧା ଓ ପହଞ୍ଚ: ଯାତ୍ରୀମାନେ ବିଭିନ୍ନ ଡିଜିଟାଲ୍ ପେମେଣ୍ଟ ବିକଳ୍ପ ବ୍ୟବହାର କରି ଯେକୌଣସି ସମୟରେ ଏବଂ ଯେକେଉଁସି ସ୍ଥାନରୁ ଟିକେଟ୍ ବୁକିଂ କରିପାରୁଛନ୍ତି। ଡିଜିଟାଲ୍ ପ୍ଲାଟଫର୍ମଗୁଡିକ ମାଧ୍ୟମରେ କେବଳ କିଛି ମିନିଟ୍‌ରେ ଟିକେଟିଂ ସମ୍ପନ୍ନ ହୋଇଯାଏ, ଯାହା ଯାତ୍ରୀମାନଙ୍କ ମୂଲ୍ୟବାନ ସମୟ ସଞ୍ଚୟ କରୁଛି। ଏହି ଅର୍ଦ୍ଧବାର୍ଷିକ ଆକାଂକ୍ଷାଜନକ ତଥ୍ୟ ଯାତ୍ରୀମାନଙ୍କ ଡିଜିଟାଲ ଟିକେଟିଂ ପ୍ରତି ବିଶ୍ୱାସ ଓ ଆସ୍ଥାକୁ ପ୍ରକାଶ କରୁଛି। ରେଳମଣ୍ଡଳର ପ୍ରାଥମିକତା ହେଉଛି ସୁନିଶ୍ଚିତ ସେବା ଉପଲବ୍ଧତା ଦେବା, ଅଫଲାଇନ୍ ଲାଇନ୍ ଗୁଡିକୁ ସର୍ବାଧିକ କମେଇବା ଏବଂ ଯାତ୍ରୀ ସୁବିଧା ପାଇଁ ଟିକେଟିଂ ପ୍ରଣାଳୀରେ ନବୀନତାକୁ ଉତ୍ସାହିତ କରିବା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶୃଙ୍ଖଳାକାରୀଙ୍କ...

ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ହତ୍ୟାକାରୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେବା ସହିତ ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଓଡ଼ିଆ ଅସ୍ମିତା...

ଆର୍ଥିକ ସହାୟତା ରାଶି ଯୋଗାଇଦିଆଯିବ। ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୂତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ। କେନ୍ଦ୍ରାପଡ଼ା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିବ। ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି।

### ଆଇନଜୀବୀ ପୀତବାସ...

କହିଛି ଯେ, ସାରା ରାଜ୍ୟର ସମସ୍ତ ଆଇନଜୀବୀ କାର୍ଯ୍ୟ ବନ୍ଦ କରିବେ ଓ ସରକାର ପାଖରୁ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ହତ୍ୟାକାଣ୍ଡରେ ଜଡିତ ଅଭିଯୁକ୍ତମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରିବା ପାଇଁ ଦାବି କରାଯାଇଛି।

### ଘଣ୍ଟାଏ ବର୍ଷାରେ...

ସେପଟେ କିଛି ସ୍ଥାନରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ବୁଡିବା ସହ ଗାଡି ମଟର ଭାସିବା ଦେଖିବାକୁ ମିଳିଥିଲା। ରାସ୍ତାରେ ଗାଡି ଭିଡ଼ରେ ଫସି ରହିଥିଲା। ଘଣ୍ଟାଏ ବର୍ଷାରେ ଭୁବନେଶ୍ୱର ପାଣି ହେବା ପରେ ରାଜଧାନୀର ମୁଖ୍ୟ ମୁଖ୍ୟ ସ୍ଥାନ ଜଳବନ୍ଦୀ ପାଲଟିଗଲା। ରାସ୍ତାରୁ ଇଞ୍ଚେ ଆଗକୁ ବଢ଼ିପାରିଲାନି ଗାଡ଼ି। ଘଣ୍ଟାଏ ଧରି ଘଡ଼ଘଡ଼ି ବର୍ଷାରେ ଲୋକେ ହନ୍ତସନ୍ତ ହେଲେ। ସବୁ ତଳିଆ ଅଞ୍ଚଳରେ ବର୍ଷା ପରେ ଜଳ ତାଣ୍ଡବ ଦେଖିବାକୁ ମିଳିଥିବା ବେଳେ ଘରେ ବି ପାଣି ପଶିଯାଇଥିଲା।

# ବିଏମ୍‌ସିର କୁକୁର ଗଣତି: ସାଢ଼େ ୪ ଲକ୍ଷ ଖର୍ଚ୍ଚ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱରରେ କୁକୁର ଗଣତି କରୁଛୁ ବୋଲି ଡିଣ୍ଡିମ ପିଟିଲେ। ଏ ବାବଦରେ ପ୍ରାୟ ସାଢ଼େ ୪ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। କିନ୍ତୁ ଫଳ ଶୂନ। ସ୍ଥିତି ଏପରି ଯେ ତଥ୍ୟ ଦେବାକୁ ବି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ଲାଜ ମାଡୁଛି। କାରଣ ଯେଉଁମାନେ ଗଣତିରେ ନିୟୋଜିତ ଥିଲେ, ସେମାନେ କୁକୁର ଗଣତି ଠିକ୍‌ରେ କରି ପାରିଲେନି। କହୁଥିଲେ, ପ୍ରାୟ ୭୦ହଜାର ବୁଲା କୁକୁର ରାଜଧାନୀରେ ଅଛନ୍ତି। କିନ୍ତୁ ଗଣିଲା ବେଳକୁ କୁକୁର ସଂଖ୍ୟା ଏହାର ଅଧାକୁ ଖସି ଆସିଲା। ଏଣୁ ଗଣତି ଠିକ୍‌ରେ ହୋଇ ନଥିବା ଜାଣିବା ପରେ ଭୁବନେଶ୍ୱର ମହାନଗର ନିଗମ ତଥ୍ୟ ଲୁଚାଇବା ଆରମ୍ଭ କରିଛି। ଅଧିକାରୀଙ୍କୁ ପଚାରିଲେ, ଗଣନା ଶେଷ ପରେ ସଂଖ୍ୟାର ମେଳକ ଚାଲିଛି, ସରିଲେ ତଥ୍ୟ ଦେବୁ କହୁଛନ୍ତି। ଏଭଳି ସ୍ଥିତିରେ କୁକୁର ଗଣତି ନେଇ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ କ'ଣ ଫାଙ୍କିବାକୁ ଚେଷ୍ଟା କରୁଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ସେପ୍ଟେମ୍ବରରେ ୬୭ଟି ୱାର୍ଡରେ ଦୁଇଟି ପର୍ଯ୍ୟାୟରେ କୁକୁର ଗଣତି କରିଥିଲା ବିଏମ୍‌ସି। ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୧୮ରୁ ୨୧ ତାରିଖ ଓ ଦ୍ୱିତୀୟ ପର୍ଯ୍ୟାୟରେ ସେପ୍ଟେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ବୁଲାକୁକୁର ଗଣତି କରାଯାଇଥିଲା। ଏଥିପାଇଁ ଜୋନ୍, ୱାର୍ଡ ଓ ୱାର୍ଡରେ ଥିବା ପ୍ରତ୍ୟେକ ଗଳି ପାଇଁ ୪୧୦ଜଣିଆ ଟିମ୍‌ଗଠନ କରାଯାଇଥିଲା। ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରି ଇନ୍ସପେକ୍ଟର, ଏସ୍‌ଏମ୍‌ଟିଏ, ଡିଇଓ, ସିଓ, ୱାର୍ଡ ଅଫିସରମାନେ ବୁଲାକୁକୁର ଗଣତିରେ ନିୟୋଜିତ ହୋଇଥିଲେ। ଏହା ପୂର୍ବରୁ ତିନିଦିନ ଧରି ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଯେହେତୁ ସକାଳେ କୁକୁର ନିଜ ନିଜ ଜାଗାରେ ଶୋଇଥାନ୍ତି, ଏଣୁ ଭୋର ୫ଟାରୁ ୭ଟା ପର୍ଯ୍ୟନ୍ତ କୁକୁର ଗଣନା ହୋଇଥିଲା। କୁକୁର କାମୁଡ଼ା କମାଇବା ସହ ରାବିସ୍, ଲେପଟ୍ରୋସ୍ପାଇରୋସିସ୍ ଆଦି ସଂକ୍ରମିତ ରୋଗ, ସଡ଼କ ଦୁର୍ଘଟଣା ଓ ପରିବେଶ ପ୍ରଦୂଷଣ ରୋକିବା ଉଦ୍ଦେଶ୍ୟରେ କୁକୁର ଗଣନା କରାଯାଇଥିଲା। ଗଣତି ଦ୍ୱାରା ବିଏମ୍‌ସି ଅଞ୍ଚଳରେ କେତେ ବୁଲା କୁକୁର ଅଛନ୍ତି, ତାର ଏକ ଡାଟାବେସ୍ ତିଆରି ହୋଇପାରିଥାନ୍ତା। ଯଦ୍ୱାରା ଏକ ସ୍ଥାୟୀ କୁକୁର ସଂଖ୍ୟା ପରିଚାଳନା କାର୍ଯ୍ୟକ୍ରମ ବିକଶିତ କରି ହେବ ଓ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ କରିହେବ ବୋଲି ମେୟର ଓ କମିସନର୍ କହିଥିଲେ। ଏଥିରୁ କେଉଁମାନେ ଆଣ୍ଟିରାବିସ୍ ଟିକା ନେଇଛନ୍ତି ଓ କେଉଁମାନେ ନେଇନାହାନ୍ତି, ଜାଣିହେବ ବୋଲି କହିଥିଲେ। ଇତିମଧ୍ୟରେ ବୁଲାକୁକୁର ଗଣତି ସରିବାର ୧୫ ଦିନ ବିତିଗଲାଣି, କିନ୍ତୁ ତଥ୍ୟ ଦେବାକୁ ଅଧିକାରୀ ପଛଘୁଞ୍ଚା ଦେଉଛନ୍ତି। ପଚାରିଲେ, ଭିନ୍ନ ଭିନ୍ନ ଅଧିକାରୀଙ୍କ କଥା କହି ଭୁଲାଉଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ପ୍ରଥମ ପର୍ଯ୍ୟାୟରେ ଯେବେ ଭୁବନେଶ୍ୱର ମହାନଗର ନିଗମ ବୁଲାକୁକୁର ଗଣତି କଲା, ସେତେବେଳେ ବୁଲାକୁକୁର ସଂଖ୍ୟା ପ୍ରାୟ ୩୯ ହଜାର ଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ଗଣତିରେ ଏହି ସଂଖ୍ୟା ବହୁ ତଳକୁ ଖସି ଆସିଥିଲା। ଠିକ୍ ତଥ୍ୟ ମିଳି ନଥିଲେ ବି କୁହାଯାଉଛି, ପ୍ରାୟ ୨୫ହଜାରକୁ ସଂଖ୍ୟା ଖସି ଆସିଥିଲା। ଏଣୁ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଜାଣିଶୁଣି ଏହି ତଥ୍ୟ ଦେବାକୁ ମନ ବଳାଉନାହାନ୍ତି। ସେପଟେ ଏହି ତଥ୍ୟ ଗଣମାଧ୍ୟମକୁ ନ ଦେବାକୁ ଏକ ଅଲିଖିତ ନିର୍ଦ୍ଦେଶନାମା କୁଆଡ଼େ ବଡ଼ବାବୁଙ୍କ ତରଫରୁ ରହିଛି।

ଭୁବନେଶ୍ୱର
୯ ଅକ୍ଟୋବର,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ହବିଷ୍ୟାଳି କେନ୍ଦ୍ର ପରିଦର୍ଶନ କରି ମା' ମାନଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ

ପୁରୀ ୮/୧୦ ନ୍ୟୁଜ ବ୍ୟୁରୋ

ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି ଚଳିତ ବର୍ଷର ହବିଷ୍ୟାଳି ବ୍ରତ। ଏକ ମାସ ଧରି ଚାଲିବାକୁ ଥିବା ଏହି ବ୍ରତକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପ୍ରଶାସନ ନିଷ୍ଠାପର ଭାବେ କାର୍ଯ୍ୟ କରୁଛି। ପୂର୍ବରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତ ହବିଷ୍ୟାଳୀ କେନ୍ଦ୍ରଗୁଡିକ ବୁଲି ସ୍ଥିତି ଅନୁଧ୍ୟାନ ସହ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଜିଲ୍ଲାପାଳ ଶ୍ରୀ ପରିଡା ପ୍ରତ୍ୟେକ ହବିଷ୍ୟାଳୀ କେନ୍ଦ୍ର ପରିଦର୍ଶନ କରିବା ସହ ସୁବିଧା ଅସୁବିଧା ସମ୍ପର୍କରେ



ଅନୁଧ୍ୟାନ କରିଥିଲେ। ବିଶେଷ କରି ପାନୀୟ ଜଳ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ ପାଇଁ ଗାଡି ବ୍ୟବସ୍ଥା, ଶୃଙ୍ଖଳିତ ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ। ପରେ ହବିଷ୍ୟାଳୀ ମା' ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ମା' ମାନଙ୍କ ସଂପୃକ୍ତ କେନ୍ଦ୍ରମାନଙ୍କରେ ରହଣୀରେ ସୁବିଧା ଅସୁବିଧା, ମନ୍ଦିର ଦର୍ଶନ,ମହାପ୍ରସାଦ ସେବନ ସମ୍ପର୍କରେ ପଚାରି ବୁଝିଥିଲେ।ହବିଷ୍ୟାଳୀ କେନ୍ଦ୍ରରେ ରହିବା, ବୃନ୍ଦାବତୀ ପୂଜା କରିବା,ମନ୍ଦିର ଦର୍ଶନ କରିବା, ମହାପ୍ରସାଦ ସେବନ କରିବା,ଭଜନ, କୀର୍ତ୍ତନ, ପ୍ରବଚନ ଶୁଣିବା ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ହୋଇଛି ବୋଲି ମା' ମାନେ ଜିଲ୍ଲାପାଳଙ୍କୁ କହିଥିଲେ। ମା' ମାନେ ହୁଳହୁଳି ପକାଇ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହାକୁ ଯେପରି ଆହୁରି ଅଧିକ ଶୃଙ୍ଖଳିତ କରାଯାଇ ପାରିବ ସେଥି ପ୍ରତି ଯତ୍ନ ବାନ ହେବାକୁ ସମସ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ଦ୍ଦେଶ ଦେଇଥିଲେ।

# ନୂଆପଡା ଉପନିର୍ବାଚନ : ବିଜେଡିର କମିଟି ଗଠନ

ଭୁବନେଶ୍ୱର,୮।୧୦
ନ୍ୟୁଜ ବ୍ୟୁରୋ

ନୂଆପଡା ଉପନିର୍ବାଚନ ପାଇଁ ବିଜେଡି ୩ଟି କମିଟି ଗଠନ କରିଛି। ଷ୍ଟିୟରିଂ, ଜୋନାଲ, ଲୋକାଲ ଆଡ୍ଭନ କମିଟି ଗଠନ କରିଛି। ଦଳର ସଭାପତି ନବୀନ ପଟ୍ଟନାୟକ ଏହି କମିଟି ଗଠନ କରିଛନ୍ତି।

ଷ୍ଟିୟରିଂ କମିଟିରେ ୬ ଜଣ ବରିଷ୍ଠ ସଦସ୍ୟ ରହିଛନ୍ତି। ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୁଜାରୀ, ସ୍ନେହାଙ୍ଗୀନୀ ଛୁରିଆ, ଟୁକୁନି ସାହୁ, ନିରଞ୍ଜନ ବିଶି, ଏମ.ଡି ଆୟୁବ ଖାଁ ସଦସ୍ୟ ରହିଛନ୍ତି।

ସେହିପରି ଜୋନାଲ କମିଟି ଗଠନ କରାଯାଇଛି। ଏହି କମିଟିରେ ୧୦ ଜଣ ସଦସ୍ୟ ରହିଛନ୍ତି। ୬ ଜଣ ଜିଲ୍ଲା ପରିଷଦ ପାଇ ଏବଂ ୪ ଜଣ ଏନଏସି




ପାଇଁ ସଦସ୍ୟ ରହିଛନ୍ତି। ନୂଆପଡା ଏନଏସି ପାଇଁ କଳିକେଶ ନାରାୟଣ ସିଂଦେଓ, ସାରଦା ନାୟକ ଏବଂ ଖଡିଆର ଏନଏସି ପାଇଁ ରୋହିତ ପୁଜାରି, ବିକ୍ରମ ପଣ୍ଡା ସଦସ୍ୟ ରହିଛନ୍ତି। ସେହିପରି ଜିଲ୍ଲା ପରିଷଦ ପାଇଁ ସୁଦାମ ମାରାଣ୍ଡି, ଦେବାଶିଷ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଜୋଗେଶ ସିଂହ ରହିଛନ୍ତି। ଲୋକାଲ ଆଡ୍ଭନ କମିଟିରେ ୩ ଜଣ ସଦସ୍ୟ ରହିଛନ୍ତି। ଅଧିରାଜ ପାଣିଗ୍ରାହୀ, ଅବନୀ ଜୋଷୀ, ମନୋଜ ମିଶ୍ର ସଦସ୍ୟ ରହିଛନ୍ତି।

## ଶିଳ୍ପ-ଉପଯୋଗୀ ଦକ୍ଷତା ତାଲିମ ଦ୍ୱାରା ଯୁବପିଢ଼ିଙ୍କୁ ସଶକ୍ତ କରିବା ନିମନ୍ତେ

# ନାଲ୍କୋ ଏବଂ ସିଟିଟିସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୮/୧୦ ନ୍ୟୁଜ ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି କ୍ରମରେ ଦାମନଯୋଡ଼ି ତଥା ଅନୁଗୋଳ ସ୍ଥିତ କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକମାନଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନାଲକୋ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ଏମଏସଏମଇ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ, ନାଲକୋର ମାଇନ୍ସ ଓ ରିଫାଇନାରୀ କମ୍ପ୍ଲେକ୍ସ, ଦାମନଜୋଡ଼ି ଏବଂ ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୋଳର ପାର୍ଶ୍ୱବର୍ତ୍ତୀ




ଗ୍ରାମରୁ ୨୦ ଜଣ ଲେଖାଏ ମୋଟ ୪୦ ଜଣ ଯୁବକ/ଯୁବତୀଙ୍କୁ ଭୁବନେଶ୍ୱର ସ୍ଥିତ ସିଟିଟିସି ଠାରେ ଏକ ପାଞ୍ଚ ମାସିଆ ଆବାସିକ ତାଲିମ ପ୍ରଦାନ କରାଯିବ। ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ,ସିଏମଡି, ନାଲକୋ, ଶ୍ରୀ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବସମ୍ବଳ), ଶ୍ରୀ ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ତଥା ନାଲକୋ ଏବଂ ନାଲକୋ ଫାଉଣ୍ଡେସନ ଓ ସିଟିଟିସି ଭୁବନେଶ୍ୱରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ଗତ ଅକ୍ଟୋବର ୭ ରେ ସ୍ୱାକ୍ଷରିତ ହୋଇଯାଇଛି । ଏହି ପଦକ୍ଷେପ ଉପରେ ନିଜ ବକ୍ତବ୍ୟ ରଖି ସିଏମଡ଼ି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ହାସଲ କରିବା ନିମନ୍ତେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ପାଇଁ ବାଟ ଫିଟାଇବ । ସେ ଆହୁରି ମଧ୍ୟ କହିଥିଲେ ଯେ, ଏହିଭଳି ସିଏସଆର ପଦକ୍ଷେପ ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ । ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ଦକ୍ଷତା ବିକାଶ ପରିଷଦର ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱାର୍କ ସହିତ ସମନ୍ୱୟ ରଖି ଏହି ତାଲିମ ପ୍ରଦାନ କରାଯିବ। ଏହି ପଦକ୍ଷେପ ନାଲକୋର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପ୍ରୟାସ ଅଧୀନରେ ସମ୍ପ୍ରଦାୟ ବିକାଶ ଏବଂ ସ୍ଥାୟୀ ଜୀବିକା ନିର୍ବାହ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଏକ ଅଂଶବିଶେଷ।

## ଉନ୍ନତ ଛାତ୍ର ସହାୟତା ସେବା ନିମନ୍ତେ

# କିଟ୍‌କୁ ସମ୍ମାନଜନକ ଫିକି ଉଚ୍ଚଶିକ୍ଷା ଉତ୍କର୍ଷ ପୁରସ୍କାର ୨୦୨୫



ଭୁବନେଶ୍ୱର, ୮।୧୦
ନ୍ୟୁଜ ବ୍ୟୁରୋ

ଉତ୍ତମ ଷ୍ଟୁଡେଣ୍ଟ ସପୋର୍ଟ ସର୍ଭିସ ତଥା ଆର୍ଥିକ ସ୍ଥିରତା ଏବଂ ଛାତ୍ର ପ୍ରବେଶାଧିକାର ଉତ୍କର୍ଷତା' ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟକୁ ପ୍ରତିଷ୍ଠିତ ଏଫ୍ଆଇସିସିଆଇ (ଫିକି) ଉଚ୍ଚ ଶିକ୍ଷା ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଫିକି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କିଟ୍ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଏହି ପୁରସ୍କାର କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମର୍ଥନ, ଆତ୍ମନିର୍ଭରଶୀଳ ଆର୍ଥିକ ମଡେଲ ପ୍ରତି ସେବା, ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତି ଏବଂ ସୁଗମତା ପ୍ରତି ଏହାର ଗଭୀର ପ୍ରତିବଦ୍ଧତାକୁ ସ୍ୱୀକୃତି ଦିଏ। ସମସ୍ତ ସାମାଜିକ-ଆର୍ଥିକ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ବ୍ୟାପକ ଛାତ୍ରବୃତ୍ତି ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାରେ କିଟ୍ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ପ୍ରୟାସ ରହିଆସିଛି। ଫଳରେ କିଟ୍‌ରେ ଗୁଣାତ୍ମକ ଶିକ୍ଷା ଦିଆଯାଉଥିବା ଜୁରି ଦ୍ୱାରା ପ୍ରଶଂସା କରାଯାଇଥିଲା। ଏହି ଅବସରରେ ପ୍ରଫେସର ସିଂହ କହିଲେ, କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା କିଟ୍ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଏହା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଭିତ୍ତିଭୂମି ଏବଂ କିଟ୍‌ର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସାମୂହିକ ଓ ଉତ୍ସର୍ଗୀକୃତ ପ୍ରୟାସର ସ୍ୱୀକୃତି ବୋଲି ସେ କହିଥିଲେ।

## ପୂର୍ବତଟ ରେଳ ପଥ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ

# ମାଲ ପରିବହନରେ ୧୧.୩୩% ଅଭିବୃଦ୍ଧି ହାସଲ

ନୂଆଦିଲ୍ଲୀ, ୮/୧୦

ପୂର୍ବତଟ ରେଳ ପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର)ରେ ମାଲ ପରିବହନ ଏବଂ ଯାତ୍ରୀ ପରିବହନରେ ଏକ ପ୍ରଭାବଶାଳୀ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି।

ଏପ୍ରିଲ-ସେପ୍ଟେମ୍ବର ୨୦୨୫ ମଧ୍ୟରେ, ପୂର୍ବତଟ ରେଳ ପଥ ଗତ ବର୍ଷ ସମାନ ଅବଧିରେ ୧୨୩.୬ ନିୟୁତ ଟନ ତୁଳନାରେ ୧୩୭.୬ ନିୟୁତ ଟନ ମାଲ ପରିବହନ କରିଛି, ଯାହାକି ୧୧.୩୩% ର ଅଭିବୃଦ୍ଧିକୁ ଦର୍ଶାଉଛି। ମାଲ ପରିବହନ ମଧ୍ୟ ରାଜସ୍ୱ ବୃଦ୍ଧିରେ ଯଥେଷ୍ଟ ଅବଦାନ ରଖିଛି। ପୂର୍ବତଟ ରେଳ ପଥ ସାମଗ୍ରୀ ପରିବହନରୁ ୧୪,୧୬୨.୫୮ କୋଟି ଆୟ କରିଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୨,୮୦୮.୩୦ କୋଟି ଥିଲା - ଯାହା ୧୦.୫୭% ବୃଦ୍ଧି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଜୋନର ମୋଟ ରାଜସ୍ୱ ଆୟ ୧୫,୫୭୧.୦୮ କୋଟି ରେ ପହଂଚିଛି, ଯାହା ଗତ ବର୍ଷ ସମାନ ଅବଧିରେ




୧୪,୨୨୭.୧୮ କୋଟି ଥିଲା, ଯାହା ୯.୪୫% ବୃଦ୍ଧିକୁ ପ୍ରତିଫଳିତ କରେ। ଯାତ୍ରୀ ପରିବହନ କ୍ଷେତ୍ରରେ , ପୂର୍ବତଟ ରେଳ ପଥ ଏପ୍ରିଲ-ସେପ୍ଟେମ୍ବର ୨୦୨୫ ମଧ୍ୟରେ ୪୮.୨୧ ନିୟୁତ ଯାତ୍ରୀ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୪୫.୫୬ ନିୟୁତ ଯାତ୍ରୀ ପରିବହନ କରିଥିଲା - ଯାହା ୫.୮୧% ବୃଦ୍ଧିକୁ ସୂଚିତ କରୁଛି।

ମାଲ ପରିବହନ ଏବଂ ଯାତ୍ରୀ କ୍ଷେତ୍ରରେ ଏହି ନିରନ୍ତର ଅଭିବୃଦ୍ଧି ଦକ୍ଷ ଯୋଜନା, ବର୍ଦ୍ଧିତ ପରିଚାଳନା ସହିତ କୋଇଲା, ଲୁହାପଥର, ସିମେଣ୍ଟ ଏବଂ ସାର ଭଳି ପ୍ରମୁଖ ଶିଳ୍ପରେ ମାଲ ପରିବହନ ଗ୍ରାହକଙ୍କ ସହ ସକ୍ରିୟ ସମନ୍ୱୟର ପରିଣାମ। ପୂର୍ବତଟ ରେଳ ପଥ ଭାରତର ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ନେଟୱାର୍କକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି, ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଗତିଶୀଳତାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି ।

# ପୋଶ ଆଇନ ସମ୍ପର୍କରେ ବିଭାଗୀୟ ଅଧିକାରୀବୃନ୍ଦଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮/୧୦
ନ୍ୟୁଜ ବ୍ୟୁରୋ

ଆଜି ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଲୋକସେବା ଭବନ ସମ୍ମେଳନ କକ୍ଷ ଠାରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡନ(ସୁରକ୍ଷା, ନିଷେଧ ଓ ନିରାକାରଣ) ଆଇନ (ପୋଶ୍)୨୦୧୩ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମକ୍ଷେତ୍ରରେ ପୋଶ୍ ଆଇନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଲୋକସେବା ଭବନର ଉପବିଭାଗ ଅଧିକାରୀ ଓ ସହକାରୀ ଉପବିଭାଗ ଅଧିକାରୀବୃନ୍ଦଙ୍କୁ ପୋଶ୍ ଆଇନର ଆଇନଗତ ବ୍ୟବସ୍ଥା ବିଷୟରେ ଜଣେଇବା ଓ ସଚେତନ କରିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ପରାମର୍ଶକ୍ରମେ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ଅଧିବେଶନରେ ୧୧୦୦ ଲୋକସେବା ଭବନ ଅଧିକାରୀମାନଙ୍କୁ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ ୨୦୧୩ ସମ୍ପର୍କରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବିଶିଷ୍ଟ ଆଇନଜୀବି ମାନସୀ ପାଢୀ ଏହି ଆଇନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସୁସ୍ମିତା ଦାସ ଅଧିକାରୀମାନଙ୍କୁ ଉକ୍ତ ଆଇନ ବିଷୟରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ, ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ମାସରେ ୬୦୦ରୁ ଅଧିକ ଲୋକସେବା ଭବନ ଅଧିକାରୀମାନଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ପୋଶ ଆଇନ ସମ୍ପର୍କରେ ଏକ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



# ୧ କ୍ୱିଣ୍ଟାଲ ୬୭ କେଜି ଗଞ୍ଜେଇ ସହ ୨ ଗିରଫ

ସୁବର୍ଣ୍ଣପୁର, ୮/୧୦ ନ୍ୟୁଜ ବ୍ୟୁରୋ

ପୋଲିସ ଜାଲରେ ଫସିଲା ଗଞ୍ଜେଇ ମାଫିଆ । ସୋନପୁର ବ୍ଲକ ବୁରୋମୁଣ୍ଡା ଠାରେ କରିଥିବା ଗଞ୍ଜେଇ ଗୋଦାମରେ ଚଢ଼ଉ କଲା ସୋନପୁର ପୋଲିସ। ଜିଲ୍ଲା ଆରକ୍ଷୀ ଅଧିକାରୀ ନାରାୟଣ ନାୟକଙ୍କ ସୂତ୍ରରୁ ପ୍ରକାଶ ଯେ ଗତ ମଙ୍ଗଳବାରରେ ସୋନପୁର ଥାନାର ଏକ ଟିମ୍ ଏସଆଇ ଦୀପ୍ତି ରଞ୍ଜନ ଦିଗାଲଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଏକ ଧଳା ରଙ୍ଗର ଇଣ୍ଡିଗୋ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବାର ସୂଚନା ପାଇ ଉକ୍ତ ଗାଡିର ପିଛା କରିଥିଲେ। ଉକ୍ତ ଗାଡି ସୋନପୁର-ବଲାଙ୍ଗିର ରାସ୍ତାର ହରାଡଖୋଲ ଗ୍ରାମ ଦେଇ ବୁରୋମୁଣ୍ଡା ଗ୍ରାମକୁ ଦ୍ରୁତ ଗତିରେ ପଳେଇ ଥିବା ବେଳେ କୌଶଳ କ୍ରମେ ପୁଲିସ ଟିମ୍ ତାହାର ପିଛା କରିଥିଲେ । ସେହି ଗାଡିଟି ବୁରୋମୁଣ୍ଡା ଗୁଲୁ ସାହୁଙ୍କ ଗୋଦାମ ଘରକୁ ଯାଇ ସେଠାରେ ଗାଡିରୁ ଗଞ୍ଜେଇ ବସ୍ତା ଓଲ୍ଲାଇ ଗୋଦାମ ଭିତରେ ଦୁଇ ଜଣ ଲୋକ ରଖୁଥିବା ବେଳେ ସେମାନଙ୍କ ଠାରୁ ୨ଟି ବସ୍ତାରେ ଥିବା ୫୧ କେଜି ୨୦୦ ଗ୍ରାମ ଗଞ୍ଜେଇ ସହ ଇଣ୍ଡିଗୋ ଇସିଏସ କାର୍‌କୁ ଜବତ କରାଯିବା ସହ ଡ୍ରାଇଭର ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ମାର୍ଡୋଲ ଗ୍ରାମର ବିଶିକେଶନ୍ ଭୋଇ (୪୫) ଓ ବୁରୋମୁଣ୍ଡା ଗ୍ରାମର ଗୌରୀଶଙ୍କର ମଲ୍ଲିକ (୪୦) ଙ୍କୁ ସୋନପୁର ପିଏସ କେସ ନଂ ଏନଡ଼ିପିଏସ ଆକ୍ଟ ଅନୁସାରେ ଗିରଫ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରଥମ କେସର ତଦନ୍ତ ସାରି ପୁଲିସ ଟିମ ଅଭିଯୁକ୍ତମାନଙ୍କୁ ଧରି ବୁରୋମୁଣ୍ଡା ଗ୍ରାମରୁ ବାହାରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ ଉକ୍ତ ଅଭିଯୁକ୍ତ ଗୌରିଶଙ୍କର ମଲ୍ଲିକ ଯାହାର ଘର ଉକ୍ତ ଗୁଲୁ ସାହୁ (ଦେବେନ୍ଦ୍ର)ର ଗୋଦାମ ଘର ସାମନାରେ ଅବସ୍ଥିତ ଏହି ଘରେ ଗୌରିଶଙ୍କର ଓ ଗୁଲୁ ସାହୁ ମିଶି ଆହୁରି ଗଞ୍ଜେଇ ବେଆଇନ ଭାବେ ରଖିଛନ୍ତି । ଏହି ଖବର ପାଇ ପୁଲିସ ଟିମ୍ ସାକ୍ଷୀ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଘରର ଏକ କୋଠରୀରୁ ୧ କ୍ୱିଣ୍ଟାଲ ୧୬ କେଜି ଗଞ୍ଜେଇ ଜବତ କରିଥିଲେ । ଏ ନେଇ ଅଧିକ ତଦନ୍ତ ଚାଲିଥିଲା ବେଳେ ପୋଲିସ୍ ସ୍କାନରରେ ବର୍ତ୍ତମାନ ଫେରାର ଥିବା ମାଫିଆ ବୁରୋମୁଣ୍ଡାର ଗୁଲୁ ସାହୁ । ଏ ନେଇ ଏକ ମାମଲା ସୋନପୁର ପିଏସ କେସ ନଂ କରି ଏନଡ଼ିପିଏସ ଆକ୍ଟ ଅନୁସାରେ ଅନ୍ୟ ଏକ କେସ ରୁଜୁ କରାଯାଇ ମାମଲା ତଦନ୍ତ ଧୀନ ଥିବା ସୂଚନା ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ।

# ମାତ୍ରାଧିକ ସାର ଓ କୀଟନାଶକ ପ୍ରୟୋଗରେ ବଢୁଛି ମାଟିର ଅମ୍ଳତା

ବିଶ୍ରା, ୮/୧୦ ନ୍ୟୁଜ ବ୍ୟୁରୋ

ବଦଳୁଛି ପାଣିପାଗ । ବିଗୁଡୁଛି ପରିବେଶ ସନ୍ତୁଳନ । ବଢୁଥିବା ଜନସଂଖ୍ୟା ଅନୁପାତରେ ଫସଲ ଉତ୍ପାଦନ କରିବାକୁ ଜମିରେ ମାତ୍ରାଧିକ ରାସାୟନିକ ସାର ବ୍ୟବହାର କରାଯାଉଛି । ଏହାର ପରିଣାମ ଭୟାବହ ହେଲାଣି । ମୃତ୍ତିକାରେ ଅମ୍ଳତା ବଢିବା ସାଙ୍ଗକୁ ଚାଷ ଜମି ଉର୍ବରତା ହରାଉଛି । କେବଳ ଏତିକି ନୁହେଁ ଜମିର ଜୈବ ବିବିଧତା, ପରିସଂସ୍ଥା ମଧ୍ୟ ପ୍ରଭାବିତ ହେଉଛି । ବର୍ଷାଦିନେ ପ୍ରଚୁର ମାତ୍ରାରେ ମିଳୁଥିବା ବିଲ କଙ୍କଡ଼ା ଏବଂ ଦେଶୀ ଚୁନା ମାଛ ବିଲୁପ୍ତ ଅବସ୍ଥାକୁ ଆସିଗଲେଣି । ଗତ ଦୁଇଦଶନ୍ଧି ମଧ୍ୟରେ କଙ୍କଡ଼ା ଓ ମାଛ ପ୍ରାୟ ୯୦ ପ୍ରତିଶତ ହ୍ରାସ ପାଇଥିବା କହିଛନ୍ତି ସୁନ୍ଦରଗଡ଼ ଜିଲ୍ଲାର ଚାଷୀ। ବିଶ୍ରା ବ୍ଲକର ଅଧିକାଂଶ ଜମିରେ ଅମ୍ଳତା ପରିମାଣ ୭୦ ପ୍ରତିଶତ ଟପିଛି । ଏହାର ପ୍ରମୁଖ କାରଣ



ଜୈବିକ ସାର ପରିବର୍ତ୍ତେ ମାତ୍ରାଧିକ ରାସାୟନିକ ସାର ଏବଂ କୀଟନାଶକର ବ୍ୟବହାର ବୋଲି କୁହାଯାଉଛି । ଚାଷରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ମଧ୍ୟ ଏହାର ଆଉ ଏକ କାରଣ ବୋଲି କୁହାଯାଉଛି। ଚାଷୀଙ୍କ କହିବା କଥା, ଜମିରେ ଉଠୁଥିବା ଅନାବନା ଘାସକୁ ହାତରେ ବାଛିବା କମିଗଲାଣି । ଘାସମରା ଔଷଧରେ ଘାସ ମୂଳୋତ୍ପାଟନ କରାଯାଉଛି । ଏହା ଯଦିଓ ସାମୟିକ ସମସ୍ୟାର ସମାଧାନ କରିଦେଉଛି । ହେଲେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଲାଣି । ଘାସମରା ଔଷଧ ଚାଷୀଙ୍କ ବନ୍ଧୁ କୁହାଯାଉଥିବା ଜିଆବଂଶକୁ ଲୋପ କରିବାକୁ ବସିଲାଣି । ଦିନ ଥିଲା ଧାନ ବିଲରୁ ପ୍ରଚୁର କଙ୍କଡ଼ା, ମାଗୁର, ଲଇର, ଗେଟ୍ଟୁ, ବାମ୍ବି, ଗେରସା ଭଳି ଭଳିକି ଭଳି ଚୁନାମାଛ ମିଳୁଥିଲା । ବର୍ଷାଦିନେ ନଦୀନାଳର ପାଣି ଉଛୁଳି ଜମିରେ ମାଡୁଥିଲା । ମାଛ ଓ କଙ୍କଡ଼ା ବଂଶ ବିସ୍ତାର କରୁଥିଲେ । ଏବେ ଏହା ଦେଖିବାକୁ ବିରଳ ହେଲାଣି । ସମସ୍ୟା ସମ୍ପର୍କରେ ବ୍ଲକର ଅଗ୍ରଣୀ ଚାଷୀ ହରିଶ ମାହାତୋ କୁହନ୍ତି, ଗୋମହିଷାଦି ପ୍ରାଣୀ ସମ୍ପଦ ହ୍ରାସ ପାଇବା ଫଳରେ ଜୈବିକ ସାର ଯୋଗାଡ଼ କରିବା କଷ୍ଟକର ହେଉଛି। ଗୋବର ଖତ ଟ୍ରାକ୍ଟର ପିଛା ୩୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ବର୍ଷକୁ ବର୍ଷ ସାର ବ୍ୟବହାର ପରିମାଣ ବଢ଼ିବାରେ ଲାଗିଛି । ୨୦ ବର୍ଷ ପୂର୍ବେ ଖରିଫ ଚାଷ ସମୟରେ ବିଲରୁ ପ୍ରଚୁର କଙ୍କଡ଼ା, ମାଛ ମିଳୁଥିଲେ । ଏହା ଏବେ ଦେଖିବାକୁ ସ୍ୱପ୍ନ ହେଲାଣି। ପୂର୍ବରୁ ଜମିରେ ହିଡ଼ ଚଉଡ଼ା ୪ରୁ ୫ଫୁଟ ରହୁଥିଲା । ଦୁଇ ଜଣ ସହଜରେ ଚାଲି ଚାଲି ଯାଇ ପାରୁଥିଲେ। ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ଫଳରେ ହିଡ଼ ଚଉଡ଼ା ୧ ଫୁଟ୍‌ରେ ପହଞ୍ଚିଲାଣି । ତେଣୁ ସଂକୀର୍ଣ୍ଣ ହିଡ଼ ତଳେ ମାଛ, କଙ୍କଡ଼ା। ବଂଶବିସ୍ତାର କରିପାରୁନାହାନ୍ତି। ସରକାର ଜୈବିକ କୃଷିକୁ ଗୁରୁତ୍ୱ ଦେଉଛନ୍ତି। ଜମି ଉର୍ବରତା ଫେରାଇ ଆଣିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଗୋ-ପାଳନ, ଜୈବିକ ଖତ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଗଲେ ସମସ୍ୟା ଅନେକ ପରିମାଣରେ ସମାଧାନ ହୋଇପାରିବ ବୋଲି ଚାଷୀ ହରିଶ କହିଛନ୍ତି ।

## ଠିକାଦାରଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ ଶ୍ରମିକ

# ୨୫ ଶ୍ରମିକଙ୍କୁ ଉଦ୍ଧାର କରି ଗାଁକୁ ପଠାଇଲା ପୁଲିସ



ଖଲ୍ଲିକୋଟ,୦୮/୧୦
ନ୍ୟୁଜ ବ୍ୟୁରୋ

ବାହାର ଜିଲ୍ଲାରୁ କାମ କରିବାକୁ ଆସି ଠିକାଦାରଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ ଶ୍ରମିକ। ଅଭିଯୋଗ ପାଇବା ପରେ ୨୫ ଶ୍ରମିକଙ୍କୁ ଉଦ୍ଧାର କରି ନିଜେ ଗାଡି ଭଡ଼ା କରି ଗାଁକୁ ପଠାଇଲା ପୁଲିସ। ଗାଁକୁ ଫେରିବା ବେଳେ ନିର୍ଯାତିତ ଶ୍ରମିକଙ୍କ ଖୁସି କହିଲେ ନ ସରେ। ପୁଲିସ ଅଧିକାରୀଙ୍କୁ ମୁଣ୍ଡିଆ ମାରି ସେମାନଙ୍କୁ ଠିକାଦାରଙ୍କ କବଳରୁ ଉଦ୍ଧାର କରିଥିବାରୁ ପୁଲିସକୁ ଧନ୍ୟବାଦ ଦେଇଥିଲେ ଶ୍ରମିକମାନେ। ସୂଚନା ମୁତାବକ, ଖଲ୍ଲିକୋଟ ବ୍ଲକର ବିଭିନ୍ନ ଜାଗାରେ ଅଙ୍ଗନବାଡ଼ି ଘର, କୋଠା ଘର ଭଳି ବିଭିନ୍ନ ସରକାରୀ କାମ ଖଲ୍ଲିକୋଟ ବ୍ଲକର ସମ୍ପୃକ୍ତ ଠିକାଦାର କରୁଥିବା ବେଳେ ସେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶ୍ରମିକ ଆଣି କାମରେ ନିୟୋଜିତ କରୁଥିଲେ । ହେଲେ ଶ୍ରମିକ ମାନେ ପାରିଶ୍ରମିକ ମାଗିଲେ କିମ୍ବା ଗାଁକୁ ଯିବାକୁ କହିଲେ ସେମାନଙ୍କୁ ମାଡ଼ ମାରୁଥିଲେ ଠିକାଦାର। ଶ୍ରମିକ ମାନଙ୍କ ମୋବାଇଲ ଛଡ଼ାଇ ନେଇଥିବା ବେଳେ ୧୨ ରୁ ୧୩ ଘଣ୍ଟା କାମ କରୁଥିବା ଏବଂ ଖାଇବାକୁ ମାଗିଲେ ମାଡ଼ ମାରୁଥିବା ଅଭିଯୋଗ ହୋଇଥିଲା। ଜଣେ ଶ୍ରମିକ ସେଠାରୁ କୌଶଳ କ୍ରମେ ଖସି ଆସି ପରିବାରକୁ ଜଣାଇବା ପରେ ପରିବାର ସଦସ୍ୟ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପୁଲିସ ଟିମ୍ ସହ ପଥରା ଅଞ୍ଚଳରେ ଚଢ଼ାଉ କରି ଜିଲେନ ନାୟକ, ପିଙ୍କୁ ନାୟକ, ମାଧବ ନାୟକଙ୍କ ସମେତ ୨୫ ଜଣ ଶ୍ରମିକଙ୍କୁ ଉଦ୍ଧାର କରି ଫାଣ୍ଡିକୁ ଆଣିଥିଲେ। ବୁଧବାର ଭୋର ସମୟରେ ଗାଡି କରି ଶ୍ରମିକ ମାନଙ୍କୁ ନିଜ ନିଜ ଗାଁକୁ ପଠେଇଥିଲା ପୁଲିସ। ଯେଉଁଠିକୁ ବି କାମ କରିବାକୁ ଯାଆନ୍ତୁ, ଯଦି କୌଣସି ଅସୁବିଧା ହୁଏ, ତାହେଲେ ୧୧୨ ନମ୍ବରକୁ କଲ୍ କରିବାକୁ ଆଇଆଇସି ରମେଶ କୁମାର ପ୍ରଧାନ ଶ୍ରମିକ ମାନଙ୍କୁ ପରାମର୍ଶ ଦେଇଥିଲେ ।